RNI No.ODIODI/2010/33031
୧୬ ବର୍ଷ — Volume- 16
ISSUE -298 — ସଂଖ୍ୟା-୨୯୮
ଭୁବନେଶ୍ୱର, ଗୁରୁବାର ୧୨ ଫେବୃଆରୀ ୨୦୨୬
Bhubaneswar, Thursday 12 February, 2026
୦୮ ପୃଷ୍ଠା — Pages-08
ମୂଲ୍ୟ : ୨.୦୦ ଟଙ୍କା — Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com — RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁ ପାଇପ୍ ଜଳଯୋଗାଣ

ଭୁବନେଶ୍ୱର,୧୧।୨(ନି.ପ୍ର): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟରସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ। ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ପରାମର୍ଶ ଦେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ।



ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି।

ବୈଠକରୁ ଆହୁରି ମଧ୍ୟ ଜଣାଯାଇଛି ଯେ, ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ସେହିଭଳି, ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ ୨, ୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ, ଏବଂ ୨୬, ୧୩୭ଟି ନଳକୂପ ସ୍ଥାପିତ ହୋଇଛି। ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେଡ୍ ଡିଲ୍ ନୁହେଁ, ଆତ୍ମସମର୍ପଣ : ରାହୁଲ

ନୂଆଦିଲ୍ଲୀ,୧୧।୨: ବେଶ କିଛି ଦିନର ନାରାବାଜୀ ଓ ହଟ୍ଟଗୋଳ ପରେ ଆଜି ଲୋକସଭାରେ ବଜେଟ ଉପରେ ହୋଇଛି ସ୍ୱାଭିବକ ଆଲୋଚ଼ନା। ତେବେ ଲୋକସଭାରେ ନିଜର ଅଭିଭାଷଣ ରଖିବା ସମୟରେ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଆମେରିକା ଓ ଭାରତ ମଧ୍ୟରେ ନିକଟରେ ଚୂଡାନ୍ତ ହୋଇଥିବା ବାଣିଜ୍ୟ ଡିଲକୁ ସେ ସମାଲୋଚ଼ନା କରିଛନ୍ତି। ଡିଲ ପାଇଁ ସରକାର ଲଜ୍ଜିତ ହେବା କଥା ବୋଲି ସେ କହିଛନ୍ତି। ନିଜ ଆକ୍ରମଣକୁ ତୀବ୍ର କରି ରାହୁଲ ଗାନ୍ଧି କହିଛନ୍ତି ଯେ "କେନ୍ଦ୍ର ସରକାର 'ଭାରତକୁ ବିକ୍ରି' କରି ଦେଇଛନ୍ତି। ଆମେରିକୀୟ ଦ୍ରବ୍ୟକୁ ଭାରତୀୟ ବଜାରରେ ପ୍ରବେଶ ପାଇଁ ସରକାର ଅନୁମତି ଦେଇ ଚ଼ାଷୀଙ୍କ ଜୀବନ ଜୀବିକାକୁ ବିପଦରେ ପକାଇ ଦେଇଛନ୍ତି। ଆପଣ ଭାରତକୁ ବିକ୍ରି କରି ଦେଇଛନ୍ତି। ଭାରତକୁ ବିକ୍ରି କରୁଥିବାରୁ ଆପଣଙ୍କୁ ଲାଜ ଲାଗୁନାହିଁ। ଆପଣ ଆମ ମା'ଙ୍କୁ, ଭାରତ ମାତାଙ୍କୁ ବିକ୍ରି କରିଦେଇଛନ୍ତି।"



ରାହୁଲ ଗାନ୍ଧିଙ୍କ କହିବା କଥା ଯେ ଏହି ଡିଲ ହୋଲସେଲ ଆତ୍ମସମର୍ପଣ। ଡିଲ ବଳରେ ଭାରତର ଶକ୍ତି ସୁରକ୍ଷାକୁ ଆମେରିକା ହାତରେ ନ୍ୟସ୍ତ କରାଯାଇଛି। ଭାରତର ଚ଼ାଷୀଙ୍କ ସ୍ୱାର୍ଥକୁ ବୁଝାମଣା କରାଯାଇଛି। ଯଦି ଇଣ୍ଡିଆ ବ୍ଲକ ସରକାର ବାଣିଜ୍ୟ ଡିଲକୁ ନେଇ ଆମେରିକା ସହ ଆଲୋଚ଼ନା କରିଥାଆନ୍ତା, ତା'ହେଲେ ନିଶ୍ଚିତ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭାରତ ସହ ସମାନ ବ୍ୟବହାର ପ୍ରଦର୍ଶନ କରିବାକୁ କହିଥାଆନ୍ତା ବୋଲି ସେ କହିଛନ୍ତି।

ରାହୁଲ କହିଛନ୍ତି, "ଏହା ସଂପୂର୍ଣ୍ଣ ଭାବେ ଆତ୍ମସମର୍ପଣ। ଏହା ଏକ ଟ୍ରାଜେଡୀ। କାରଣ ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଆତ୍ମସମର୍ପଣ ନୁହେଁ। ସେ ୧୫୦ କୋଟି ଭାରତୀୟଙ୍କ ଭବିଷ୍ୟକୁ ସରେଣ୍ଡର କରି ଦେଇଛନ୍ତି। ସେ ବିଜେପିର ଆର୍ଥିକ ଆର୍କିଟେକଚ଼ରକୁ ସୁରକ୍ଷା ଦେବା ପାଇଁ ଦେଶର ଭବିଷ୍ୟତକୁ ବନ୍ଧା ପକାଇ ଦେଇଛନ୍ତି। ଚ଼ାଷୀଙ୍କ ସ୍ୱାର୍ଥରେ ବୁଝାମଣା କରାଯାଇଛି। ଆମେରିକାରୁ କୃଷି ଜାତୀୟ ଦ୍ରବ୍ୟର ବନ୍ୟା ଭାରତୀୟ ମାର୍କେଟକୁ ଆସିବାରୁ ଚ଼ାଷୀମାନେ ଗୋଟିଏ ଝଡର ସମ୍ମୁଖୀନ ହେଉଛନ୍ତି। ଭାରତର ବୟନଶିଳ୍ପ ଖତମ ହୋଇଯାଇଛି। ଆମେ ଗୋଟିଏ ସମସ୍ୟା ମୂଳକ ସମୟ ଆଡକୁ ଯାଉଛୁ ଓ ଦେଶକୁ ବିକ୍ରି କରାଯାଉଛି। ଦେଶକୁ ବିକ୍ରି କରି ଦିଆଯାଇଛି। ଦେଶର ତଥ୍ୟକୁ ବିକ୍ରି କରାଯାଇଛି। ଦେଶର ଚ଼ାଷୀଙ୍କୁ ବିକି ଦିଆଯାଇଛି।"

## ସାମ୍ନାକୁ ଆସିଲା ସତ୍ୟବ୍ରତ ହତ୍ୟାକାଣ୍ଡର କାରଣ

# କ୍ରାଇମ ସ୍ପଟ୍‌ରେ ଡେମୋ ଦେଖାଇଲା ଅଭିଯୁକ୍ତ ଦୀନେଶ

ଭୁବନେଶ୍ୱର,୧୧।୨: ରାଜଧାନୀ ଭୁବନେଶ୍ୱର ନୀଳାଦ୍ରିବିହାର ସତ୍ୟବ୍ରତ ହତ୍ୟା ଘଟଣା ଉପରୁ ପୁଲିସ୍ ପର୍ଦ୍ଦା ଉଠାଇଛି। କେମିତି ହେଇଥିଲା ହତ୍ୟାକାଣ୍ଡ ତାହା ଜଣାପଡିଛି। ଏନେଇ ଗତକାଲିଠୁ ଲିଜା-ଦିନେଶଙ୍କୁ ଏକାଠି ଜେରା କରୁଛି ପୋଲିସ୍। ଆଉ ଜେରାରେ ଖୋଲିଛି ଚ଼ାଞ୍ଚଲ୍ୟକର ତଥ୍ୟ। ଆଜି (ବୁଧବାର) ଏନେଇ ପ୍ରେସମିଟ୍ କରି ସୂଚ଼ନା ଦେଇଛନ୍ତି ଭୁବନେଶ୍ୱର ଏସିପି ସୋନାଲ୍ ସିଂ।

ତ୍ରିକୋଣୀୟ ପ୍ରେମରୁ ସତ୍ୟବ୍ରତକୁ ହତ୍ୟା କରାଯାଇଥିବା ଏସିପି ସୋନାଲ ସିଂ ପରମାର୍ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦିନେଶ ଏକମାତ୍ର ଅଭିଯୁକ୍ତ ରହିଛି। ଯେଉଁ ଲିଜାଙ୍କୁ ନେଇ ତ୍ରିକୋଣୀୟ ପ୍ରେମ ବୋଲି କୁହାଯାଉଥିଲା, ତାଙ୍କର ହତ୍ୟାରେ କୌଣସି ସମ୍ପୃକ୍ତି ନାହିଁ। ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ନ ଥିବା ମଧ୍ୟ ସ୍ପଷ୍ଟ ହୋଇଛି। ଦିନେଶ ଗୋଟିଏ ରୁମ୍‌ରେ ଲିଜା ଏବଂ ସତ୍ୟବ୍ରତଙ୍କୁ ପାଇ ଆକ୍ରମଣ କରିଥିଲା। ଲିଜା ସତ୍ୟବ୍ରତଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା, ତେଣୁ ତାହାର ହତ୍ୟା ସମ୍ପୃକ୍ତି ନାହିଁ। ପୂର୍ବରୁ କିଛି ଦିନ ପାଇଁ ଦିନେଶ ଓ ଲିଜା ଲିଭ୍ ଇନ୍‌ରେ ରହୁଥିଲେ। ଏହାପରେ ଦିନେଶ ତାଙ୍କ ଠାରୁ ଅଲଗା ହୋଇ ଜଗତସିଂହପୁର ଯାଇଥିଲେ। ଯେଉଁ ଦିନ ଘଟଣା ଘଟିଥିଲା, ସେଦିନ ଲିଜା ଦିନେଶଙ୍କ ଫୋନ୍ ନ ଉଠାଇବାରୁ ସନ୍ଦେହ କରିଥିଲେ। ଏହାପରେ ଦିନେଶ ସିଧା ଲିଜାଙ୍କ ରୁମ୍‌କୁ ଆସି ସେଠାରେ ଲିଜଙ୍କ ସହ ସତ୍ୟବ୍ରତକୁ ଦେଖିବା ପରେ ହତ୍ୟାକାଣ୍ଡ ଘଟାଇଥିଲା। ସତ୍ୟବ୍ରତ ଯେଉଁ କାର୍ ଚ଼ଳାଉଥିଲେ ତାହାକୁ ମାଲିକ ନେଲା ବେଳେ ଦୁର୍ଘଟଣା ଘଟିଥିଲା। କାର୍ ମାଲିକ ଯେଉଁ ଡ୍ରାଇଭରଙ୍କୁ ଦେଇଥିଲେ ସେ ମଦ ପିଇ ଦୁର୍ଘଟଣା ଘଟାଇଥିଲେ। ସେପଟେ ଦିନେଶ ନୀଳାଦ୍ରିବିହାରର ଯେଉଁ ଘରେ ଛୁରାମାଡ କରିଥିଲା ତାହା କ୍ରାଇମସିନ୍ ରିକ୍ରିଏସନ୍ କରି ଦେଖାଉଛି।



ଲିଜାଙ୍କୁ କ୍ଲିନ୍‌ଚିଟ୍

# କୋଟିପତି କିରାଣୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,୧୧।୨(ନି.ପ୍ର.):ଭିଜିଲାନ୍ସ ପଞ୍ଜାରେ ପଡ଼ିଥିବା ଅନୁଗୁଳ ଜିଲ୍ଲା ସିଡିଏମଓ କାର୍ଯ୍ୟାଳୟର କନିଷ୍ଠ ସହାୟକଙ୍କ ସୁବ୍ରତ ବେହେରାଙ୍କର ପୁଳା ପୁଳା ସମ୍ପତ୍ତି ଠାବ ହୋଇଛି। ସରକାରୀ ଅର୍ଥକୁ ଆତ୍ମସାତ୍ କରି ଗଢ଼ିଛନ୍ତି ଆରାମ ଦାୟକ ଦାମୀ କୋଠା ଏବଂ ରଖିଛନ୍ତି ପୁଳା ପୁଳା ସୁନା।

ଅନୁଗୁଳ ଜିଲ୍ଲା ସିଡିଏମ୍‌ଓ କାର୍ଯ୍ୟାଳୟର କନିଷ୍ଠ ସହାୟକ ସୁବ୍ରତ କୁମାର ବେହେରା ୨ କୋଟି ୩୮ ଲକ୍ଷ ସରକାରୀ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହା ପରେ ଭିଜିଲାନ୍ସ ଚ଼ଢ଼ଉ କରିଛି। ଆଜି ସକାଳୁ ସୁବ୍ରତ ବେହେରାଙ୍କର ୫ ଟି ଠିକଣାରେ ଚ଼ଢ଼ଉ କରାଯାଇଥିଲା। ଅନୁଗୁଳ, ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି। ନାଲକୋ ନଗର ଥାନା ଅଧିନସ୍ଥ ବୋଣ୍ଡା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର, ଢେଙ୍କାନାଳ ଜିଲ୍ଲା ହିନ୍‌ଦୋଳ ବ୍ଲକ୍ ବାଁଉଶପୋଖରୀ ଗ୍ରାମରେ ଥିବା ପୈତୃକ ବାସଭବନ, ଭୁବନେଶ୍ୱର ଶ୍ରୀବିହାରରେ ଥିବା ସମ୍ପର୍କୀୟଙ୍କ ଭଡ଼ା ଘର ଏବଂ ଅନୁଗୁଳ ସିଡଏମ୍‌ଓ କାର୍ଯ୍ୟାଳୟରେ ଥିବା ଅଫିସ୍ ରୁମରେ ଚ଼ଢ଼ଉ ହୋଇଛି। ଯାଞ୍ଚବେଳେ ପୁଳା ପୁଳା ସମ୍ପତ୍ତି ଲାଗିଛି। ଅନୁଗୁଳ ଟାଉନ ହାକିମପଡ଼ାରେ ଥିବା ୪୫୦୦ ବର୍ଗ ଫୁଟରେ ତିନି ମହଲା କୋଠା, ୪୫୦ ଗ୍ରାମ ସୁନା ଅଳଙ୍କାର, ସ୍କୋଡା କମ୍ପାନୀର ଦାମୀ କାର, ୩ଟି ଦୁଇ ଚ଼କିଆ ଯାନ ଓ ବ୍ୟାଙ୍କ ପାସ ବୁକ୍, ଡାକ ଜମା ଏବଂ ଅନ୍ୟାନ୍ୟ ଜମା ରାଶି ମିଳିଛି। ଖବର ଲେଖାଯିବା ବେଳେକୁ ସମ୍ପତ୍ତିର ଆକଳନ କରାଯାଇନଥିଲା। ଏହି ଚ଼ଢ଼ଉରେ ଭିଜିଲାନ୍ସ ବିଭାଗର ୫ ଜଣ ଡିଏସପି, ୮ ଇନସ୍ପେକ୍ଟର, ୧୪ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚ଼ାରୀ ସାମିଲ ଅଛନ୍ତି। ଶ୍ରୀ ବେହେରା ୨୦୧୧ ରୁ ୨୦୧୭ ମସିହା, ମାତ୍ର ୬ ବର୍ଷ ମଧ୍ୟରେ ତାଙ୍କ ଦରମାରୁ ଅଧିକ ଟଙ୍କା ଉଠାଇ ୨.୩୮ କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ସେହି ଟଙ୍କା ଏସବିଆଇର ଅନୁଗୁଳ ଶାଖାର ପରିଚ଼ାଳିତ ଦରମା ଆକାଉଣ୍ଟରେ ଜମା କରାଯାଇଛି। ଏହି ଟଙ୍କା ହଡ଼ପ କରିବା ପରେ ସେ ଅକ୍ଟୋବର ୨୦୨୫ ରୁ ଫେରାର ଥିଲେ। ୨୦୦୭ ସେପ୍ଟେମ୍ବର ୧୦ରେ ସୁବ୍ରତ ଆଠମଲ୍ଲିକର କାର୍ଯ୍ୟାଳୟ ଏସଡିଏମଓରେ ଜୁନିଅର ସହାୟକ ଭାବରେ ଯୋଗ ଦେଇଥିଲେ। ତାଙ୍କର ପ୍ରାରମ୍ଭିକ ମାସିକ ଦରମା ମାତ୍ର ୮,୦୦୦ ଥିଲା। ସେ ସେଠାରେ ଜୁନିଅର ସହାୟକ ପଦବୀରେ କାର୍ଯ୍ୟ କରୁଥିଲେ। ୨୦୦୯ ରେ ତାଙ୍କୁ ତାଳଚେରର କାର୍ଯ୍ୟାଳୟ ଏସଡିଏମଓ ଓ ୨୦୧୧ରେ ଅନୁଗୁଳର କାର୍ଯ୍ୟାଳୟ ଏସଡିଏମଓରେ ଜୁନିଅର ସହାୟକ ଭାବରେ ବଦଳି କରାଯାଇଥିଲା।



# ସହରାଞ୍ଚଳ ପ୍ରଶାସନରେ ସୁଦୃଢ଼ ହେବ ଏଆଇ ବ୍ୟବସ୍ଥା

ଭୁବନେଶ୍ୱର୧୧।୨(ନି.ପ୍ର.): ରାଜ୍ୟର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ ହେବ। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର 'ଏଆଇଆରଏଡବ୍ଲୁଏଟି ରିସର୍ଚ୍ଚ ଫାଉଣ୍ଡେସନ' (ଏଆରଏଫ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଉଷା ପାଢ଼ୀ ଏବଂ ଏଆରଏଫର ସିଇଓ ଅମର ନାଥଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଉଷା ପାଢୀ କହିଛନ୍ତି ଯେ ଓଡ଼ିଶା ନିଜର ସହରଗୁଡ଼ିକୁ କେବଳ ସ୍ମାର୍ଟ ନୁହେଁ, ବରଂ ଅଧିକ ସମ୍ବେଦନଶୀଳ ଏବଂ ସମାବେଶୀ କରିବାକୁ ପ୍ରତିବଦ୍ଧ। ଏହି ସହଭାଗିତା ଏଆଇ ସହାୟତାରେ ସହରାଞ୍ଚଳ ସେବା ପ୍ରଦାନକୁ ଉନ୍ନତ କରିବ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବ। ସେହିପରି ଏଆରଏଫ୍ ସିଇଓ ଅମର ନାଥ କହିଛନ୍ତି ଯେ, ସରକାର ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏଭଳି ସହଯୋଗ ଦ୍ୱାରା ଏଆଇ ସମାଧାନଗୁଡ଼ିକୁ ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ବିକଶିତ କରାଯାଇପାରିବ। ଏଆରଏଫ୍ ଓଡ଼ିଶାରେ ଏକ ଦୃଢ଼ ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ବ୍ୟବସ୍ଥା ଗଠନ ପାଇଁ ପୂର୍ଣ୍ଣ ସହଯୋଗ କରିବ। ଏହି ସହଭାଗିତା ମାଧ୍ୟମରେ ଏଆରଏଫ୍ ବିଭାଗର ଏଆଇ ଇନୋଭେସନ ପାର୍ଟନେର ଭାବରେ କାର୍ଯ୍ୟ କରିବ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ଏଆଇ (AI-PMU) ପ୍ରତିଷ୍ଠା କରାଯିବ, ଯାହା ଏଆଇ କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିବ। ରାଜ୍ୟ ପାଇଁ ଏକ ଦୀର୍ଘକାଳୀନ ଏଆଇ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ, ଯାହା ପୌରସଂସ୍ଥା ଗୁଡ଼ିକରେ ବୈଷୟିକ ସଂସ୍କାର ଆଣିବ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚ଼ାରୀଙ୍କୁ ଏଆଇର ନୈତିକ ଏବଂ ସ୍ୱଚ୍ଛ ପ୍ରୟୋଗ ପାଇଁ ତାଲିମ ପ୍ରଦାନ କରାଯିବ।

ଏହି ସହଭାଗିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଡକ୍ଟର ସୁବ୍ରତ ବିଶ୍ୱାଳଙ୍କ ନେତୃତ୍ୱରେ 'eGov' ଫାଉଣ୍ଡେସନ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ରଏକ୍ଟଙ୍କ ଟିମର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଜି ଭାରତ ବନ୍ଦ

ଭୁବନେଶ୍ୱର,୧୧।୨(ନି.ପ୍ର): ଆସନ୍ତାକାଲି ଭାରତ ବନ୍ଦ ରହିବ। ଦେଶର ୧୦ଟି ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ତେଣୁ ଆସନ୍ତାକାଲି ବ୍ୟାଙ୍କ ସେବା, ସରକାରୀ କାର୍ଯ୍ୟକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ପରିବହନ ସେବା ଏବଂ ବଜାର ଗୁରୁତର ଭାବେ ପ୍ରଭାବିତ ହେବାର ଅନୁମାନ କରାଯାଉଛି। କେନ୍ଦ୍ର ସରକାର ନୂତନ ଶ୍ରମ ଆଇନକୁ ବିରୋଧ କରି ଆନ୍ଦୋଳନର ଡାକରା ଦିଆଯାଇଛି। ଏହି ନୂତନ ଶ୍ରମ ଆଇନ ଦ୍ୱାରା କର୍ମଚ଼ାରୀଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ସହିତ ନିଯୁକ୍ତି ସୁରକ୍ଷା ମଧ୍ୟ ହ୍ରାସ ପାଇବ। ଏହା କର୍ମଚ଼ାରୀଙ୍କୁ ନିଯୁକ୍ତି ଏବଂ ବହିଷ୍କାର କରିବାକୁ ନିଯୁକ୍ତିଦାତାଙ୍କୁ ଅଧିକ ସହାୟକ ହେବ। ତତ ସହିତ କର୍ମଚ଼ାରୀଙ୍କ ଦରମା ଏବଂ ସାମାଜିକ ସୁରକ୍ଷାକୁ ନେଇ ଅଭିଯୋଗ କରିଛନ୍ତି। ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଟିୟୁସିସି, ସେୱା, ଏଆଇସିସିଟିୟୁ, ଏଲପିଏଫ୍ ଏବଂ ୟୁଟିୟୁସି ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଟ୍ରେଡ୍ ୟୁନିଅନର ଏହି ବନ୍ଦ ଡାକରାକୁ କୃଷକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ବନ୍ଦ ପାଳନରେ ୩୦ କୋଟିରୁ ଉର୍ଦ୍ଧ୍ୱ ଶ୍ରମିକ ସାମିଲ ହେବେ ବୋଲି କୁହାଯାଉଛି। ଓଡ଼ିଶାରେ କଂଗ୍ରେସ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଦେଇଛି। ବନ୍ଦ ଡାକରା ଯୋଗୁଁ ବ୍ୟାଙ୍କ୍ ସେବା ପ୍ରଭାବିତ ହୋଇପାରେ। ତତସହିତ ପରିବହନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଗୁରୁତର ପ୍ରଭାବିତ ହୋଇପାରନ୍ତି। ବିଶେଷ କରି ସହରାଞ୍ଚଳରେ ବନ୍ଦର ପ୍ରଭାବ ରହିପାରେ। ତେବେ ଏହି ବନ୍ଦରୁ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଛି। ସମସ୍ତ ମେଡ଼ିକାଲ ଖୋଲା ରହିବ।

## ସ୍କୁଲରେ ଗୁଳିମାଡ଼, ୧୦ ମୃତ

କାନାଡା,୧୧।୨: ସ୍କୁଲ ଭିତରେ ପଶି ଗୁଳି ମାଡ କରିଛନ୍ତି ଜଣେ ମହିଳା। ଏଥିରେ ଗୁଳି ମାଡ କରିଥିବା ମହିଳାଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ହୋଇଛି। କାନାଡାର ବ୍ରିଟିଶ କଲୋମ୍ବିଆ ଅନ୍ତର୍ଗତ ଟୁମ୍ବଲେର ରିଡଜ ସ୍ଥିତ ଗୋଟିଏ ସେକେଣ୍ଡାରୀ ସ୍କୁଲରେ ଏତେ ବଡ ଘଟଣା ଘଟିଛି। ଏହା କାନାଡା ଇତିହାସରେ ଅନ୍ୟତମ ବଡ ନରସଂହାର। ଫେବୃଆରୀ ୧୦ ତାରିଖ ଦିନ ୧.୨୦ରେ ସେକେଣ୍ଡାରୀ ସ୍କୁଲରେ ଜଣେ ସକ୍ରିୟ ଶୁଟରଙ୍କ ସମ୍ପର୍କରେ ଖବର ପାଇଥିଲା ରୟାଲ କାନାଡିଆନ ମାଉଣ୍ଟେଡ ପୁଲିସ୍। ଖବର ପାଇ ଗୋଟିଏ ସ୍ୱତନ୍ତ୍ର ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ ସ୍କୁଲ ପରିସରରୁ ପ୍ରଥମେ ୬ ଜଣଙ୍କ ମୃତଦେହ ଜବତ ହୋଇଥିଲା। କିନ୍ତୁ ଏହା ମଧ୍ୟରେ ମହିଳା ଶୁଟର ନଥିଲେ।

# କଠୋର ହେଲା ଏଆଇ ନିୟମ

ନୂଆଦିଲ୍ଲୀ,୧୦।୨: ଏଆଇ ଏବଂ ଡିପଫେକ୍‌ର ଅପବ୍ୟବହାର ରୋକିବା ପାଇଁ ଭାରତ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଆଇଟି ନିୟମ ଅନୁଯାୟୀ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ଯେକୌଣସି ଆପତ୍ତିଜନକ ବିଷୟବସ୍ତୁକୁ ମାତ୍ର ୩ ଘଣ୍ଟା ମଧ୍ୟରେ ହଟାଇବାକୁ ପଡ଼ିବ। ଏହି ନିୟମ ଫେବୃଆରୀ ୧୦ରେ ଅଧିସୂଚିତ ହୋଇଥିବା ବେଳେ ଫେବୃଆରୀ ୨୦ ରୁ ସାରା ଦେଶରେ କାର୍ଯ୍ୟକାରୀ ହେବ।

ଯଦି କୌଣସି ଅଡିଓ, ଭିଡିଓ କିମ୍ବା ଫଟୋ ଏଆଇ ସାହାଯ୍ୟରେ ତିଆରି କରାଯାଇଛି, ତେବେ ପ୍ଲାଟଫର୍ମଗୁଡ଼ିକୁ ସେଥିରେ ସ୍ପଷ୍ଟ ଭାବେ ଏଆଇ ଜେନେରେଟେଡ୍ ଲେବଲ୍ ଲଗାଇବାକୁ ହେବ। ଏହାକୁ ସିନ୍ଥେଟିକାଲି ଜେନେରେଟେଡ୍ ଇନଫର୍ମେସନ୍ (ଏସ୍‌ଜିଆଇ) ଶ୍ରେଣୀଭୁକ୍ତ କରାଯାଇଛି। ପୂର୍ବରୁ କୌଣସି କ୍ଷତିକାରକ ପୋଷ୍ଟ ହଟାଇବା ପାଇଁ ୩୬ ଘଣ୍ଟା ସମୟ ମିଳୁଥିବା ବେଳେ, ଏବେ ଏହାକୁ କମାଇ ମାତ୍ର ୩ ଘଣ୍ଟା କରାଯାଇଛି। ସେହିପରି ଅନ୍ୟାନ୍ୟ ଅଭିଯୋଗର ସମାଧାନ ସମୟ ସୀମା ମଧ୍ୟ ୧୫ ଦିନରୁ ୭ ଦିନକୁ ହ୍ରାସ କରାଯାଇଛି। ବର୍ତ୍ତମାନ ବ୍ୟବହାରକାରୀମାନେ କୌଣସି ବିଷୟବସ୍ତୁ ଅପଲୋଡ୍ କରିବା ସମୟରେ ତାହା ଏଆଇ ଦ୍ୱାରା ପ୍ରସ୍ତୁତ କି ନୁହେଁ, ସେ ନେଇ ଘୋଷଣା କରିବାକୁ ବାଧ୍ୟ ପ୍ଲାଟଫର୍ମଗୁଡ଼ିକୁ ସ୍ୱୟଂଚ଼ଳିତ ଟୁଲ୍ସ ବ୍ୟବହାର କରି ଏହାର ସତ୍ୟାସତ୍ୟ ଯାଞ୍ଚ କରିବାକୁ ପଡ଼ିବ। କଣ୍ଟେଣ୍ଟରେ ମେଟାଡାଟା ବା ବିଶେଷ ଚିହ୍ନଟ ପ୍ରକ୍ରିୟା ବ୍ୟବହାର କରାଯିବ, ଯାହାଦ୍ୱାରା ଭ୍ରମାତ୍ମକ ଡିପଫେକ୍ ଭିଡିଓ ପ୍ରକୃତରେ କେଉଁଠୁ ଆରମ୍ଭ ହୋଇଛି ତାହା ଜଣାପଡ଼ିବ।

## ଡାହୁକ



-ବିଧୁ

# ନକ୍ସଲଙ୍କ ପାଇଁ ଅନ୍ତିମ ଆହ୍ୱାନ : ସଂଶୋଧିତ ଆତ୍ମସମର୍ପଣ ଓ ପୁନର୍ବାସ ଯୋଜନା

ଭୁବନେଶ୍ୱର,୧୧।୨(ନି.ପ୍ର.): ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି। ନକ୍ସଲମାନଙ୍କୁ ଆତ୍ମସର୍ମପଣ ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଗୃହ ବିଭାଗ ମାତ୍ର ୩ମାସ ମଧ୍ୟରେ ଦ୍ୱିତୀୟଥର ସଂଶୋଧିତ ଆତ୍ମସମର୍ପଣ ଓ ପୁନର୍ବାସ ଯୋଜନାର ବିଜ୍ଞପ୍ତି ଜାରି କରିଛନ୍ତି ଆତ୍ମସମର୍ପଣର ୬୦ ଦିନ ମଧ୍ୟରେ ଥଇଥାନ ପ୍ୟାକେଜ୍ ଚୂଡ଼ାନ୍ତ କରାଯିବ ଓ ୧୮୦ଦିନ ମଧ୍ୟରେ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବାକୁ ସଂଶୋଧିତ ବିଜ୍ଞପ୍ତି ଜାରି ହୋଇଛି। ଏପରିକି ରାଜ୍ୟବାହାରର ନକ୍ସଲମାନେ ଚ଼ାହିଁଲେ ଓଡ଼ିଶାର ଏହି ଥଇଥାନ ପ୍ୟାକେଜର ସମସ୍ତ ସୁବିଧା ନେଇପାରିବେ। ରାଜ୍ୟ ଗୃହ ବିଭାଗ ଗତ ୨୦୨୫ ନଭେମ୍ବର ୨୭ ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନିମାସ ମଧ୍ୟରେ ପୁଣିଥରେ ସଂଶୋଧନ କରିଛନ୍ତି। ପୂର୍ବର ସମସ୍ତ ପୁନର୍ବାସ ନୀତି(ଥଇଥାନ ପ୍ୟାକେଜ)କୁ ରଦ୍ଦ କରି ଫେବୃୟାରୀ ୯ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ରାଜ୍ୟ ସରକାର ଅଧିକ ବ୍ୟାପକ ଓ ଆକର୍ଷଣୀୟ କରିଛନ୍ତି।ଏହି ନୂତନ ନୀତିରେ ନାକେବଳ ପୁରସ୍କାର ରାଶି ବୃଦ୍ଧି କରାଯାଇଛି, ବରଂ ଆତ୍ମସମର୍ପଣକାରୀଙ୍କୁ ନୂଆ। ଜୀବନ ଦେବା ପାଇଁ ଶିକ୍ଷା, ଆବାସ ଓ ସ୍ଥାୟୀ ରୋଜଗାରର ଗ୍ୟାରେଣ୍ଟି ମଧ୍ୟ ଦିଆଯାଇଛି।କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସଦ୍ୟତମ ଗାଇଡଲାଇନ୍ ଅନୁରୂପ ପ୍ରସ୍ତୁତ ଏହି ଥଇଥାନ ପ୍ୟାକେଜ୍ ମାଧ୍ୟମରେ ସରକାର ହିଂସା ଛାଡ଼ି ମୁଖ୍ୟଧାରାରେ ସାମିଲ ହେବାକୁ ନକ୍ସଲମାନଙ୍କୁ ଶେଷ ସୁଯୋଗ ପ୍ରଦାନ କରିଛନ୍ତି।ଏହା କେବଳ ଏକ ଥଇଥାନ ପ୍ୟାକେଜ୍ ନୁହେଁ, ବରଂ ନକ୍ସଲମାନଙ୍କ ପାଇଁ ସରକାରଙ୍କ ଅନ୍ତିମ ଆହ୍ୱାନ ବୋଲି ଜଣାପଡ଼ିଛି। ଗୃହ ବିଭାଗ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ଏହି ସଂଶୋଧିତ ଥଇଥାନ ପ୍ୟାକେଜ୍ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ ପାଇଁ ନୂଆ। ନିୟମ ଯୋଡ଼ାଯାଇଛି। ନୂତନ ନିୟମ ଅନୁସାରେ, ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହଁନ୍ତି। କିନ୍ତୁ ଓଡ଼ିଶାରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ। ସେହିପରି ଓଡ଼ିଶାର ବାସିନ୍ଦା ଯେଉଁମାନେ ଛତିଶଗଡ଼, ମହାରାଷ୍ଟ୍ର ବା ଆନ୍ଧ୍ର ଭଳି ରାଜ୍ୟରେ ସକ୍ରିୟ ଅଛନ୍ତି, ସେମାନଙ୍କୁ ସମ୍ପୃକ୍ତ ଜିଲ୍ଲାର ଏସପିଙ୍କ ପ୍ରମାଣପତ୍ର ଓ ଅନ୍ୟ ରାଜ୍ୟର ନୋ ଅବଜେକ୍ସନ ସାର୍ଟିଫିକେଟ' ଆଧାରରେ ଓଡ଼ିଶାରେ ଆତ୍ମସମର୍ପଣ କରିବାର ସୁବିଧା ମିଳିବି।

ଏହି ନୂତନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଡ଼ୋଶୀ ରାଜ୍ୟରୁ ଆସୁଥିବା କ୍ୟାଡରଙ୍କୁ ଆତ୍ମସମର୍ପଣ ପାଇଁ ପ୍ରୋତ୍ସାହିତ କରିବା ଓ ସମଗ୍ର ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ (ଏସଆରଇ) ଯୋଜନା ସହ ଅଧିକ ସମନ୍ୱିତ କରିବ ବୋଲି ଜଣାପଡ଼ିଛି।

ଆତ୍ମସମର୍ପଣକାରୀ ନକ୍ସଲମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ୩୬ ମାସ ବା ୩ ବର୍ଷ ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କାର ଷ୍ଟାଇପେଣ୍ଡ୍ ସହ ମାଗଣାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ। ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଘର, ସ୍ୱାସ୍ଥ୍ୟ କାର୍ଡ ଓ ମାଗଣା ବା ସବସିଡିଯୁକ୍ତ ରାସନ ଯୋଗାଇ ଦିଆଯିବ। ଅବିବାହିତଙ୍କ ପାଇଁ ବିବାହ ନିମନ୍ତେ ୨୫ହଜାର ଟଙ୍କାର ଏକକାଳୀନ ସହାୟତା ରାଶି ମଧ୍ୟ ରହିଛି। ଯଦି କୌଣସି ଦମ୍ପତି ଏକାଠି ଆତ୍ମସମର୍ପଣ କରନ୍ତି, ତେବେ ସେମାନଙ୍କୁ ଦୁଇଟି ପୃଥକ ୟୁନିଟ୍ ଭାବେ ଗ୍ରହଣ କରାଯାଇ ସମସ୍ତ ସୁବିଧା ଦିଆଯିବ।

ଏହି ଯୋଜନାର ସୁବିଧା ପାଇବାକୁ ହେଲେ ଆତ୍ମସମର୍ପଣକାରୀ ନକ୍ସଲଙ୍କୁ ନିଜର ସଂଗଠନ, ସହଯୋଗୀ ଓ ଆର୍ଥିକ ଉତ୍ସ ବିଷୟରେ ସବିଶେଷ ତଥ୍ୟ ଦେବା ସହ ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାରୋକ୍ତି କରିବାକୁ ପଡ଼ିବ। ଆତ୍ମସମର୍ପଣର ୬୦ଦିନ ମଧ୍ୟରେ ଥଇଥାନ ପ୍ୟାକେଜ୍ ଚୂଡ଼ାନ୍ତ ହେବ ଓ ୧୮୦ ଦିନ ମଧ୍ୟରେ ଏହାକୁ ସରକାର କାର୍ଯ୍ୟକାରୀ ମଧ୍ୟ କରାଇବେ। ଯଦି କୌଣସି ବ୍ୟକ୍ତି ପୁନର୍ବାର ଉଗ୍ରବାଦୀ କାର୍ଯ୍ୟକଳାପକୁ ଫେରନ୍ତି, ତେବେ ସମସ୍ତ ସରକାରୀ ସହାୟତା ଓ ସମ୍ପତ୍ତି ବ୍ୟାଜ୍ୟାପ୍ତି କରାଯିବ ଓଡ଼ିଶାକୁ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ଏହି ନୂତନ ଓ ଆକର୍ଷଣୀୟ ନୀତିକୁ ଅଧିକ ପ୍ରଭାବଶାଳୀ କରାଯାଇଛି।ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶିକୁ ଅତ୍ୟଧିକ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଂଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି।ଏହାବ୍ୟତୀତ, ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ୍ ଡିପୋଜିଟ୍ ଆକାରରେ ଦିଆଯିବ। ଯଦି କୌଣସି କ୍ୟାଡରଙ୍କ ଉପରେ ପୂର୍ବରୁ ଘୋଷିତ ପୁରସ୍କାର ରାଶି ଥଇଥାନ ସହାୟତାଠାରୁ ଅଧିକ ହୁଏ, ତେବେ ତାଙ୍କୁ ସେହି ଅଧିକ ରାଶି ପ୍ରଦାନ କରାଯିବ ଶ୍ରେଣୀଭିତ୍ତିକ ସହାୟତାରେ 'ବର୍ଗ-କ'(ଉଚ୍ଚ ପଦବୀ) ପାଇଁ ୫ ଲକ୍ଷ ଓ ବର୍ଗ-ଖ' (ନିମ୍ନ ପଦବୀ) ପାଇଁ ଅଢ଼େଇଲକ୍ଷ ଟଙ୍କାର ସହାୟତା ମଧ୍ୟ ରହିଛି।



# ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀଙ୍କ ଦିନିକିଆ ଅନୁଗୋଳ ଗସ୍ତ ଏବଂ ସ୍ୱତନ୍ତ୍ର ସମୀକ୍ଷା ବୈଠକ

ଅନୁଗୋଳ,୧୧।୨:(ମନ୍ଥନ)ଆଜି ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ ଦିନିକିଆ ଅନୁଗୋଳ ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପାନୀୟ ଜଳ ସମସ୍ୟାକୁ ସର୍ବାଗ୍ରେ ପ୍ରାଧାନ୍ୟ ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ନଳକୂପ ସମ୍ବନ୍ଧୀୟ ସମସ୍ୟା ସବୁକୁ ଯଥାଶୀଘ୍ର ସମାଧାନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀମାନଙ୍କର ଯୋଗ୍ୟତା ସଠିକ ଭାବରେ ଯାଞ୍ଚ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ କହିଥିଲେ । ସେହିପରି ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାରେ ଅନୁମୋଦିତ ସମସ୍ତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର



ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭିବି-ଜି-ରାମ-ଜି (ଠଇ-ଏଜଇଗ-ଏ) ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ କୁମାର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଯଯାତି କେଶରୀ ପଟ୍ଟନାୟକ ଏବଂ ମାନ୍ୟବର ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଦିଲେଶ୍ୱର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁଣ୍ୟ ବାଣ୍ଟୁଛନ୍ତି ସମାଜସେବୀ ସମୀର ଚାନ୍ଦ

କେନ୍ଦ୍ରାପଡ଼ା,୧୧।୨:(ମନ୍ଥନ)ପୁଣ୍ୟ ବାଣ୍ଟୁଛନ୍ତି ସମାଜସେବୀ ସମୀର କୁମାର ଚାନ୍ଦ। ଶ୍ରୀବଳଦେବଜୀଉଙ୍କ କ୍ୟାଲେଣ୍ଡରକୁ ସେ ଲୋକମାନଙ୍କୁ ବାଣ୍ଟୁଛନ୍ତି। କେବଳ ସେତିକି ନୁହେଁ ଲୋକମାନଙ୍କ ଆତ୍ମା କିପରି ପବିତ୍ର ହେବ ସେ ନେଇ ମଧ୍ୟ ଉଦ୍ୟମ ଆରମ୍ଭ କରିଛନ୍ତି। କ୍ୟାଲେଣ୍ଡରେ ଥିବା ସ୍କାନର ଜରିଆରେ ଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ସେ ଶ୍ରଦ୍ଧାଳୁ ମାନଙ୍କୁ ନିବେଦନ କରୁଛନ୍ତି। ଏହି କାର୍ଯ୍ୟ ଦ୍ୱାରା ସେ ମହା ଆନନ୍ଦ ଲାଭ କରୁଥିବା ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଥାଉକି କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଟେବୁଲ କ୍ୟାଲେଣ୍ଡର ନିକଟରେ ଉନ୍ମୋଚିତ ହୋଇଛି। ସେଥିରେ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ସମସ୍ତ ବେଶ ସହିତ ୨୦୨୬ ମସିହାର ସମସ୍ତ ବାର୍ଷିକ କାର୍ଯ୍ୟକ୍ରମ ରହିଛି। ଏହି କ୍ୟାଲେଣ୍ଡରରେ ଶ୍ରୀବଳଦେବଜୀଉଙ୍କ ଦେବତ୍ତୋର ନ୍ୟାସର ଏକ ସ୍କାନର ମଧ୍ୟ ରହିଛି। କ୍ୟାଲେଣ୍ଡରରେ ଥିବା ସ୍କାନରରେ ଭକ୍ତମାନେ ଠାକୁରଙ୍କ ନାମରେ ଏକ ଟଙ୍କା ଲେଖା ଦାନ କଲେ ସେହି ଟଙ୍କା ଠାକୁରଙ୍କ ଆକାଉଣ୍ଟକୁ ଯିବ। ଏହି ସ୍କାନରକୁ ନେଇ ସମାଜସେବୀ ସମୀର କୁମାର ଚାନ୍ଦ ଏକ




ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ତାଙ୍କ ଅନୁଷ୍ଠାନ 'ସମୀର ଟିଭିଏସ'କୁ ଯେଉଁ ଗ୍ରାହକମାନେ ଆସୁଛନ୍ତି ସେମାନଙ୍କୁ ଶ୍ରୀ ଚାନ୍ଦ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଦେବତ୍ତୋର ନ୍ୟାସ ସ୍କାନରକୁ ୧ ଟଙ୍କା ଦାନ ଦେବାକୁ କହିଲେ ମଧ୍ୟ ଗ୍ରାହକମାନେ ଶହେ ଦୁଇଶହ ଏମିତିକି ୫ଶହ ଟଙ୍କା ମଧ୍ୟ ପଠାଇଦେଉଛନ୍ତି। ଆଗାମୀ ଦିନରେ ଶ୍ରୀଜୀଉଙ୍କ ଦେବତ୍ତୋର ସଂସ୍ଥାରୁ କ୍ୟାଲେଣ୍ଡର କିଣାଯାଇ ଜିଲ୍ଲା ଓ ଜିଲ୍ଲା ବାହାରର ସମସ୍ତ ବଡ଼ ବଡ଼ ଅନୁଷ୍ଠାନ ଗୁଡିକରେ ମାଗଣାରେ ଏହି କ୍ୟାଲେଣ୍ଡରକୁ ପ୍ରଦାନ କରାଯିବ ବୋଲି ଶ୍ରୀ ଚାନ୍ଦ କହିଛନ୍ତି। ଶ୍ରୀ ଚାନ୍ଦଙ୍କ କହିବା ଅନୁସାରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଏହି ସ୍କାନର ମାଧ୍ୟମରେ ପ୍ରଭୁ ଶ୍ରୀଜୀଉଙ୍କ ଆକାଉଣ୍ଟକୁ ଅର୍ଥ ଯାଇପାରିବ। ଏସମ୍ପର୍କରେ ଶ୍ରୀ ଚାନ୍ଦ ଏକ ବୈଠକ କରି ଅନ୍ୟମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ଆଗାମୀ ଦିନରେ ଏହି ସ୍କାନର ଥିବା କ୍ୟାଲେଣ୍ଡରକୁ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ୟବସାୟ ଅନୁଷ୍ଠାନରେ ଦେଖିବା ପାଇଁ ମିଳିବ ଓ ଜିଲ୍ଲା ବାହାରେ ଥିବା ଅନୁଷ୍ଠାନ ମାନଙ୍କୁ ଏହି କ୍ୟାଲେଣ୍ଡର ଶ୍ରୀଜୀଉଙ୍କ ଦେବତ୍ତୋର ନ୍ୟାସରୁ କିଣା ଯାଇ ମାଗଣାରେ ଯୋଗାଇ ଦିଆଯିବ ବୋଲି ଶ୍ରୀ ଚାନ୍ଦ କହିଛନ୍ତି।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟ ତିଥି ପାଳିତ

ଅନୁଗୋଳ,୧୧।୨:(ମନ୍ଥନ)ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମହାନ ଚିନ୍ତାନାୟକ ତଥା ଏକାତ୍ମମାନବ ଦର୍ଶନର ପ୍ରେଣତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥି ତଥା ସମର୍ପଣ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ବରିଷ୍ଠ ବିଜେପି ନେତା ତଥା ଜିଲ୍ଲା ପ୍ରଭାରୀ ଗୋଲୋକ ମହାପାତ୍ର ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନ ଦର୍ଶନ ଏକାତ୍ମମାନବ ବାଦ, ଅନ୍ତ୍ୟୋଦୟ ଉପରେ ଆଲୋଚନା କରିଥିଲେ । ତାଙ୍କ ର ପୁଣ୍ୟତିଥି କୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି ଏବଂ ବିଜେପି କାର୍ଯ୍ୟକର୍ତ୍ତା ତାଙ୍କର ତ୍ୟାଗ ତପସ୍ୟା ବଳିଦାନ କୁ ପ୍ରେରଣା ର ଉତ୍ସ ଭାବେ ଗ୍ରହଣ କରିବାକୁ ସେ




ପରାମର୍ଶ ଦେଇଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ଉପ ସଭାପତି ନୃସିଂହ ବରାଳ, ଜିଲ୍ଲା ସାଧାରଣ ସଂପାଦକ ତଥା ସମର୍ପଣ ଦିବସ ପାଳନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁଦିପ୍ ଗଡ଼ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦିକା ବସନ୍ତ ମଞ୍ଜରୀ ପ୍ରଧାନ , ଜିଲ୍ଲା ସଂପାଦକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଯୋଶବନ୍ତ ପ୍ରସାଦ ବେହେରା, ପ୍ରମୁଖ ମଂଚସୀନ ଥିଲେ । ଜିଲ୍ଲା ପଦାଧିକାରୀ, ରାଜ୍ୟ ପରିଷଦ ସଦସ୍ୟ,ମଣ୍ଡଳ ଓ ପୂର୍ବତନ ମଣ୍ଡଳ ସଭାପତି ମାନେ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

# ଦୀନକୃଷ୍ଣ ମହାବିଦ୍ୟାଳୟର ୬୨ ତମ ବାର୍ଷିକ ଉତ୍ସବ



ଜଳେଶ୍ୱର,୧୧।୨:(ମନ୍ଥନ)ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଆଜି ବିପୁଳ ଉଲ୍ଲାସ ଓ ଉଦ୍ଦୀପନା ସହିତ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସୁକାନ୍ତ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜଳେଶ୍ୱରର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ବର୍ତ୍ତମାନ ଯୁବକ ସମାଜ ମଧ୍ୟରେ ଜୀବନ ସମ୍ପର୍କରେ କୌଣସି ଅଭିଜ୍ଞତା ନାହିଁ ,ତେଣୁ ସେମାନଙ୍କୁ ସଠିକ ମାର୍ଗରେ ଆଣିବା ପାଇଁ ପ୍ରତ୍ୟେକ ଗୁରୁ ଓ ଅଭିଭାବକମାନଙ୍କ ନିଷ୍ଠା, ସାଧନା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ରୂପେ ଭୁବନେଶ୍ୱର ଏକାମ୍ର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନିରଞ୍ଜନ ପାଢ଼ୀ ଯୋଗଦେଇ ମା'ଙ୍କର ସଂସ୍କାର, ଆଶୀର୍ବାଦ ମିଳିଲେ ମଣିଷ ବି ଦେବ ସୁଲଭ ପ୍ରତିଭାର ଅଧିକାରୀ ହୋଇପାରିବ ବୋଲି ପ୍ରକାଶ କରିବା ସହିତ ଛାତ୍ର ଛାତ୍ରୀ ମାନେ ଅଧ୍ୟୟନ ସହିତ ନିଜର ଚରିତ୍ର ଗଠନ ଉପରେପ ଧ୍ୟାନ ଦେବା ପାଇଁ ଶ୍ରୀ ପାଢ଼ୀ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ବାର୍ଷିକ ବିବରଣୀ ଉପଦେଷ୍ଟା ପ୍ରାଧ୍ୟାପକ ଡ. ହିମାଂଶୁ କୁମାର ସାମଲ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ମାନସ କୁମାର ଦାଶ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ।ଅଧ୍ୟାପିକା ପୁଷ୍ପାଞ୍ଜଳି ପାଇକରାୟବେଦ ପାଠ କରିଥିଲେ । ପରେ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଶ୍ରୀ ପାଢ଼ୀ ପୁରସ୍କାର ପ୍ରଦାନ କରିଥିଲେ ।ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ସେହିପରି ପୁରାତନ ଛାତ୍ରୀ ଅଧ୍ୟାପିକା ଇନ୍ଦୁମତି ଗିରି ତାଙ୍କର ପ୍ରିୟ ନିରଞ୍ଜନ ପାଢ଼ୀ ସାରଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ପରିସରରେ ଉପଦେଷ୍ଟା ପ୍ରାଧ୍ୟାପକ ପ୍ରଦୀପ କୁମାର ରାଉଳ ଧନ୍ୟବାଦ ଦେଇଥିଲେ ।ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ,ଡ. ରମେଶ ଚନ୍ଦ୍ର ରାଉତ ଓ ରାଧା ରଞ୍ଜନ ସେନାପତି, ଅବସରପ୍ରାପ୍ତ କର୍ମଚାରୀ, ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ।

# ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

କେନ୍ଦ୍ରାପଡ଼ା,୧୧।୨:(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କରଞ୍ଜ ଠାରୁ ଦହିମାଛ ମଧ୍ୟରେ ମାତ୍ର ଦୁଇ କିଲୋମିଟର ରାସ୍ତା ପାଇଁ ଛଅ କୋଟି ୬୭ ଲକ୍ଷ ୭୭ହଜାର ଟଙ୍କାରେ କେନ୍ଦ୍ରାପଡା ୨ନମ୍ବର ପୂର୍ତ୍ତ ଡିଭିଜନ ଏମିତି କାର୍ଯ୍ୟ କରିଲା ଯେ କାମ ସରୁ ସରୁ ଗୋଡ଼ି ଉଠି ରାସ୍ତାରେ ଖାଲଖମା ହୋଇଗଲାଣି। ଏ ସମ୍ପର୍କରେ ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କରିବା ପରେ ରାସ୍ତା କାମରେ ହୋଇଥିବା ଦୁର୍ନୀତିକୁ ଚପାଇବାକୁ ଯାଇ ବିଭାଗ ପକ୍ଷରୁ ଅଧାପନ୍ତରିଆ ସୂଚନା ସହିତ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଆଇନ ଅନୁଯାୟୀ ସମସ୍ତ ତଥ୍ୟ ପାଇଁ ଅପିଲ କରିବା ପରେ ଅପିଲର ଶୁଣାଣି ପାଇଁ ନୋଟିସ୍ କରାଯାଉଛି ହେଲେ କର୍ତ୍ତୃପକ୍ଷ ଶୁଣାଣି କରୁ ନାହାନ୍ତି କିମ୍ବା ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରୁ ନାହାନ୍ତି। ଏଥିରେ ହୋଇଥିବା ଦୁର୍ନୀତି ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଗଣତନ୍ତ୍ର ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ହୋଇଥିବା ଦୁର୍ନୀତିକୁ ଚପାଇ ଦେବାକୁ ଯାଇ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଉପରିସ୍ଥ ଅଧିକାରୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ତ୍ତ ଡିଭିଜନ-୨ର ଅଧୀକ୍ଷଣଯନ୍ତ୍ରୀ ବେଆଇନ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ଏହିସବୁ ଘଟଣାର ପ୍ରତିବାଦ କରି ପାଞ୍ଚ ଦଫା ଦାବି ପୂରଣ ପାଇଁ ସୋମବାର ସକାଳ ୧୦ଟାରୁ ଭୁବନେଶ୍ୱରସ୍ଥିତ ଲୋୟର ପି.ଏମ.ଜି ଛକରେ ହୋଇଥିବା ଦୁର୍ନୀତି ଉପରେ ଆଇଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସିଛନ୍ତି ଆବେଦନକାରୀ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅଧିନ ମହୁ ଗ୍ରାମର ସ୍ୱର୍ଗତ ପଦ୍ମନାଭ ଆଚାର୍ଯ୍ୟଙ୍କ ପୁଅ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ। ଏଥିସହିତ ପାଞ୍ଚଦଫା ଦାବି ପୂରଣ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିନରାତି ଧାରଣା ଦେବେ ବୋଲି ଦୁଷ୍ମନ୍ତ କହିଛନ୍ତି। ପାଞ୍ଚଦଫା ଦାବି ଗୁଡ଼ିକ ହେଉଛି କରଞ୍ଜ ଠାରୁ ଦହିମାଛ ଭାୟା ଗୋଖାପଡ଼ା ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ଉପରେ ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା, ଏହି ନିମ୍ନମାନର କାର୍ଯ୍ୟରେ ସଂପୃକ୍ତ ସମସ୍ତ ଦୋଷୀ( ସରକାରୀ ଅଧିକାରୀ ଓ ବେସରକାରୀ ଅଧିକାରୀ)ଙ୍କ ଉପରେ ଆଇନଗତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଦୁର୍ନୀତିକୁ ଚପାଇ ରଖିବାକୁ ଯାଇ ସୂଚନା ଅଧିକାର ଆଇନ ଉଲଙ୍ଘନ କରିଥିବା ଜନସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଉପରେ ସୂଚନା ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଆବେଦନ ଅନୁଯାୟୀ ସମସ୍ତ ତଥ୍ୟ ପ୍ରଦାନ, ସୂଚନା ଅଧିକାର ଆଇନରେ ତଥ୍ୟ ପାଇଁ ଆବେଦନ କରିବା ଓ ତଥ୍ୟ ପ୍ରଦାନ ପାଇଁ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରିବାରୁ ଆବେଦନକାରୀଙ୍କ ବିରୁଦ୍ଧରେ ବେଆଇନ ଅଭିଯୋଗ ଉପରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ, ହୋଇଥିବା ଦୁର୍ନୀତି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲିଖିତ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ଗଣତନ୍ତ୍ର ଉପାୟରେ ପ୍ରତିବାଦ କରିବା ବେଳେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ନେଇ କେନ୍ଦ୍ରାପଡ଼ା ପୂର୍ତ୍ତ ଡିଭିଜନ ଏସ.ଇ. ବେଆଇନ ଭାବେ କରିଥିବା ଲିଖିତ ଅଭିଯୋଗ ଉପରେ ଆଇନଗତ ତଦନ୍ତ କରି ତୁରନ୍ତ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକରାଯାଇଛି।

# ପାରା ଅଥେଲେଟିସିକ ଚମ୍ପିୟାନସିପ ରେ କୃତିତ୍ୱ ଅର୍ଜନ କଲେ ସୌମ୍ୟ ଓ ସ୍ମୃତି

ଗୋପ,୧୧।୨:(ମନ୍ଥନ)ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ବିରୁତୁଙ୍ଗ ପଞ୍ଚାୟତ ସ୍ଥିତ ଗଡ଼କରମାଳ ଗ୍ରାମ ର ରମାନାଥ ରାଉତ ଓ ରୀନାରାଣୀ ରାଉତ ଙ୍କ ଦୁଇ ସୁଯୋଗ୍ୟ ସନ୍ତାନ ପୁଅ ସୌମ୍ୟରଞ୍ଜନ ରାଉତ ଝିଅ ସ୍ମୃତିରେଖା ରାଉତ । ଉଭୟେ ଯଦିଓ ପିଲାଦିନୁ ଦିବ୍ୟାଙ୍ଗ କିନ୍ତୁ କୌଣସି ସାଧାରଣ ଯୁବକ ଯୁବତୀ ଙ୍କ ଠାରୁ କେଉଁଥିରେ କମ ନୁହନ୍ତି । କେବଳ ଦୁଖ ଓ ପରିତାପର ବିଷୟ ଟି ହେଉଛି ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପକ୍କାଘର ଖଣ୍ଡେ ନ ନାହିଁ ଯାହାଫଳରେ କୀ ଘଙ୍ଗା ଘରେ ରହୁଛନ୍ତି । ତାଙ୍କୁ ଯଦି ଗୋଟେ ଆବାସ ଯୋଜନାରେ ସାମିଲ କରାଯାନ୍ତା ବିଶେଷ ଉପକୃତ ହୋଇପାରନ୍ତେ ବୋଲି ଭାଇ ଓ ଭଉଣୀ କୁହନ୍ତି । ସେମାନଙ୍କର ଅ।ପ୍ରାଣ ଉଦ୍ୟମ ଏବଂ ନିଜର ଇଚ୍ଛା ଶକ୍ତି ଫଳସରୂପ ଆଜି ଗୋପ ବ୍ଲକ ପାଇଁ ଗୌରବ ଅର୍ଜନ କରିଛନ୍ତି । ଓଡ଼ିଶା ରାଜ୍ୟ ପାରା ଅଥେଲେଟିସିକ ଋମ୍ପିଅନସିପ ୨୦୨୫-୨୬ ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ରେ ଆୟୋଜିତ । ରାଜ୍ୟ ସ୍ତରୀୟ ପାରା ଆଥଲେଟିକ୍ ପ୍ରତିଯୋଗିତା ରେ ସୌମ୍ୟରଞ୍ଜନ ରାଉତ F56 କଟାଗୋରି ଡିସ୍କୋସ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ଥଳେ ଜାଭଲିନ୍ ଥ୍ରୋ ରେ କାଂସ୍ୟ ପଦକ ହାସଲ କରିଛନ୍ତି । ଭଉଣୀ ସ୍ମୃତି ରେଖା ରାଉତ ଜାଭଲିନ୍ ଥ୍ରୋ ରେ ସ୍ୱର୍ଣ୍ଣ ହାସଲ କରିଥିବା ସ୍ଥଳେ ଡିସ୍କୋସ ଥ୍ରୋ ରେ ରୋପ୍ୟ ଏବଂ ସଟପୁଟ୍ ରେ କାଂସ୍ୟ ପଦକ ହାସଲ କରିଛନ୍ତି । ଉକ୍ତ କ୍ରୀଡା ରେ ୨୯ ଟୀ ଜିଲ୍ଲା ରୁ ଶତାଧିକ ଦିବ୍ୟଙ୍ଗ ଖେଳାଳିମାନେ ଭାଗ ନେଇଥିଲେ ସେଥିମଧ୍ୟରୁ ଭାଇ ସୌମ୍ୟ ଭଉଣୀ ସ୍ମୃତି ପୁରୀ ଜିଲ୍ଲା ରୁ ପ୍ରତିନିଧିତ୍ୱ କରି ଗୌରବ ଅର୍ଜନ କରିଛନ୍ତି ପିଲାଟି ଦିନରୁ ଦିବ୍ୟାଙ୍ଗ ବୋଲି କେବେ ଖେଳିବା କୁ ସୁଯୋଗ ମିଳିନଥିଲା ଭାଇ ଭଉଣୀ ଙ୍କୁ ଏଥିପାଇଁ ଉଭୟେ ଦୁଃଖ ରେ ଥିଲେ । ପ୍ରଭୁ ଶ୍ରୀଜଗନ୍ନାଥ ଇଚ୍ଛା କିନ୍ତୁ କିଛି ଅଲଗା ଥିଲା ଯାହାଫଳରେ କୀ ତାଙ୍କ ପ୍ରତିଭା କୁ ସେମାନେ ଆଜି ସମଗ୍ର ରାଜ୍ୟ ରେ ଦିବ୍ୟାଙ୍ଗ ଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଭାଇ ଏବେ ଓଡିଶା ରେ ଡିସ୍କୋସ ଥ୍ରୋ f-56 କଟାଗୋରୀ ରେ ଓଡ଼ିଶା ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ଏବଂଭଉଣୀ ସ୍ମୃତି ଜାଭଲିନ ଥ୍ରୋ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରତିଭାବାନ ଖେଳାଳିଙ୍କୁ ଯଦି ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଙ୍କ ପକ୍ଷରୁ କ୍ରୀଡା କ୍ଷେତ୍ରରେ ସହାୟତା ଯୋଗାଇଦେବାକୁ ଗୋପ ସୁରକ୍ଷା ମଞ୍ଚର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ଦାବୀ କରିଛନ୍ତି । ଜାତୀୟ ସ୍ତର ରେ ନିଜର ନା ସହ ଓଡ଼ିଶା ର ନାମ କୁ ଗୌରବାନିତ କରିବେ ବୋଲି ଶ୍ରୀଯୁକ୍ତ ଗୋଛାୟତ ମତବ୍ୟକ୍ତ କରିଛନ୍ତି ।

# ଅର୍ବାନବ୍ୟାଙ୍କ ପକ୍ଷରୁ ଗୋପବନ୍ଧୁ ପାଠାଗାରକୁ ଥଣ୍ଡାପାନୀୟ ମେସିନ

କେନ୍ଦ୍ରାପଡ଼ା,୧୧।୨:(ମନ୍ଥନ)କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୋପବନ୍ଧୁ ପାଠାଗାରକୁ ଏକ ଥଣ୍ଡା ପାନୀୟ ମେସିନ ପ୍ରଦାନ କରାଯାଇଛି। ଅର୍ବାନବ୍ୟାଙ୍କ ସଭାପତି ଗୁରୁ ପ୍ରସାଦ ମହାନ୍ତି ଗୋପବନ୍ଧୁ ପାଠାଗାରକୁ ପରିଦର୍ଶନରେ ଯାଇଥିବା ସମୟରେ ସେଠାରେ ଏକ ଥଣ୍ଡା ପାନୀୟ ମେସିନର



ଆବଶ୍ୟକତା ଥିବା ଉପଲବ୍ଧି କରିଥିଲେ। ସେଠାକୁ ପଢିବାକୁ ଆସୁଥିବା ପିଲାମାନଙ୍କ ପାଇଁ ଖରାଦିନେ ଥଣ୍ଡା ପିଇବା ପାଣିର ଆବଶ୍ୟକତା ରହିଛି। ତେଣୁ ବ୍ୟାଙ୍କ ସଭାପତି ଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅର୍ବାନ ବ୍ୟାଙ୍କ ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ତୁରନ୍ତ ଗୋପବନ୍ଧୁ ପାଠାଗାରରେ ଏକ ଥଣ୍ଡା ପାନୀୟ ମେସିନ ଲଗାଇଥିଲେ। ଏହି ମେସିନକୁ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସିଇଓ ଶ୍ରୀମତୀ ପଣ୍ଡା ଉଦଘାଟନ କରିବା ପରେ ସେହି ପାଠାଗାରର ପାଠକ ଓ ପାଠିକା ମାନେ ସେଥିରୁ ପାଣି ପିଇବା ସହିତ ସେମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ତାଳଚେର ପୌର ମଣ୍ଡଳ ରେ ଦିନଦୟାଲ ଉପାଧ୍ୟାୟ ଙ୍କ ପୂଣ୍ୟ ତିଥି ପାଳିତ

ତାଳଚେର,୧୧।୨:(ମନ୍ଥନ) ମହାନ ଚିନ୍ତାନାୟକ, ଏକାତ୍ମ ମାନବ ବାଦ ଦର୍ଶନ ର ପ୍ରଣେତା ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଙ୍କର ପୂଣ୍ୟ ତିଥି ବୁଧବାର ପାଳିତ ହୋଇଯାଇଛି । ବିଜେପି ତାଳଚେର ପୌର ମଣ୍ଡଳ ପକ୍ଷରୁ ଦେଉଳବେଡା ବିଏମଏସ କାର୍ଯ୍ୟାଳୟ ରେ ଦିନଦୟାଲ ଙ୍କ ପୂଣ୍ୟ ତିଥି କୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । ମଣ୍ଡଳ ସଭାପତି ରାଜେଶ ଦଳେଇ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ଜୋନାଲ ମିଡ଼ିଆ । ସେଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ପଣ୍ଡିତ ଦିନଦୟାଲ ଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଦିନଦୟାଲ ଙ୍କ ଏକାତ୍ମ ମାନବ ବାଦ ତଥା ଅନ୍ତୋଦୟ ଲକ୍ଷ ଅନ୍ତୋଦୟ ପଥ ଅନ୍ତୋଦୟ ଓ ପଣ ଅନ୍ତୋଦୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସ୍ୱୟଂ ସେବକ ରୁ କାର୍ଯ୍ୟ ଆରମ୍ଭ କରି ଜନସଙ୍ଘ କୁ ରେ କାର୍ଯ୍ୟ କରିଥିଲେ ଏକାତ୍ମ ମାନବ ବାଦ ସୃଷ୍ଟି ବେଷ୍ଟି ପାରମେଷ୍ଟି ଉପରେ ଆଧାରିତ ସେ ବିଷୟରେ ଆଲୋଚନା କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ଆଇନଜୀବୀ ଅଖିଳ ସାମଲ, ଶମ୍ଭୁନାଥ ବେହେରା, ଯାଇବି ନନ୍ଦ, ଓ ଗଦାଧର ସାମଲ, ପୂର୍ଣଚନ୍ଦ୍ର ବେହେରା, ବିଜୟ ନାଏକ, ରିତେଶ ସାହୁ, ସୁକାନ୍ତ ରାୟ, ତ୍ରିନାଥ ବେହେରା, ପାପୁନ ମହାପାତ୍ର ବେହେରା, ଜଗଦୀଶ ମିଶ୍ର, ରାଜେଶ ମହାପାତ୍ର, ପରେଶ କୁମାର ପାଲ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସାତକୋଶିଆ ବିସ୍ଥାପନ ପ୍ରକ୍ରିୟାରେ ଓଏଚଆରସିର ଅଂକୁଶ

ଅନୁଗୋଳ,୧୧।୨:(ମନ୍ଥନ) ଅନୁଗୋଳ ଜିଲ୍ଲାର ସାତକୋଶିଆ। ବ୍ୟାଘ୍ର ସଂରକ୍ଷଣ ଅଂଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନାରେ ୨୦୧୮ ମସିହା ଠାରୁ ଆରମ୍ଭ ହୋଇଥିଲା । ପ୍ରଥମେ ବ୍ୟାଘ୍ର ସଂରକ୍ଷଣ ଅଂଚଳର କୋର ଏରିଅ। ରୁ ୭୮ ଟି ପରିବାରକୁ ବିସ୍ଥାପନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୨୨ ବର୍ଷ ଠାରୁ କୋର ଏରିଅ। ବାହାର ଗ୍ରାମ ଏପରିକି ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଏରିଆର ବାହାର ଗ୍ରାମକୁ ପର୍ଯ୍ୟାୟକ୍ରମେ ବେଆଇନ୍ ଭାବେ ବିସ୍ଥାପନ କରାଯାଇଥିଲା । କଟରଂଗ, ଟୁଲୁକା, ଭୂର୍କୁଣ୍ଡି, ଅଶନବାହାଳ ସଂପୂର୍ଣ୍ଣ ବିସ୍ଥାପନ କରାଯାଇଥିବା ବେଳେ ଗୋପାଳପୁର, ଟିକରପଡା ଗ୍ରାମରୁ ଅଧା ଲୋକଂକୁ ଉଠାଇବାରେ ବନ ବିଭାଗ ସକ୍ଷମ ହୋଇଥିଲା । ପୁରୁଣାକୋଟ୍ , ଛୋଟକେଇ , ସାଲର , ମଝିପଡା ଗ୍ରାମକୁ ଉଠାଇବାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ସାତକୋଶିଅ। ଅଂଚଳର ଗ୍ରାମବାସୀ ବନ ବିଭାଗ ବେଆଇନ୍ ବିସ୍ଥାପନ ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଗ୍ରାମବାସୀଙ୍କର ଅଭିଯୋଗକୁ ଶୁଣା ଯାଇ ନ ଥିଲା ଯ ଗାଁ ରେ ଭୂମିହୀନ, ଗରିବ, ଘର ନ ଥିବା ଲୋକଂକୁ ଉସୁକାଇ ଏବଂ ୨୦ ଲକ୍ଷ ପ୍ୟାକେଜ୍ ର ପ୍ରଲୋଭନ ଦେଖାଇ ବନ ବିଭାଗ ଗାଁ ଗୁଡିକୁ ବିଭାଜନ ନୀତିରେ ଦୁଇ ଭାଗ କରିଥିଲା । ଗାଁ ବିସ୍ଥାପନ ସପକ୍ଷବାଦୀ ଓ ବିପକ୍ଷବାଦୀ ପୂର୍ବତନ ଡିଏଫଓ ସରୋଜ କୁମାର ପଣ୍ଡା କରାଇ ଗାଁ କୁ ବିସ୍ଥାପନ କରିବାରେ ସଫଳ ହୋଇଥିଲେ । ଏପରିକି ଯେଉଁ ମାନେ ବିସ୍ଥାପନକୁ ବିରୋଧ କରିଥିଲେ ସେମାନଂକୁ କ୍ଷତିପୂରଣ ଦେବାରୁ ବଂଚିତ କରିଥିଲେ । ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନା କେବଳ ବ୍ୟାଘ୍ର ପ୍ରକଳ୍ପର କୋର ଏରିଆରୁ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ କୋର ଏରିଆ। ବାହାରୁ ବେଆଇନ୍ ଭାବେ ଗ୍ରାମ ଗୁଡିକୁ ଉଠାଯାଇଥିଲା। ସରକାରୀ ନୀତି ନିୟମ ଓ ଗାଇଡଲାଇନ୍ କୁ ଉପେକ୍ଷା କରି ମନଇଚ୍ଛା ସର୍ଭେ କରାଯାଇ କୋଟି କୋଟି ଟଂକା ସପକ୍ଷବାଦୀଂକୁ ପ୍ରଦାନ କରାଯାଇଥିଲା । ଭୂର୍କୁଣ୍ଡି ଗ୍ରାମରେ ଆଦୌ ଗ୍ରାମସଭା ହୋଇନଥିବା ବେଳେ ଗ୍ରାମବାସୀଂକୁ ଜୋରଜବରଦସ୍ତ ଧମକାଇ ବାସଚ୍ୟୁତ କରାଯାଇଥିଲା । ଏପରିକି ଗ୍ରାମବାସୀଂକର ରହିଥିବା ଜଂଗଲ ଜମି ସ୍ୱବର କୌଣସି କ୍ଷତିପୂରଣ ଦିଆଯାଇନାହିଁ । ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଂକ ଦ୍ୱାରା ଜାରୀ ହୋଇଥିବା ପ୍ରୋଟକଲର ରହିଥିବା ୨ ପ୍ରକାରର କ୍ଷତିପୂରଣ ବ୍ୟବସ୍ଥା ସମ୍ବନ୍ଧରେ ଗ୍ରାମବାସୀଂକୁ ଅବଗତ କରାଯାଇ ନଥିଲା । ଭୂମିହୀନ, ଘର ନଥିବା ଏବଂ ଭଲ ଘର ନ ଥିବା ଲୋକ ମାନଂକୁ ୨୦ ଲକ୍ଷ ଦେଇ ଉଠିଯିବାକୁ ବାଧ୍ୟ କରାଯାଇଥିଲା । ଗ୍ରାମ ବିସ୍ଥାପନ ନେଇ ଗାଁ ରେ କୋକୁଆ। ଭୟ ସୃଷ୍ଟି କରାଯାଇ ଜୋରଜବରଦସ୍ତ କରାଯାଇଥିଲା । ବିସ୍ଥାପିତ ପରିବାର ତାଲିକା ଲୁଚ୍ଛପାରେ ହୋଇଥିଲା । ଟୁଲୁକା ଗ୍ରାମବାସୀ ବିସ୍ଥାପନକୁ ଦୃଢ ବିରୋଧ କରି ଗ୍ରାମସଭାରୁ ଉଠି ଯାଇଥିଲେ ସୁଦ୍ଧା ଗ୍ରାମକୁ କଳେବଳେ ବିସ୍ଥାପନ କରାଯାଇଥିଲା । ଅନ୍ୟପକ୍ଷରେ ଏହି ସବୁ ଅଂଚଳରେ ଅଧିକାଂଶ ଆଦିବାସୀ ଓ ହରିଜନ ପରିବାର ରହିଥିବା ବେଳେ ସେମାନଂକର ସରଳତାକୁ ବିଶ୍ୱାସଘାତକତା କରାଯାଇଥିଲା । ଜଂଗଲ ଅଧିକାର ଆଇନ୍-୨୦୦୬ ର ଥିବା ବ୍ୟବସ୍ଥାରେ ଉଭୟ ବ୍ୟକ୍ତିଗତ ଜଂଗଲ ଅଧିକାର ଓ ଗୋଷ୍ଠୀଗତ ଜଂଗଲ ଅଧିକାରର ସ୍ୱୀକୃତି ଦିଅ। ନ ଯାଇ ଗ୍ରାମ ଗୁଡିକୁ ବେଆଇନ୍ ବିସ୍ଥାପନ କରାଯାଇଥିଲା । ଟୁଲୁକା, ଭୂର୍କୁଣ୍ଡି, ଅଶନବାହଳ ଗ୍ରାମବାସୀ ବିସ୍ଥାପନରେ ସଠିକ୍ ସର୍ଭେ ହୋଇ ନ ଥିବା ଏପରିକି ଘରଦ୍ୱାର, ଜମି, ଗୁହାଳର କୌଣସି ସର୍ଭେ ହୋଇ କ୍ଷତିପୂରଣ ଦିଆଯାଇ ନଥିବା ସହିତ ଥଇଥାନ ଓ ପୁନର୍ବସତି ସଠିକ ହୋଇ ନଥିବା ନେଇ ଓଡିଶା ମାନବ ଅଧିକାର ଆୟୋଗଂକ ନିକଟରେ କେସ୍ ରୁଜୁ କରିଥିଲେ । ଗୋପାଳପୁର ଗ୍ରାମବାସୀ ବେଆଇନ୍ ବିସ୍ଥାପନ ନେଇ ୩ ଗୋଟି ମାମଲା ରୁଜୁ କରିଥିବା ବେଳେ ୩୦ ରୁ ଅଧିକ ବିସ୍ଥାପିତ ପରିବାର କ୍ଷତିପୂରଣ ପାଇନଥିବା ନେଇ କେସ୍ ରୁଜୁ କରିଥିଲେ । ଓଡିଶା ମାନବ ଅଧିକାର ଆୟୋଗଂକର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ୩୭ ଟି କେସ୍ ର ବିଚାର ଗତ ୯ ତାରିଖରେ କରିଥିବା ଜଣାଯାଇଅଛି । ଗ୍ରାମବାସୀଂକ ଅଭିଯୋଗ ମୂଳକ ଶୁଣାଣୀରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ( ବନ୍ୟଜୀବ) ଓଡିଶା, ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁଗୋଳ , ଜିଲ୍ଲାପାଳ ଅନୁଗୋଳ ଏବଂ ଡିଏଫଓ ସାତକୋଶିଅ। ଏବଂ ଅନ୍ୟାନ୍ୟ ଅଧିକାରୀଂକୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା । ଗ୍ରାମବାସୀ ଅଭିଯୋଗକାରୀଂକ ପକ୍ଷରୁ ବରିଷ୍ଠ ଆଇନଜୀବି ତଥା ମାନବ ଅଧିକାର କର୍ମୀ ପ୍ରସନ୍ନ କୁମାର ବେହେରା ମକଦ୍ଦମା ପରିଚ୍ଳନା କରିଥିଲେ । ଉଭୟ ପକ୍ଷଂକ ସାକ୍ଷ୍ୟ ପ୍ରମାଣ ଓ ବିସ୍ଥାପନ ସମ୍ବନ୍ଧୀୟ କାଗଜପତ୍ର ଆୟୋଗଂକ ନିକଟରେ ଦାଖଲ କରାଯାଇଥିଲା । ଜିଲ୍ଲାସ୍ତରୀୟ କମିଟିର ରେଗୁଲେସନ ସହିତ ସର୍ଭେ ତାଲିକା ସମସ୍ତ କାର୍ଯ୍ୟଧାରାରେ ବ୍ୟାପକ ଅନିୟମିତତା ଓ ଗାଇଡଲାଇନ ଆଧାରରେ ନ ହୋଇ ହଂକାପିଟା ବଳଦିଅ। ପଦ୍ଧତିରେ କରାଯାଇଥିଲା । ମାନ୍ୟବର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀଂକ ଅର୍ଡର ଅନୁଯାୟୀ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ ପାଇଁ ନିର୍ଦ୍ଦେଶ ରହିଅଛି । ଏହି କମିଟିରେ ବନ ବିଭାଗର ସଚିବ, ଅନୁସୁଚିତଜାତି ଓ ଜନଜାତି ବିଭାଗ ସଚିବ , ଆଇନ ବିଭାଗ ସଚିବ, ରାଜସ୍ୱ ବିପର୍ଯ୍ୟୟ ପରିଚ୍ଳନା ବିଭାଗ ସଚିବ ସହିତ ଜଣେ ପାରଦର୍ଶିତାପୂର୍ଣ୍ଣ ବିଶେଷଜ୍ଞ ରହିବାକୁ ନିର୍ଦ୍ଦେଶ ରହିଅଛି । ମୁଖ୍ୟ ଶାସନ ସଚିବଂକ ଦ୍ୱାରା କମିଟିର ଅଧ୍ୟକ୍ଷ ସ୍ଥିରିକୃତ ହେବ । ଏହି ଉଚ୍ଚସ୍ତରୀୟ ତଦନ୍ତ କମିଟି ୬ ସପ୍ତାହ ମଧ୍ୟରେ ଗଠନ ହେବା ସହିତ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଅଛି । ଅନୁରୂପ ଭାବରେ ଯେଉଁ ଅଧିକାରୀ ବିସ୍ଥାପନ ପ୍ରକ୍ରିୟାରେ ଅନିୟମିତତା ଓ ବେଆଇନ୍ କାର୍ଯ୍ୟ କରିଛନ୍ତି ତାଂକୁ ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଅଛି । ତତକାଳୀନ ସାତକୋଶିଅ। ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ବିସ୍ଥାପନ କମିଟିର ସଭ୍ୟ ସଂପାଦକ ଥିବା ବେଳେ ଜାଣିଶୁଣି ବିସ୍ଥାପନରେ ବ୍ୟାପକ ଅନିୟମିତତା , ଜାଲିଆତି, ବେଆଇନ କାର୍ଯ୍ୟ କରିଥିବା ଏବଂ ଜିଦଖୋର୍ ରହି ଜୋରଜବରଦସ୍ତ ବିସ୍ଥାପନ କରିଥିବା ସହିତ ବିସ୍ଥାପନ ବିରୋଧୀ ପରିବାରକୁ କ୍ଷତିପୂରଣ ଦେଇ ନ ଥିବାକୁ ସାତକୋଶିଅ। ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ର ସଭାପତି ନବ କିଶୋର ବିଶୋଇ ପ୍ରକାଶ କରିଛନ୍ତି । ଓଡିଶା ମାନବ ଅଧିକାର ଆୟୋଗଂକ ପକ୍ଷରୁ ସାତକୋଶିଅ।ର ବିସ୍ଥାପନର ୩୭ ଟି କେସର ବିଚାର କାରାଯାଇଥିବା ଏବଂ ବିସ୍ଥାପନକୁ ସ୍ଥଗିତ ରଖାଯିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାକୁ ଅଂଚଳବାସୀ ନ୍ୟାୟ ପାଇଥିବା ପ୍ରକାଶ କରିଛନ୍ତି । ଅଭୟାରଣ୍ୟବାସୀଂକ ପକ୍ଷରୁ ଆଗକୁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠିତ ହେବା ପରେ ତଦନ୍ତ ପ୍ରକ୍ରିୟାରେ ସଂପୂର୍ଣ୍ଣ ସହଯୋଗ କରିବାକୁ ଦୋଳ ସାସମଲ, ଭରତ କୁମାର ଜାନୀ , ନୀଳକଣ୍ଠ ସାହୁ, ଅନ୍ତର ସାମଲ, ଜୟରାମ ସାହୁ , ଫକୀର ଜାନୀ, ମଂଗୁଲୁ ପଧାନ , ତ୍ରିନାଥ ସାହୁ, ପ୍ରଫୁଲ ଦେହୁରୀ, ବରୁଣ ବିଶୋଇ, ପ୍ରଭାକର ପୃଷ୍ଟି, ନରେନ୍ଦ୍ର ମହାକୁଡ, ନିରଂଜନ ଦେହୁରୀ, ଅକ୍ଷୟ କୁମାର ପୃଷ୍ଟି, ଶିବରାମ ସାହୁ , ପବିତ୍ର ନାୟକ ପ୍ରମୁଖ ଅଭିଯୋଗକାରୀ ପ୍ରକାଶ କରିଛନ୍ତି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

### ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପ୍ରତାରିତ ଚାଷୀ

ପୂର୍ବତନ ଓ ନୂତନ ସରକାର ଚାଷୀ ଓ ଚାଷକୁ ନେଇ ପରସ୍ପର ପ୍ରତି ଦୋଷାରୋପ କରିଚାଲିଥିବାବେଳେ ପ୍ରକୃତରେ ଅନୁଧ୍ୟାନ କଲେ ଯାହା ଜଣାଯାଏ କୌଣସି ସରକାର ଚାଷୀ ସମସ୍ୟା ନେଇ ସମ୍ବେଦନଶୀଳ ନୁହଁନ୍ତି ଓ ଚାଷୀଙ୍କୁ ଆମେ ଅନ୍ନଦାତା କହିଥାଉ ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସିଂହଭାଗ କୃଷି ଉତ୍ପାଦନରୁ ଆସିଥାଏ । କରୋନା ମହାମାରୀ ସମୟରେ ଚାଷୀକୁଳର ଅକ୍ଳାନ୍ତ ପରିଶ୍ରମ ଓ କୃଷି ଉତ୍ପାଦ ଭାରତର ଅର୍ଥନୀତିକୁ ଯଥେଷ୍ଟ ପରିମାଣରେ ସହାୟତା କରିଥିଲା । କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ହାତରେ କୃଷକମାନଙ୍କ ଭାଗ୍ୟ । ଭବିଷ୍ୟତ ଟେକିଦେବା ପାଇଁ ଆଣିଥିବା କଳା ଆଇନ ବିରୋଧରେ ସମଗ୍ର ଭାରତରେ ଯେପରି ବିରାଟ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା, ସେ ସମ୍ପର୍କରେ କାହାରିକୁ ଅଛପା ନାହିଁ ।୨୦୧୪ରେ କେନ୍ଦ୍ରରେ କ୍ଷମତା ଦଖଲ କରିଥିବା ମୋଦି ସରକାର ଚାଷୀଙ୍କ ଆୟ ଦୁଇ ଗୁଣା କରିଦେବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଣିରଗାର ଭଳି ବହିଗଲା ଓ ଚାଷୀ ଆଜି ବି ପ୍ରତାରିତ,ଉପେକ୍ଷିତ ଓ ଅବହେଳିତ। ରାଜନୈତିକ ଦଳ କେବଳ ଚାଷୀଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଭୋଟ ନିଅନ୍ତି ଓ ପରିଣାମରେ ଋଣରେ ଚାପଗ୍ରସ୍ତ ଚାଷୀ ଆତ୍ମହତ୍ୟାକୁ ଶେଷ ପନ୍ଥା ଭାବରେ ବାଛିନେବାକୁ ବାଧ୍ୟ ହୋଇଥାଏ ଓ ଚଳିତ ଖରିଫ ଋତୁରେ ଚାଷୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ସରକାର ସେଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ବ୍ୟବସ୍ଥାଗତ ଶୋଷଣ,ପ୍ରଶାସନିକ ଉଦାସୀନତା ଓ ପ୍ରତିଶ୍ରୁତି ପାଳନରେ ବିଫଳତା ଚାଷୀଙ୍କୁ ନିରୁତ୍ସାହିତ କରିଦେଇଛି । ରାଜ୍ୟରେ ଥିବା ମଣ୍ଡିଗୁଡିକ ଏବେ ଚାଷୀଙ୍କ ପାଇଁ ନିର୍ଯାତନାର କେନ୍ଦ୍ର ପାଲଟିଛି । ରାଜ୍ୟ ସରକାର ନିର୍ବାଚନ ସମୟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ବନ୍ଦ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ନାନା ପ୍ରକାର ଆଳ ଦେଖାଇ କ୍ୱିଣ୍ଟାଲ ପିଛା ୫ ରୁ ୭ କିଲୋ କଟନୀ-ଛଟନୀ କରିବା ପରିତାପର ବିଷୟ । ମିଲର ଓ ସ୍ଥାନୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀମାନେ କଠିନ ପରିଶ୍ରମର ମୂଲ୍ୟ ପାଉନାହାଁନ୍ତି ଓ ରାଜ୍ୟର ସବୁ ଚାଷୀଙ୍କୁ ୮୦୦ ଟଙ୍କା ଲେଖାଏଁ ଇନପୁଟ ସବସିଡି ଦେବେ ବୋଲି ସରକାର ଘୋଷଣା କରିଥିଲେ । ନିକଟରେ ସରକାର ଏହି ସବସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କଣ୍ଠ ଧାର୍ଯ୍ୟ କରି ପ୍ରତିଶ୍ରୁତି ଭାଙ୍ଗିଛନ୍ତି । ଅଧିକ ଉତ୍ପାଦନ କରୁଥିବା ଚାଷୀମାନଙ୍କ ପ୍ରତି ଏହା ଦଣ୍ଡ ସ୍ୱରୂପ କହିଲେ ଅତ୍ୟୁକ୍ତି ହେବନାହିଁ। ଚାଷୀମାନଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦ ଉପରେ ୩୧୦୦ ଇନପୁଟ ସବସିଡି ଦେବା ପ୍ରତିଶ୍ରୁତିରୁ ସରକାର କାହିଁକି ଓହରି ଯାଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ଓ ନିକଟରେ କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ ୬୯ ଟଙ୍କା ବୃଦ୍ଧି କରିଛନ୍ତି । ରାଜ୍ୟରେ ଚାଷୀଙ୍କୁ ଏହି ବର୍ଦ୍ଧିତ ମୂଲ୍ୟ ଦିଆ ନ ଯିବା ପ୍ରତାରଣା ନୁହେଁ କି? ଧାନ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି । ରାତିସାରା ଚାଷୀଙ୍କୁ ଜଗି ରହିବାକୁ ପଡୁଛି । ଚାଷୀଙ୍କୁ ଠିକ ସମୟରେ ପ୍ରାପ୍ୟ ମଧ୍ୟ ମିଳୁନାହିଁ ଓ ସମୁଦାୟ ଖରିଫ ଧାନ କିଣା ଲକ୍ଷ୍ୟ ୭୩ ଲକ୍ଷ ମେଟ୍ରିକ ଟନ ଧାର୍ଯ୍ୟ ହୋଇଥିବାବେଳେ ମାତ୍ର ୪୧.୯୬ ମେଟ୍ରିକ ଟନ ସଂଗ୍ରହ କରାଯାଇଛି । ରାଜ୍ୟରେ ପାଖାପାଖି ୧୯ ଲକ୍ଷ ୬୫ ହଜାର ଚାଷୀ ପଞ୍ଜିକୃତ ହୋଇଥିବାବେଳେ ୯ ଲକ୍ଷ ୬୫ ହଜାର ଚାଷୀ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି ଓ ସରକାରଙ୍କ ପ୍ରତିଶ୍ରୁତି ପାଳନରେ ବିଫଳତା, ଧାନ ସଂଗ୍ରହରେ ମନ୍ଥର ଗତି,ପ୍ରଶାସନିକ ଅବ୍ୟବସ୍ଥା,ମିଲର - ଅଧିକାରୀ ମଧୁଚନ୍ଦ୍ରିକା ଆଦି ପ୍ରସଙ୍ଗ ଚାଷୀଙ୍କୁ ହତାଶ ଓ ନିରାଶ କରିଛି ଓ ପ୍ରତାରିତ ଅନୁଭବ କରୁଛି ଚାଷୀ।

# ପୃଥୁଳ ସମ୍ବିଧାନ, ଦୁର୍ବଳ ଜନତା

**ଯୁଧିଷ୍ଠିର ମହାରଣା**

ଆମେ ବିଶ୍ୱର ସବୁଠାରୁ ସର୍ବବୃହତ୍ତ ଓ ପୁରୁଣା ସାମ୍ବିଧାନିକ ଗଣତାନ୍ତ୍ରିକ ରାଷ୍ଟ୍ର। ଇତିମଧ୍ୟରେ ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣ ଅର୍ଥାତ୍ ଆମ୍ଭେମାନେ ଶକ୍ତିଶାଳୀ ଓ ସର୍ବୋଚ୍ଚ। ସମ୍ଭବତଃ ଏହି ଧାଡ଼ିଟି ଶୁଣିବାକୁ ଭଲ ଲାଗେ ଏବଂ ଏହା କେବଳ ଲିଖିତ ଧାଡ଼ିଟି କହିଲେ ଅତ୍ୟୁକ୍ତି ହେବନାହିଁ। ଗଣତନ୍ତ୍ର ଶାସନର ୭୫ ବର୍ଷ ପରେ ବି ଗଣ କେତେ ଅସହାୟ ଏହା ପ୍ରତିଦିନ ଗଣମାଧ୍ୟମରୁ ଜଣାଯାଏ। ବଜାରରେ ଦୁଇ ପ୍ରକାର ଖାଦ୍ୟ ସାମଗ୍ରୀ ଉପଲବ୍ଧ ଆମ ଦେଶରେ। ଯେତେ ଅଧିକ ଦାମ, ତାର ଗୁଣାତ୍ମକମାନ ସେତେ ଅଧିକ। ପକେଟରେ ପଇସା ନାହିଁ ମାନେ, କମ ଗୁଣାତ୍ମକମାନର ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ। ନକଲି ଖାଦ୍ୟଠାରୁ ଆରମ୍ଭ କରି ନକଲି ଔଷଧର ଏକ ବଜାର ସୃଷ୍ଟି ହୋଇସାରିଛି ଆମ ଦେଶରେ। ବିଭିନ୍ନ ମାନର ସେବା ମଧ୍ୟ ରହିଛି। ଆମ ଦେଶରେ କିଏ ବଞ୍ଚିବାକୁ ସଂଗ୍ରାମ କରୁଛି ତ ପୁଣି କିଏ ଜୀବନକୁ ଉପଭୋଗ କରୁଛି। ଜୀବନକୁ ଉପଭୋଗ କରୁଥିବା ମଣିଷଙ୍କ ସଂଖ୍ୟା ଆମ ଦେଶରେ ଖୁବ କମ୍। ଏମାନଙ୍କ ଭୋଟରେ ଗଣତନ୍ତ୍ର ପ୍ରତିଷ୍ଠା ହୁଏନି। ପ୍ରତିଟି ଭୋଟରଙ୍କ ଭୋଟର ମୂଲ୍ୟ କିନ୍ତୁ ସମାନ। ଧନୀର ଯେତିକି ଗରିବର ସେତିକି।




ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଗଣଙ୍କୁ କେତେ ସମ୍ମାନ ଦିଅନ୍ତି ଏବଂ କେତେ ଗୁରୁତ୍ୱ ଦିଅନ୍ତି ଏକଥା କାହାରିକୁ ଅଛପା ନାହିଁ। ଆମ ରାଜ୍ୟର ନେତାମାନେ କହୁଛନ୍ତି - ପ୍ରଶାସନିକ ଅଧିକାରୀମାନେ କୁଆଡ଼େ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉନାହାନ୍ତି। ସେଇ ଅଧିକାରୀମାନେ ସାଧାରଣ ଲୋକଙ୍କୁ କିଭଳି ସମ୍ମାନ ଦିଅନ୍ତି ଏକଥା ନିର୍ବାଚିତ ପ୍ରତିନିଧିମାନେ କେବେ ଚିନ୍ତା କରିଛନ୍ତି କି? ସ୍ୱାଧୀନତାର ୭୯ ବର୍ଷ ପରେ ବି ଲୋକଙ୍କୁ ମୁନ୍ଦେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇପାରୁନି ଫଳରେ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ଅନ୍ୟପଟେ ଅସଲି ମଦ ଦୋକାନ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଲୋକଙ୍କ ହାତ ପାହାନ୍ତାରେ ଉନ୍ନତ ମାନର ଅସଲ ମଦ ମିଳୁଛି - ଏହା ହିଁ ଗଣତନ୍ତ୍ର ପ୍ରତିଟି ଆଉ ଏକ ଉପହାସ।

ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ସଂଘ, କାନାଡ଼ା, ଆୟାରଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଦକ୍ଷିଣ ଆଫ୍ରିକା ଓ ଜାପାନ ଆଦି ଦେଶର ସମ୍ବିଧାନରୁ ନୀତିନିୟମ ଉଦ୍ଧୃତ କରାଯାଇ ସନ୍ନିବେଶିତ କରାଯାଇଛି ଭାରତୀୟ ସମ୍ବିଧାନରେ। ଏତେ ବଡ଼ ଲିଖିତ ସମ୍ବିଧାନ ବିଶ୍ୱରେ ଅନ୍ୟ କୌଣସି ଦେଶରେ ନାହିଁ। ରାଷ୍ଟ୍ରର ରାଜନୈତିକ ବ୍ୟବସ୍ଥା ସମ୍ବନ୍ଧୀୟ ମୌଳିକ ଢାଞ୍ଚା ଗଠନ କରିଥାଏ ସମ୍ବିଧାନ। ଦେଶବାସୀ କିଭଳି ଶାସିତ ହେବେ ଏବଂ ଜଣେ କିଭଳି ଅନ୍ୟାୟର ଶିକାର ନ ହେବ ସେ ସବୁ ସମ୍ବିଧାନରେ ଲିଖିତ ଭାବରେ ରହିଛି। ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଗୃହୀତ ହୋଇଥିଲେ ବି ଭାରତୀୟ ସମ୍ବିଧାନ ପ୍ରଣୀତ ହୋଇଥିଲା ୧୯୫୦ ଜାନୁଆରୀ ୨୬ ତାରିଖ ଦିନ। ଗଣଙ୍କ ଅଧିକାର କିଭଳି କ୍ଷୁର୍ଣ୍ଣ ନହେବ ସେ ଦିଗକୁ ଗୁରୁତ୍ୱ ଦିଆଯାଇଛି ଆମ ସମ୍ବିଧାନରେ। କିନ୍ତୁ ପ୍ରଶ୍ନ ଉଠୁଛି ଆମ ଦେଶର ସମ୍ବିଧାନ ଖୁବ ପୃଥୁଳ ହୋଇଥିଲେ ମଧ୍ୟ ଗଣ କାହିଁକି ଏତେ ଦୁର୍ବଳ, ପୁଷ୍ଟିହୀନତାର ଶିକାର କାହିଁକି ହେଉଛି ଶିଶୁ? ସେଇଟା ହିଁ ମୂଳ ପ୍ରଶ୍ନ। ଯେଉଁସବୁ ବିକଶିତ ଦେଶମାନଙ୍କ ସମ୍ବିଧାନରୁ ଆମ ସମ୍ବିଧାନ ପାଇଁ ନୀତି ନିୟମ ଉଦ୍ଧୃତ କରାଯାଇଛି ସେ ସବୁ ଦେଶର କ'ଣ ବିଶୁଦ୍ଧ ପାନୀୟ ଜଳପାଇଁ ଲୋକଙ୍କୁ ରାଜରାସ୍ତାକୁ ଆସିବାକୁ ପଡୁଛି କି?

ଦୁର୍ନୀତିଗ୍ରସ୍ତ ଶାସନ ପ୍ରଶାସନ ପାଇଁ 'ଛାଟ'ଭାବେ ସ୍ୱୀକୃତ ସିବିଆଇ, ଇଡି ଆଦି ସଂସ୍ଥା ଏବେ କେନ୍ଦ୍ରର ଅସୂୟାମୂଳକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଅସ୍ତ୍ର ରୂପେ ବ୍ୟବହାର ହେଉଛି। ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଉତ୍ତରଦାୟିତ୍ୱରେ ଥିବା ସାମ୍ବିଧାନିକ ସଂସ୍ଥା କ୍ଷମତାସୀନ ସରକାରର ହାତବାରିସି ହୋଇପଡୁଥିବାରର ଅଭିଯୋଗମାନ ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଅଣଏନଡିଏ ଶାସିତ ରାଜ୍ୟମାନେ ଅଧିକରୁ ଅଧିକ ପ୍ରଭାବିତ ଓ ଅସନ୍ତୁଷ୍ଟ ହେଉଥିବା ଦେଖାଯାଉଛି। ଏପରିକି କେତେକ ରାଜ୍ୟ କେନ୍ଦ୍ର ସହିତ ପ୍ରତ୍ୟକ୍ଷ ମୁକାବିଲା ପାଇଁ ପ୍ରସ୍ତୁତ। କେନ୍ଦ୍ର ରାଜ୍ୟ ସମ୍ପର୍କରେ ସମୀକ୍ଷା ପାଇଁ ଗତ ବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସୁପ୍ରିମୋ ଏମ.କେ. ଷ୍ଟାଲିନ ଏବେ ଆଉ ଦୁଇପାଦ ଆଗକୁ ଯାଇ ଅଣହିନ୍ଦୀ, ବିଶେଷକରି ଦକ୍ଷିଣ ଭାରତୀୟ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାନ୍ତରାଳ ସମ୍ମାନଜନକ ସର୍ବୋଚ୍ଚ ପୁରସ୍କାରର ବ୍ୟବସ୍ଥା ବିଷୟରେ ଘୋଷଣା କରିଛନ୍ତି। ଆଞ୍ଚଳିକ ଅସ୍ମିତା ଆଧାରରେ ଏହା ଭାରତକୁ ହିନ୍ଦୀ ଓ ଅଣହିନ୍ଦୀ ଆଧାରରେ ଦୁଇଭାଗ କରିଦେବା ଭଳି ହୋଇଛି। ସ୍ୱାଧୀନତା ପରଠାରୁ ଜାତୀୟ ରାଜନୀତିରେ ହିନ୍ଦୀ ଭାଷାଭାଷୀ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ମଧ୍ୟରେ ଯେଉଁ ଅସୂୟାର ମଞ୍ଜିଟିଏ ରୋପିତ ହୋଇ କାଳକ୍ରମେ ଦ୍ରୁମ ପାଲଟି ସାରିଛି ସେଥିରେ ଏବେ ଫଳ ଧରିବା ଆରମ୍ଭ କରିଛି କହିଲେ ଅତିଶୟୋକ୍ତି ହେବନାହିଁ। ସେହିଭଳି 'ବନ୍ଦେ ମାତରମ'କୁ ନେଇ ଯେଉଁ ବିବାଦ ଓ ବିତର୍କ ଉଠିଛି, ତାହା ମାଆକୁ ମଝିରେ ରଖି ସନ୍ତାନମାନେ ଦୁଇପଟୁ ଟଣାଓଟରା କରିବା ଭଳି ପରିବେଶଟିଏ ସୃଷ୍ଟି କରିଛି। କାଳାନ୍ତରର ଏଭଳି ବିତର୍କରୁ ଦୂରେଇ ରହିଥିଲେ ବରଂ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଅଧିକ ହୋଇଥାନ୍ତା।

ଆମ ସମ୍ବିଧାନ କେନ୍ଦ୍ର ରାଜ୍ୟ ସମ୍ପର୍କ, ସ୍ୱାୟତ୍ତା ଏବଂ ଯୁଗ୍ମ ଦାୟିତ୍ୱ ଓ ଅଧିକାର ବିଷୟ ସ୍ପଷ୍ଟ କରିଛି। ଅଥଚ ରାଜ୍ୟପାଳ ମାନଙ୍କର ଅତିକ୍ରିୟା ଯୋଗୁଁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେଉଛି ଏବଂ ଆଞ୍ଚଳିକ ଅସୂୟା ବଢ଼ିବାରେ ଲାଗିଛି। ଯେତେବେଳେ ସଂଘୀୟ ବ୍ୟବସ୍ଥା ଦଳୀୟ ରାଜନୈତିକ ସ୍ୱାର୍ଥ ସାଧନ ଆଗରେ ବଳି ପଡ଼େ, ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହୁଏ, ସୁସ୍ଥ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅବନତି ଦେଖାଦିଏ, ଆଞ୍ଚଳିକ ଦଳ ମାନଙ୍କୁ ବର୍ଷ ବର୍ଷ ଧରି ଅବହେଳା ଓ ପାତରଅନ୍ତରର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ପୁଞ୍ଜିଭୂତ ଅସନ୍ତୋଷ ବିରୋଧାଭାସର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି ବୋଲି କୁହାଯାଇପାରେ। ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ଆହୁରି ପରିପକ୍ୱ ହେବା କଥା। କିନ୍ତୁ ବିରୋଧାଭାସ କେବଳ ଆମ ସମ୍ବିଧାନ ଉଦଘୋଷିତ ଅଖଣ୍ଡ ଭାରତ ପ୍ରତି ଗୁରୁତ୍ୱର ଆହ୍ୱାନ ସୃଷ୍ଟି କରିଚାଲିଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ପୁନର୍ବାର ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟାନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଅନେକ ସମୟରେ ଲାଗୁଛି ଯେପରି ସମ୍ବିଧାନ ପ୍ରଦତ୍ତ ନାଗରିକର ବଞ୍ଚିବାର ମୌଳିକ ଅଧିକାର ହିଁ ଛଡେଇ ନିଆଯାଇଛି। ଏହା ଆମେ ସମସ୍ତେ ମନେ ରଖିବା ଉଚିତ ଯେ ସମ୍ବିଧାନ ପ୍ରଦତ୍ତ ମୌଳିକ ସ୍ୱାଧୀନତାର ସୁରକ୍ଷା ଓ ଏକ ସୁସ୍ଥ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପାଇଁ ସଂଘୀୟ ବ୍ୟବସ୍ଥାର ଭିତ୍ତିଭୂମି ସୁଦୃଢ଼ ରହିବା ଦରକାର ଏହା ହିଁ ହେବ ସମ୍ବିଧାନ ପ୍ରତି ଯଥେଷ୍ଟ ସମ୍ମାନ ଯେଉଁଠି ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମ୍ଭ ମାନଙ୍କ ଅଧିକାର ଓ ସ୍ୱାଧୀନତା ସୁରକ୍ଷିତ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮,
E-mail : judhister009moharana@gmail.com

# ରାଜ୍ୟରେ ସ୍ୱୟଂ ଶାସିତ ଶିକ୍ଷାନୁଷ୍ଠାନ

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାର ଅନ୍ୟତମ ଗୌରବାମହ ପ୍ରାଚୀନତମ ମହିଳା ମହାବିଦ୍ୟାଳୟ କଟକର ଶୈଳବାଳା ମହାବିଦ୍ୟାଳୟରେ ସ୍ୱୟଂଶାସିତ ମାନ୍ୟତା ଦାବିରେ ରିଲେ ଆନ୍ଦୋଳନ ଚାଲିଛି। ପ୍ରତୀକାତ୍ମକ ଭାବରେ ଏହି ବିରୋଧଭାଷ କେତେ ଦିନ ଚାଲିବ ତାହା ତ ଅନ୍ୟ କଥା କିନ୍ତୁ ଅନୁସନ୍ଧାନରୁ ଯାହା ଜଣାପଡ଼ିଛି ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡଜନରୁ ଉର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି। ତଥାପି ନିଜକୁ ସ୍ୱୟଂ ଶାସିତ ବୋଲି ଏଡି କଲେଜ ଗୁଡ଼ିକ ଦାବି କରୁଛନ୍ତି। ବିଡ଼ମ୍ବନା ହେଉଛି କେବଳ ୧ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ ସ୍ୱୟଂ ଶାସିତ ହୋଇ ରହିଛନ୍ତି। ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକ ସ୍ୱୟଂଶାସିତ କୁହାଯାଇପାରିବ ନାହିଁ। ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଶିକ୍ଷାବିତ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ ୨୯ ସ୍ୱୟଂଶାସିତ ରହିଛି। ତନ୍ମଧ୍ୟରୁ ୨୭ଟି ଅର୍ଥାତ୍ ୯୩% ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି। ଏପରିକି ସବୁଠି ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୋଟ ୨୭ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି।

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟ ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୯ଟି ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ଟି ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡାକିଛନ୍ତି। କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁନାହାନ୍ତି। ମାନ୍ୟତା ନଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇ ଯିବାର ଆଶଙ୍କା ରହିଛି। ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ମାନ୍ୟତା ନଥିବା ମହାବିଦ୍ୟାଳୟର ଅଧକ୍ଷକଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି।

ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ୟୁଜିସିର କନଫର୍ମେଣ୍ଟ ଅଫ ଅଟେନୋମସ ଷ୍ଟାଟସ ଓପନ କଲେଜ ଏବଂ ମେଜର୍ସ ଫର ମେଣ୍ଟେନାନ୍ସ ଅଫ ଷ୍ଟାଣ୍ଡାର୍ଡ଼ସ ଇନ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଘଂନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏ ନେଇ ବାରମ୍ବାର ତାଗିଦ ସତ୍ତ୍ୱେ ଓ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେକୌଣସି ଜାତିର, ରାଜ୍ୟର ଯୁବ ଓ ଶିକ୍ଷିତ ବର୍ଗଙ୍କ ଭବିଷ୍ୟତ ହେଉଛି ମହାବିଦ୍ୟାଳୟ। ସ୍ୱୟଂଶାସିତ ବ୍ୟବସ୍ଥା ରହିବା ଦ୍ୱାରା ଶିକ୍ଷାନୁଷ୍ଠାନର ଅନେକ ଲାଭ ହୋଇଥାଏ। ଗବେଷଣାଲବ୍ଧ ଜ୍ଞାନ ଶିକ୍ଷାର୍ଥୀମାନେ ବହୁଧା ଭାବରେ ପାଇଥାନ୍ତି। ତେଣୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ରାଜ୍ୟର କୋଟି କୋଟି ଶିକ୍ଷିତବର୍ଗଙ୍କ ଶିକ୍ଷାର ଉନ୍ନତି ନିମିତ୍ତ ସ୍ୱୟଂଶାସିତ ନାମକୁ ମାତ୍ର ନକରି ଅସଲରେ ଶିକ୍ଷାନୁଷ୍ଠାନକୁ କେବଳ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରି ନୁହେଁ ବରଂ ଶିକ୍ଷାନୁଷ୍ଠାନର ବ୍ୟାପକ ବିକାଶ ପାଇଁ ଆଗେଇ ଆସନ୍ତୁ, ଏ ଦାୟିତ୍ୱ ଡବଲ ଇଞ୍ଜିନ ସରକାରଙ୍କ ଠାରୁ ରାଜ୍ୟବାସୀ ଆଶା କରିବା ସ୍ୱାଭାବିକ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ଆପଣଙ୍କ କଷ୍ଟକୁ ଭାଗୁଆଳି କରନ୍ତୁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

କେଉଁ କଷ୍ଟ କଥା ମୁଁ କହୁଛି? ସେ କଷ୍ଟ ହେଉଛି ମଙ୍ଗଳ ଗ୍ରହର କଷ୍ଟ, ଯାହା ଯାଗୁଁ ଜନ୍ମ ଜାତକରେ ଆସୁଛି ମଙ୍ଗଳର ଉତ୍ପାତ, ମାଙ୍ଗଳିକ ଦୋଷ। ଏହା ଜାତକରେ ଲଗ୍ନ, ଚନ୍ଦ୍ର, ଶୁକ୍ର, ସ୍ଥିତସ୍ଥାନରୁ ୧ମ, ୨ୟ, ୪ର୍ଥ, ୭ମ, ୮ମ, ୧୨ଶ, ସ୍ଥାନରେ ଯଦି ମଙ୍ଗଳ ରହିବା ଜଣାପଡୁଛି ତେବେ ମଙ୍ଗଳ ଦୋଷ ହେଉଛି। ଏହା ଅତି କଷ୍ଟପ୍ରଦ ଯେତେବେଳେ ଏହାର ଦଶା, ଅନ୍ତର ଦଶା, ପ୍ରତ୍ୟାନ୍ତର ଦଶା ଭୋଗ କାଳରେ ପୁଣି ଏହାର ନକ୍ଷତ୍ର ୫, ୧୪, ୨୩ରେ ବାସିନ୍ଦା ଗ୍ରହର ଦଶାଦି ଭୋଗ କାଳରେ ମଙ୍ଗଳର କଷ୍ଟ ଦାମ୍ପତ୍ୟ ଜୀବନରେ ଆସେ। ଷଡ଼ ରିପୁରେ ମଙ୍ଗଳଙ୍କ କ୍ରୋଧରେ ଅଧିକାର ଅଛି। କ୍ରୋଧ ଅହମର ବନ୍ଧୁ। ଫଳରେ ଜଣଙ୍କ ଠାରୁ ଜଣଙ୍କ ସମ୍ପର୍କ ଭାଙ୍ଗିବା ହୋଇଯାଏ ବା ପରେ। ଯଦି କେହି ସୌର ମଣ୍ଡଳର ଗ୍ରହ କ୍ରମକୁ ଅନୁଧ୍ୟାନ କରନ୍ତି ନିଶ୍ଚେ ଦେଖିବେ ପୃଥିବୀର କ୍ରମରୁ ଏକ ପଟରେ ଶୁକ୍ର ଅନ୍ୟ ପଟରେ ମଙ୍ଗଳ ଚକ୍ର ଲଗାଇଚାଲିଛନ୍ତି ଏହା ସହ ପୃଥିବୀ ବି ଚକ୍ର ଲଗାଉଛି। ଏ ସମସ୍ତ ସୂର୍ଯ୍ୟଙ୍କୁ ଚକ୍ରକାଟି ଭ୍ରମଣ କରୁଛନ୍ତି। ନିର୍ଦ୍ଦିଷ୍ଟ ଦୂରରେ ରହିଲେ ବି ଚକ୍ରଭ୍ରମଣର ଗତି କାହାରି କାହା ସହ ମେଳ ନାହିଁ। ଏହା ମଧ୍ୟରେ ପୃଥିବୀକୁ ଚନ୍ଦ୍ର ଚକ୍ର କାଟୁଛନ୍ତି, ଚକ୍ର କାଟିବା ଅର୍ଥ ୩୬୦ ଅଂଶର ଏକ ବୃତ୍ତକୁ ତାଙ୍କ ଗତିପଥରେ ଘୁରିବା ପରିକ୍ରମା ହେଉଛି।

ପ୍ରତି ଗ୍ରହକୁ ପଞ୍ଜିକାରେ ଗଣିତରେ ଧାର୍ଯ୍ୟକୁ ଦେଖି ସେହି ୩୬୦ ଅଂଶକୁ ନେଇ ଏକ ଛୋଟିଆ ଚକ୍ରରେ ସୌରମଣ୍ଡଳର ଗ୍ରହ ମାନଙ୍କୁ ବସା ଯାଇଥାଏ। ଚକ୍ରଟିକୁ ସମାନ ବାର ଭାଗରେ ବିଭକ୍ତ କରାଯାଇଥାଏ ଏକ ଭାଗ ୩୦ ଅଂଶ। ପ୍ରତ୍ୟେକ ଗ୍ରହ ଓ ଚନ୍ଦ୍ରଙ୍କ ସୂର୍ଯ୍ୟଙ୍କ ପରିକ୍ରମଣରେ ଏହି ଗୋଲର କେଉଁ ଅଂଶରେ ଗଣିତ ଦୃଷ୍ଟେ ଅଛନ୍ତି ତାହା ଧରାଯାଇ ଅନେକ ଚକ୍ର ଭିନ୍ନ ଭିନ୍ନ ନକରି ଏହି ଚକ୍ରରେ ତାର ଧାରଣା କରାଯାଇଛି। ଏହା ହିଁ ରାଶି ଚକ୍ର। ଏହାର ୧୨ଅର ରାଶି ମଧ୍ୟରେ ଜଡ଼ିତ ୨୭ଅର ନକ୍ଷତ୍ର। ଏଇଥିରେ ପୃଥିବୀ ନାମ ନାହିଁ। ଯେଉଁ ସୂର୍ଯ୍ୟଙ୍କ ଭିନ୍ନ ନାମ ରବି ଲେଖା 'ର' ସଂକ୍ଷିପ୍ତରେ ଲେଖା ଅଛି ତାର ୧୮୦ ଅଂଶ ଦୂର ୬ରାଶି ଦୂରରେ ପୃଥିବୀ ସର୍ବଦା ଗତିଶୀ। ସୂର୍ଯ୍ୟ ସଦା ପୂର୍ବ ଦିଗରେ ଦେଖାଯାନ୍ତି। ପ୍ରତିମାସ ଆରମ୍ଭରୁ ଏକ ସୌର ସମ୍ବନ୍ଧ ଉଦୟ ବେଳେ ଲଗ୍ନରେ ରବି, ଅସ୍ତରେ ଠିକ ତାର ୭ମ ରାଶିରେ ଗତି କରନ୍ତି। ଭାରତ ପୂର୍ବପଟ ଆମେରିକା, ପଶ୍ଚିମ ପଟ ୧୨ ଘଣ୍ଟା ପରେ ଏ ପାଖ ସେ ପାଖ ସୂର୍ଯ୍ୟ ରହୁଛନ୍ତି ସୂର୍ଯ୍ୟଙ୍କ ଆହ୍ନିକ ଗତି ପାଇଁ ଏପରି ନିତ୍ୟ ହେଉଛି ୩୬୦ ଅଂଶକୁ ଆବର୍ତ୍ତମାନ କାଳ ୨୪ ଘଣ୍ଟା ହେଲେ ୧ ଅଂଶକୁ ୪ ମିନିଟ ହେଉଛି। ୧ ରାଶି ୩୦ ଅଂଶକୁ ୨ଘଣ୍ଟା ହାରାହାରି ଲାଗୁଛି। ଏଥିପାଇଁ ଏକଲଗ୍ନ ୨ଘଣ୍ଟା ଭୋଗରେ ମୋଟାମୋଟି ଧରାଯାଏ। ଏହି ଲଗ୍ନରୁ ୧, ୨, ୪, ୭, ୮, ୧୨ ଘରେ ମଙ୍ଗଳ ରହିବା ଦୋଷାବହ। ଏହି ମଙ୍ଗଳର ଶାନ୍ତି କର୍ମକାଣ୍ଡରେ ପୂଜାଦାନ ହୋମ ଜପ ଆଦିର ବିଧାନ ଅଛି। ମାତ୍ର ଏସବୁ ବିନା ଚେତନା ମନୋଭାବ ପରିବର୍ତ୍ତନରେ ଖଣ୍ଡସନ ହୋଇନପାରେ। ଏଥିପାଇଁ କିଛି ଅନ୍ୟ ଶାସ୍ତ୍ର ବାକ, ଗୁରୁଙ୍କ ଉପଦେଶ ମାନିନେଲେ ଜଟିଳ ସରଳ ହୋଇଥାଏ। ଦାନରେ ବାପାମା ରୋଜଗାର ଖର୍ଚ୍ଚ କରି ପୂଜାକଲେ ଓ ତତ୍ ଦୋଷର ଉତ୍ସ କାରଣ ନହଟାଇଲେ ପୂଜାଫଳ କେବେ ମିଳିପାରେ ନାହିଁ। ମଙ୍ଗଳ ରକ୍ତର କାରକ, ରକ୍ତ ଯୁବକ ଯୁବତୀଙ୍କ ଦେହରେ ଅଫୁରନ୍ତ ପ୍ରବାହିତ ଓ ସୃଷ୍ଟି ହେଉଛି, ଯଦି ମଙ୍ଗଳ ଦୋଷ ତେବେ ରକ୍ତ ଦାନ କରନ୍ତୁ, ପ୍ରାଣ ସଂକଟରେ ପଡ଼ିଥିବା ବ୍ୟକ୍ତିକୁ ରକ୍ତ ଦାନ କଲେ ମଙ୍ଗଳଙ୍କ ଶୁଭତ୍ୱ ଅଶୁଭ ପାଇପାରିବେ। ମଙ୍ଗଳ ସାନଭାଇ, ସାହଯ୍ୟକାରୀ, ଶାନ୍ତିରକ୍ଷାକାରୀ ପୋଲିସ, ଲଢୁଆ ସୈନ୍ୟର କାରକ। ରକ୍ତ ଦାନକରି ଜଣେ ଏହିପରି ଉଦ୍ୟମୀ ହୋଇ ମୃତ୍ୟୁ ମୁଖରୁ ମୁମୁର୍ଷୁ ରକ୍ଷା କରି ଭାଇପରି କାମ କରନ୍ତି, ସୈନ୍ୟ ପରି ମରଣ ପରି ବ୍ୟକ୍ତିର ମହାଶତ୍ରୁ ମୁଖରୁ ବଞ୍ଚାଇଥାନ୍ତି। ଏସବୁ କଥିତ ଭାବର ପଛ ଭାବ ସବୁ ରକ୍ତ ଭାବ ଗୁଡ଼ିକର ଦାନ ସ୍ଥାନ ୧ମ ଦାନ ସ୍ଥାନ ୧୨ଶ ସ୍ଥାନ, ୪ର୍ଥର ଦାନ ସ୍ଥାନ ୩ୟ ସ୍ଥାନ ଏପରି ଅନ୍ୟ ଭାବ ଗୁଡ଼ିକର ଦାନ ସ୍ଥାନ, ଦାନର ଭିନ୍ନ ଅର୍ଥତ୍ୟାଗ, ବଳୀ, ଦେଇ ଫେରସ୍ତ କୌଣସି ପ୍ରକାରେ ଆଣିବା, ଦାନର ସାକ୍ଷୀ ଧର୍ମ ଦେବତା ଯେ ବ୍ୟକ୍ତିର କର୍ମ କଷଣକୁ ଲୁହାକୁ ଆରୀକତପରି ଲୁହା କାଟିଲାପରି କାଟିପାରନ୍ତି। ଲୋକ ଦାନ ଦେଲେ ଆତ୍ମତୃପ୍ତି ପାଏ ଲୋକମାନେ ସମ୍ମାନ ଦିଅନ୍ତି, ମଙ୍ଗଳଙ୍କ କରୁଣା ପ୍ରାପ୍ତି ହୁଏ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# କ୍ରୋଧରେ ଶୁଳ୍କ ବୃଦ୍ଧି କଲି:ଟ୍ରମ୍ପ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱିଜରଲାଣ୍ଡ ଉପରେ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ବିଷୟରେ ଖୋଲାଖୋଲି କହିଛନ୍ତି । ଏହା ତାଙ୍କ ନିର୍ଲଜ ମନୋଭାବ ପ୍ରକାଶ କରିଛି । ସେ କହିଛନ୍ତି, ଏହି ନିଷ୍ପତ୍ତି କେବଳ ବାଣିଜ୍ୟ ତଥ୍ୟ ଦ୍ୱାରା ନୁହେଁ ବରଂ ଏକ ଆଲୋଚନା ଅଭିଜ୍ଞତା ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଛି। ଟ୍ରମ୍ପ କହିଛନ୍ତି, ସ୍ୱିଜରଲାଣ୍ଡର ଜଣେ ମହିଳା ନେତାଙ୍କ ସହ ଫୋନ୍ ମାଧ୍ୟମରେ କଥାବାର୍ତ୍ତା ପରେ, ମୁ କୌଣସି ଆଶ୍ୱସ୍ତି ଦେବା ପରିବର୍ତ୍ତେ ଶୁଳ୍କ ଆହୁରି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲି । ଏକ ସାମ୍ପ୍ରତିକ ଗଣମାଧ୍ୟମ ସାକ୍ଷାତକାରରେ, ଟ୍ରମ୍ପ ସ୍ୱିସ୍ ଫେଡେରାଲ୍ କାଉନସିଲ୍ ସଦସ୍ୟ କରିନ୍ କେଲର-ସଟରଙ୍କ ସହ ତାଙ୍କର ଏକ ଆଲୋଚନା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ, ଆମେରିକା ଓ ସ୍ୱିଜରଲାଣ୍ଡ ମଧ୍ୟରେ ବାଣିଜ୍ୟ ସନ୍ତୁଳନ ଆମେରିକାର ସପକ୍ଷରେ ନାହିଁ । ଟ୍ରମ୍ପଙ୍କ ଅନୁଯାୟୀ, ସ୍ୱିଜରଲାଣ୍ଡ ଏକ ଛୋଟ ଦେଶ ହୋଇପାରେ, କିନ୍ତୁ ଆମେରିକା ସହିତ ଏହାର ପ୍ରାୟ ୪୨ ବିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟ ଅଛି । କୌଣସି ଦେଶର ଆକାର କେତେକ ବଡ଼ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହାର ବାଣିଜ୍ୟ କେତେ ହେଉଛି ତାହା ଗୁରୁତ୍ୱପୂର୍ଣ୍ଣ । ଡୋନାଲ୍ଡ ଟ୍ରମ୍ପ



କହିଥିଲେ ଯେ, ମୁଁ ପ୍ରଥମେ ସ୍ୱିଜରଲାଣ୍ଡ ଉପରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲି । ମୁଁ ଏକ ଫୋନ୍ କଲ୍ ପାଇଥିଲି । ମୁଁ ଅନୁମାନ କରୁଥିଲି ତାହା ସ୍ୱିଜରଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆସିଥିବ। ମାତ୍ର ସ୍ୱିଜରଲାଣ୍ଡରେ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତିଙ୍କର ପଦବୀ ନାହିଁ। ଦେଶର ଶାସନ ଏକ ସାତ ସଦସ୍ୟ ବିଶିଷ୍ଟ ଫେଡେରାଲ୍ ପରିଷଦ ସରକାର ପରିଚାଳନା କରୁଛନ୍ତି । ଟ୍ରମ୍ପଙ୍କ ଅନୁସାରେ, କଥାବାର୍ତ୍ତା ସମୟରେ, ସ୍ୱିଜରଲାଣ୍ଡ ନେତା ବାରମ୍ବାର କହିଥିଲେ ଯେ, ତାଙ୍କ ଦେଶ ଛୋଟ ଓ ଏତେ ଅଧିକ ଶୁଳ୍କ ହାର ତାଙ୍କ ପାଇଁ ସହ୍ୟ କରିବା କଷ୍ଟକର ହେବ ।ଟ୍ରମ୍ପ ଦାବି କରିଛନ୍ତି ଯେ, ମତେ କଥାବାର୍ତ୍ତାର ସ୍ୱର ଆକ୍ରମଣାତ୍ମକ ଲାଗିଲା । ମୁଁ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଥିଲି । ଏହାପରେ ମୁଁ ଶୁଳ୍କକୁ ୩୦ ପ୍ରତିଶତରୁ ୩୯ ପ୍ରତିଶତକୁ ବୃଦ୍ଧି କରିଥିଲି। ଟ୍ରମ୍ପ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ସ୍ୱିଜରଲାଣ୍ଡ ଆମେରିକାକୁ ବହୁ ପରିମାଣର ସାମଗ୍ରୀ ରପ୍ତାନି କରେ କିନ୍ତୁ ସେଗୁଡ଼ିକ ଉପରେ ପର୍ଯ୍ୟାପ୍ତ ଶୁଳ୍କ ପ୍ରଦାନ କରେ ନାହିଁ ।

## ବିନାଶ ଚେତାବନୀ ଦେଲା ଚୀନ୍

# କଡ଼ା ଜବାବ ଦେବାକୁ ସୀମାରେ ଆମେରିକା କ୍ଷେପଣାସ୍ତ୍ର ମୁତୟନ କଲା ତାଇୱାନ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ତାଇୱାନ ଓ ଚୀନ୍ ମଧ୍ୟରେ ଚାଲିଥିବା ବିବାଦ ଏବେ ଏକ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି । କାରଣ ତାଇୱାନ ନିଜର ସୁରକ୍ଷା ପାଇଁ ଆମେରିକାରୁ ପ୍ରାପ୍ତ ଘାତକ କ୍ଷେପଣାସ୍ତ୍ର ନିୟୋଜିତ କରିଛି । ଏହି ପଦକ୍ଷେପରେ କ୍ରୋଧିତ ହୋଇ ଚୀନ୍ ସିଧାସଳଖ ତାଇୱାନକୁ ବିନାଶ ଚେତାବନୀ ଦେଇଛି ଓ ଏଭଳି କାର୍ଯ୍ୟ ଚୀନ୍ର ସାର୍ବଭୌମତ୍ୱ ପ୍ରତି ଏକ ବଡ଼ ବିପଦ ବୋଲି କହିଛି । ବେଜିଂର ଯେକୌଣସି ସମ୍ଭାବ୍ୟ ଆକ୍ରମଣର କଡ଼ା ଜବାବ ଦେବାକୁ ତାଇୱାନ ନିରନ୍ତର ନିଜର ସାମରିକ ଶକ୍ତି ବୃଦ୍ଧି କରୁଛି । ଦୁଇ ଦେଶ ମଧ୍ୟରେ ଏହି ବଢୁଥିବା ସାମରିକ ସ୍ଥିତି ଆଗାମୀ ସମୟରେ ଏକ ବଡ଼ ବିଶ୍ୱ ସଂଘର୍ଷ ଆଡ଼କୁ ଇଙ୍ଗିତ କରୁଛି। ଚୀନ୍ ସାମରିକ ମୁଖପାତ୍ର ଜିଆଙ୍ଗ୍ ବିନ୍ ସ୍ପଷ୍ଟ ଭାବରେ କହିଛନ୍ତି, ତାଇୱାନର ସ୍ୱାଧୀନତା ପାଇଁ ଯେକୌଣସି ପ୍ରୟାସ ଅତ୍ୟନ୍ତ ବିପଜ୍ଜନକ ପରିଣାମ ଆଣିବ । ସେ ସ୍ପଷ୍ଟ କରିଛନ୍ତି, ମୁଖ୍ୟଭୂମି ଚୀନ୍ ଉପରେ ଆକ୍ରମଣ କରିବା ପାଇଁ ଆମେରିକୀୟ ସାମରିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଏକ ବୋକାମି ଓ ଅତ୍ୟଧିକ ଆତ୍ମବିଶ୍ୱାସୀ ଚିନ୍ତାଧାରା। ଚୀନ୍ ଚେତାବନୀ ଦେଇଛି, ଯଦି ଯୁଦ୍ଧ ହୁଏ, ତେବେ ତାଇୱାନର ବିନାଶ ହେବ । ତାଇୱାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ । ତାଇୱାନ ୧୧.୧ ବିଲିୟନ ଡଲାର ମୂଲ୍ୟର ଏକ ମେଗା ଡିଲ୍ ଅନ୍ତର୍ଗତ ଆମେରିକାଠାରୁ ୮୨ଟି ୧୪୨ ହିମାର୍ସ ଲଞ୍ଚର୍ ତଥା ୪୨୦ଟି ଆଟାକମ୍ସ ମିସାଇଲ୍



ଅର୍ଡର କରିଛି । ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ରହିଛି । ଏହି ମିସାଇଲଗୁଡ଼ିକ ସହଜରେ ଚୀନର ଉପକୂଳବର୍ତ୍ତୀ ନୌସେନା ଘାଟିଗୁଡ଼ିକୁ ଟାର୍ଗେଟ କରିପାରିବ । ପେଙ୍ଗୁ ଓ ଡୋଙ୍ଗିନ୍ ଭଳି ଦ୍ୱୀପପୁଞ୍ଜରେ ମିସାଇଲ୍ ନିୟୋଜିତ ହେବା ଦ୍ୱାରା ଫୁଜିଆନ୍ ଓ ଝେଜିୟାଙ୍ଗ ପ୍ରଦେଶରେ ଥିବା ଚୀନ୍ର ବାୟୁସେନା ଘାଟି ତାଇୱାନର ଲକ୍ଷ୍ୟଭେଦ କ୍ଷମତା ପରିସର ମଧ୍ୟରେ ରହିବ । ହିମାର୍ସ ସିଷ୍ଟମ ଏହାର ସୁଟ୍-ଏଣ୍ଡ-ସ୍କୁଟ୍ ପ୍ରଯୁକ୍ତିବିଦ୍ୟା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ । ଯାହା ଆକ୍ରମଣ ପରେ ଲଞ୍ଚରକୁ ଶୀଘ୍ର ପୁନଃସ୍ଥାପନ କରିବାକୁ ଅନୁମତି ଦେଇଥାଏ। ଲକହିଡ୍ ମାର୍ଟିନ୍ ଦ୍ୱାରା ବିକଶିତ, ଏହି ସିଷ୍ଟମରେ ତିନି ଜଣିଆ କ୍ରୁ ଆବଶ୍ୟକ। ଯାହା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତ୍ୟନ୍ତ ଗତିଶୀଳ କରିଥାଏ। ୟୁକ୍ରେନ ଯୁଦ୍ଧ ସମୟରେ ଏହି ସିଷ୍ଟମ ଏହାର ଘାତକ ଶକ୍ତିର ପ୍ରଦର୍ଶନ କରିଥିଲା। ରୁଷର ଲଜିଷ୍ଟିକ୍ସ ଓ କମାଣ୍ଡ ପୋଷ୍ଟଗୁଡ଼ିକୁ ଏହା ଧ୍ୱଂସ କରିଥିଲା । ଆମେରିକା ନିଜର ଭୂରାଜନୈତିକ ଆବଶ୍ୟକତା ଦ୍ୱାରା ପ୍ରଭାବିତ ହୋଇ ତାଇୱାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଚାଲିଛି ଓ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଉଛି। ଚୀନ୍ ଅନୁସାରେ ଆମେରିକାର ହସ୍ତକ୍ଷେପ ଅଞ୍ଚଳର ଶାନ୍ତିକୁ ବିପର୍ଯ୍ୟସ୍ତ କରୁଛି ତଥା ବିଚ୍ଛିନ୍ନତାବାଦୀ ଶକ୍ତିକୁ ଉତ୍ସାହିତ କରୁଛି । ଆମେରିକାର ଭୂମିକାକୁ ନେଇ ବିଶ୍ୱସ୍ତରରେ ମଧ୍ୟ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି ।

# 'ଅପରେସନ୍ ସିନ୍ଦୂରର ହିରୋ ଥିଲା ରାଫେଲ୍'

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ଅପରେସନ୍ ସିନ୍ଦୂର ସମୟରେ ସାରା ବିଶ୍ ଦେଖିଛି ଭାରତର ଶକ୍ତି। ଭାରତ ପ୍ରମାଣ କରି ଦେଖାଇଛି ଯେ ସେ ତାର ଶତ୍ରୁକୁ ବିନାଶ କରିବା ପାଇଁ ଶତ୍ରୁର ଘରେ ପଶିକି ବି ଆକ୍ରମଣ କରିପାରେ । ଅପରେସନ୍ ସିନ୍ଦୂରରେ ପାକିସ୍ତାନ ସୀମା ଭିତରେ ଥିବା ଅନେକ ଆତଙ୍କୀ ଆଡ୍ଡାକୁ ନଷ୍ଟ କରିବା ସହ, ଶହ ଶହ ଆତଙ୍କୀଙ୍କୁ ନିପାତ କରିଥିଲା ଭାରତୀୟ ବାୟୁସେନା, ଯାଗାକୁ ନେଇ ଏବେ ବିଶ୍ୱବ୍ୟାପି ପ୍ରଶଂସା କରାଯାଉଛି। ଏକ ପ୍ରେସ୍ କନଫରେନ୍ସରେ, ଭାରତୀୟ ବାୟୁସେନାର ଉପାଧ୍ୟକ୍ଷ ଏୟାର ମାର୍ଶାଲ ନାଗେଶ କପୁର ଏହି ଅପରେସନର ହିରୋମାନଙ୍କ ବିଷୟରେ କହିଥିଲେ । ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ରାଫେଲ ଅପରେସନ ସିନ୍ଦୂରର ହିରୋ ଥିଲେ । ନାଗେଶ କପୁରଙ୍କ ଏହି ବୟାନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ପାକିସ୍ତାନ



ବାରମ୍ବାର ଭାରତର ରାଫେଲକୁ ଖସାଇ ଦେଇଥିବା ଦାବି କରିଛି, ଯାହାକି ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ । ପ୍ରେସ୍ ବ୍ରିଫ୍ରେ ଏହା ମଧ୍ୟ କୁହାଯାଇଛି ଯେ ଭାରତୀୟ ବାୟୁସେନା ୨୭ ଫେବୃଆରୀ, ୨୦୨୬ରେ ରାଜସ୍ଥାନର ପୋଖରାନ ଫାୟାରିଂ ରେଞ୍ଜରେ ମେଗା ଏକ୍ସରସାଇଜ୍ ବାୟୁ ଶକ୍ତି ୨୦୨୬ ପରିଚାଳନା କରିବ । ଏହି ଯୁଦ୍ଧାଭ୍ୟାସର ଲକ୍ଷ୍ୟ ହେଉଛି ଦେଶକୁ ବାୟୁସେନାର ଶକ୍ତି ପ୍ରଦର୍ଶନ କରିବା, ଯୁଦ୍ଧ ପ୍ରସ୍ତୁତି ପ୍ରଦର୍ଶନ କରିବା ଓ ଯୁବପିଢ଼ିଙ୍କୁ ବାୟୁସେନାରେ ଯୋଗଦେବା ପାଇଁ ପ୍ରେରଣା ଦେବା। ଏହି ଯୁଦ୍ଧାଅଭ୍ୟାସ ସମୟରେ ରାଫେଲ ଓ ତେଜସ ଅଂଶଗ୍ରହଣ କରିବେ ଏବଂ ଅପରେସନ ସିନ୍ଦୂରରେ ବାୟୁସେନାର ସଫଳ ଭୂମିକା ପ୍ରଦର୍ଶନ କରିବେ। ବାୟୁସେନାର ଜଣେ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ବିମାନ, ହେଲିକପ୍ଟର ଏବଂ ପରିବହନ ବିମାନ ସମେତ ୧୨୦ ରୁ ଅଧିକ ବିମାନ ଏହି ଅଭ୍ୟାସରେ ଅଂଶଗ୍ରହଣ କରିବେ । ଫୁଲ ଡ୍ରେସ୍ ରିହର୍ସଲ୍ ଫେବୃଆରୀ ୨୪ ତାରିଖରେ ହେବ।

# ଶେହବାଜ ସରକାରଙ୍କୁ ବେଲୁଚିସ୍ତାନର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ପାକିସ୍ତାନ ସରକାର ଓ ସେନା ବେଲୁଚିସ୍ତାନରେ ଚାଲିଥିବା ସଶସ୍ତ୍ର ବିଦ୍ରୋହ ଉପରେ ସବୁଦିନ ଅଦ୍ଭୁତ ବୟାନ ଦେବାରେ ଲାଗିଛି। ତାକୁ ଭାରତ ସହ ମଧ୍ୟ ଯୋଡୁଛି, କିନ୍ତୁ ବଲୁଚିସ୍ତାନ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବେଲୁଚିସ୍ତାନର ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍ପି) ମୁଖ୍ୟ ସର୍ଦ୍ଦାର ଅଖତର ମେଙ୍ଗଲ ଗତ ସୋମବାର କହିଥିଲେ ବଲୁଚିସ୍ତାନରେ ରକ୍ତାକ୍ତ ସଂଘର୍ଷ ରୋକିବା ପାଇଁ ଏବେ କେବଳ ଗୋଟିଏ ବିକଳ୍ପ ରହିଛି । ବଲୁଚିସ୍ତାନର ସ୍ୱାଧୀନତା ଓ ସବୁ କିଛି ହାତରୁ ଖସି ସାରିଛି। ବଲୁଚିସ୍ତାନ ଓ ପାକିସ୍ତାନ ଏକାଠି ରହିପାରିବେନି । ଜଣେ ପଡୋଶୀ ଭାବରେ ଶାନ୍ତ ରହିବା ଜରୁରୀ ।୯ ଫେବୃଆରୀରେ ଲାହୋରରେ ଆୟୋଜିତ ଆସମା ଜାହାଙ୍ଗୀର କନଫେନ୍ସରେ ଅଖତର ମେଙ୍ଗଲ କହିଛନ୍ତି, ବେଲୁଚିସ୍ତାନର ପାକିସ୍ତାନରେ ବିଲୟ ବେଳେ ମହମ୍ମଦ ଅଲ୍ଲୀ ଜିନ୍ନା ବେଲୁଚିସ୍ତାନ ଜନତାଙ୍କୁ ବିଭିନ୍ନ ପ୍ରତିଶୃତି ଦେଇଥିଲେ । ହେଲେ ୭୦ ବର୍ଷ ପରେ ସେହି ପ୍ରତିଶୃତି ପାଳନ ହେଲାନି । ବଂର ଲୋକଙ୍କୁ ଘରୁ ଉଠାଇ ନେଇ ମାରି



ଦିଆଗଲା । ୩୧ ଜାନୁଆରୀରେ ଯେତେବେଳେ ବଲୁଚ ଯୋଦ୍ଧା ଏକାଠି ବଲୁଚିସ୍ତାନର ବହୁ ସହରରେ ଥିବା ସେନା ଆଡାକୁ ଟାର୍ଗେଟ କରିଥିଲେ,ସାଧାରଣ ଲୋକ ଘରୁ ବାହାରି ସେଲଫି ନେଇଥିଲେ । ମହିଳାମାନେ ପୁରୁଣା କପଡାରେ ପୁରାଇ ତାଙ୍କୁ ଖାଦ୍ୟ ଦେଇଥିଲେ । କାରଣ ବଲୁଚିସ୍ତାନର ଜନତାଙ୍କୁ ଲାଗୁଛି ବଲୁଚ ଯୋଦ୍ଧା ତାଙ୍କୁ ଅତ୍ୟାଚାରରୁ ବଞ୍ଚାଇ ପାରିବେ । ଯେତେବେଳେ କି ପାକିସ୍ତାନୀ ସେନା ଯାଆନ୍ତି ଲୋକେ ତାଙ୍କୁ ଦେଖି ଲୁଚି ଯାଆନ୍ତି । ବଲୁଚିସ୍ତାନରେ ରକ୍ତପାତ ରୋକିବା ପାଇଁ ବର୍ତ୍ତମାନ ସମାନ ନୀତି ଗ୍ରହଣ କରିବାକୁ ପଡିବ । ସୋମବାର ଏହି ବିବୃତ୍ତି ପରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଅଖତାର ମେଙ୍ଗାଲ ମଙ୍ଗଳବାର ସଂସଦ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ, ଯାହା ପରେ ପାକିସ୍ତାନୀ ସଂସଦର ବାଚସ୍ପତି ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ ।

# ବିପଦରେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ଚୌକି

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ଆମେରିକୀୟ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ସହ ଜଡ଼ିତ ସେକ୍ସ ସ୍କାଣ୍ଡାଲରେ ନାମ ସାମ୍ନାକୁ ଆସିବା ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମରଙ୍କ ସବୁଠୁ ବିଶ୍ୱସ୍ତ ସହଯୋଗୀ ତଥା ଡାଉନିଂ ଷ୍ଟ୍ରିଟର ଚିଫ୍ ଅଫ୍ ଷ୍ଟାଫ୍ ମାର୍ଗନ୍ ମ୍ୟାକସିନି ରବିବାର ଇସ୍ତଫା ଦେଇଥିଲେ । ତାଙ୍କ ବିରୋଧରେ ଏପଷ୍ଟିନର ସମର୍ଥନ କରିଥିବା ପିଟର ମଣ୍ଡେଲସନଙ୍କୁ ଆମେରିକାରେ ବ୍ରିଟେନର ରାଷ୍ଟ୍ରଦୂତ କରି ପଠାଇଥିବା ଅଭିଯୋଗ ରହିଛି । ଏହାପରେ ଏବେ ସେହି ବିବାଦ ଲାଗି ଷ୍ଟାର୍ମରଙ୍କ ଚୌକି ବିପଦରେ ଥିବା ଚର୍ଚ୍ଚା କରାଯାଉଛି । ତାଙ୍କ ନିଜ ଦଳ ଲେବର ପାର୍ଟିର ଏକ ଗୋଷ୍ଠୀ ଷ୍ଟାର୍ମରଙ୍କ ଇସ୍ତଫା ଦାବି କରୁଛନ୍ତି । ଅବଶ୍ୟ ତମାମ ବିରୋଧ ସତ୍ତ୍ୱେ ସେ ଏବେ ପଦ ଛାଡ଼ିବାକୁ ମନା କରିଛନ୍ତି । ସୋମବାର ଷ୍ଟାର୍ମର କହିଥିଲେ ଯେ, ସରକାର ଚଳାଇବାର ସଂକଳ୍ପ ସାର୍ବଜନିକ କର୍ତ୍ତବ୍ୟ ସହ ବାନ୍ଧି ହୋଇଛି । ତେଣୁ ବିବାଦ ମଧ୍ୟରେ ବି ସେ ଦେଶକୁ ବଦଳାଇବାର କାର୍ଯ୍ୟ ଜାରି ରଖିବେ । ସେହିପରି ପିଟର ମଣ୍ଡେଲସନଙ୍କ ନିଯୁକ୍ତି ନିଷ୍ପତ୍ତି ଭୁଲ୍ ଥିବା ସେ ଦର୍ଶାଇଥିଲେ । ଯଦି ଚାପବଶତଃ ଷ୍ଟାର୍ମର ଆଗକୁ ଇସ୍ତଫା ଦିଅନ୍ତି ତେବେ କାଶ୍ମୀର ବଂଶୋଦ୍ଭବ ଶବାନା ମହମୁଦ ତାଙ୍କ ସ୍ଥାନ ନେଇପାରନ୍ତି ବୋଲି ଚର୍ଚ୍ଚା କରାଯାଉଛି । ମହମୁଦ ଏବେ ବ୍ରିଟେନର ଗୃହମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି ।

# 'ପାକିସ୍ତାନରେ ସହିଦ ଯବାନଙ୍କୁ ମିଳେନି ସମ୍ମାନ'

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫ ପାକିସ୍ତାନ ସଂସଦରେ ଏକ ଆଶ୍ଚର୍ଯ୍ୟଜନକ ବୟାନ ଦେଇଛନ୍ତି । ତାଙ୍କର ଏହି ବୟାନ ପାକିସ୍ତାନ ସେନା ପାଇଁ ବଡ଼ ଲଜ୍ଜାର କାରଣ ପାଲଟିଛି । ଖ୍ୱାଜା ଆସିଫ ସଂସଦରେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଏପରି ଏକ ଦେଶ ଯିଏ କର୍ତ୍ତବ୍ୟ ପାଳନ ସମୟରେ ପ୍ରାଣ ହରାଇଥିବା ସୈନିକମାନଙ୍କୁ ଉପଯୁକ୍ତ ସମ୍ମାନ ଦିଏ ନାହିଁ । ପାକିସ୍ତାନୀ ସେନାର ମୁଖ୍ୟଙ୍କୁ ଏହା ପସନ୍ଦ ନ ଆସିପାରେ, କିନ୍ତୁ ଖଓ୍ୱାଜା ଆସିଫ ସାର୍ବଜନୀନ ଭାବରେ ସ୍ୱୀକାର କରିଛନ୍ତି ଯେ ଯେତେବେଳେ ଦେଶର ସହିଦ ସୈନିକଙ୍କ



ଅନ୍ତିମ ସଂସ୍କାର କରାଯାଏ, ପ୍ରାୟତଃ ପ୍ରମୁଖ ରାଜନେତାମାନେ ବି ଯୋଗ ଦିଅନ୍ତି ନାହିଁ, କି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି ନାହିଁ । ଏହା ସେନା ଯବାନଙ୍କ ପାଇଁ ଅସମ୍ମାନ ନୁହେ ତ ଆଉ କଣ, ବୋଲି ଖାଜା କହିଛନ୍ତି । ଖଓ୍ୱାଜା ଆସିଫ ଆହୁରି କହିଛନ୍ତି, ପାକିସ୍ତାନ ଆଭ୍ୟନ୍ତରୀଣ ଭାବରେ ଏତେ ବିଭକ୍ତ ଯେ ନେତାମାନେ ନିଜ ସ୍ୱାର୍ଥ ପାଇଁ ସହିଦଙ୍କ ଶବଦାହରେ ଯୋଗଦେବାକୁ ଆସନ୍ତି ନାହିଁ । ତେବେ ଖାଜାଙ୍କ ବୟାନ ପାକିସ୍ତାନ ପାଇଁ ଲଜ୍ଜାର ବିଷୟ। ଯେତେବେଳେ ବିଶ୍, ସେନା ମୁଖ୍ୟ ଓ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଅପରେସନ ସିନ୍ଦୂରରେ ନିହତ ଆତଙ୍କବାଦୀଙ୍କ ଶବଦାହରେ ଯୋଗଦେବାର ଦେଖିଛି, ସେତେବେଳେ କିନ୍ତୁ ଜଣେ ସୈନିକଙ୍କ ପାଇଁ ଏହା କେବେ ଘଟିନାହିଁ, ଯାହା ଅତ୍ୟନ୍ତ ନୀନ୍ଦନୀୟ ଓ ଲଜ୍ଜାର ବିଷୟ ।

# ବାଂଲାଦେଶକୁ ଲୁଟିଛି ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**୧୮ ମାସର କାର୍ଯ୍ୟକାଳ ମଧ୍ୟରେ, ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର ବାଂଲାଦେଶକୁ ଲୁଟିଛି । ଢାକାରୁ ଆସିଥିବା ଦୁଇଟି ରିପୋର୍ଟରେ ଏହା ପ୍ରକାଶ ପାଇଛି । ପ୍ରଥମ ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ମସିହାରେ ବାଂଲାଦେଶରେ ଦୁର୍ନୀତି ମାମଲା ବୃଦ୍ଧି ପାଇଛି । ବାଂଲାଦେଶ ବିଶ୍ୱର ୧୩ଟି ସବୁଠାରୁ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ସାମିଲ ହୋଇଛି । ଗତ ଥର, ବାଂଲାଦେଶ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ୧୪ତମ ସ୍ଥାନରେ ଥିଲା । ଦ୍ୱିତୀୟ ରିପୋର୍ଟଟି ମହମ୍ମଦ ୟୁନୁସ ଏବଂ ତାଙ୍କ ମନ୍ତ୍ରୀମାନଙ୍କ ବିଷୟରେ । ଏହି ରିପୋର୍ଟ ବାଂଲାଦେଶ ସରକାର ନିଜେ ପ୍ରକାଶ କରିଛନ୍ତି । ଏଥିରେ ଉଲ୍ଲେଖ ଅଛି ଯେ ୧୮ ଜଣ ମନ୍ତ୍ରୀଙ୍କ ସମ୍ପତ୍ତି ବୃଦ୍ଧି ପାଇଛି । ଏହି ସମ୍ପତ୍ତି କିପରି ବୃଦ୍ଧି ପାଇଲା ତାହା ସରକାର ସ୍ପଷ୍ଟ କରିନାହାଁନ୍ତି । ଯେତେବେଳେ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର କ୍ଷମତାକୁ ଆସିଲା, ବାଂଲାଦେଶ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ୧୪ତମ ସ୍ଥାନରେ ଥିଲା । ଗ୍ଲୋବାଲ ଟ୍ରାନ୍ସପରେନ୍ସି ଅନୁଯାୟୀ, ବାଂଲାଦେଶ ଏବେ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ୧୩ତମ ସ୍ଥାନରେ ଅଛି । ଏହାର ଅର୍ଥ ହେଉଛି ବାଂଲାଦେଶରେ ଦୁର୍ନୀତି ବୃଦ୍ଧି ପାଇଛି, ଯେତେବେଳେ ଏହାର ପଡ଼ୋଶୀ ଭାରତରେ ଦୁର୍ନୀତି ହ୍ରାସ ପାଇଛି । ଗ୍ଲୋବାଲ୍ ଟ୍ରାନ୍ସପରେନ୍ସି ପ୍ରତିବର୍ଷ ଦୁର୍ନୀତି ଉପରେ ଏକ ରିପୋର୍ଟ ପ୍ରକାଶ କରେ । ଏହି ବର୍ଷ ରିପୋର୍ଟରେ ଆମେରିକା ଏବଂ ୟୁରୋପ ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରାଯାଇଛି । ଆମେରିକା ପରି, ଅଧିକାଂଶ ୟୁରୋପୀୟ ଦେଶରେ ଦୁର୍ନୀତି ବୃଦ୍ଧି ପାଇଛି । ଡେନମାର୍କ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ ଦୁର୍ନୀତି ହାର ସବୁଠାରୁ କମ । ବାଂଲାଦେଶରେ ଦୁର୍ନୀତି ମାମଲା ବୃଦ୍ଧି ପାଇଥିବାବେଳେ, ୟୁନୁସଙ୍କ ମନ୍ତ୍ରୀମାନଙ୍କ ହାରାହାରି ସମ୍ପତ୍ତି ୬ ପ୍ରତିଶତ ବୃଦ୍ଧି ପାଇଛି । ମହମ୍ମଦ ୟୁନୁସଙ୍କ ସମ୍ପତ୍ତି ୧୬.୧ ନିୟୁତ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ପରାମର୍ଶଦାତା ଆଦିଲୁର ରହମାନ ଏବଂ ବିଧାନ ରଞ୍ଜନ ରାୟ ପୋଦ୍ଦାରଙ୍କ ସମ୍ପତ୍ତିରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଚିନ୍ତାରେ କାଶ୍ମୀର ଚାଷୀ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପାଇଁ ହୋଇଥିବା ମିଳିତ ବିବୃତି ପରେ ଚିନ୍ତାରେ ପଡ଼ିଛନ୍ତି କାଶ୍ମୀରର ଫଳଚାଷୀ । ଯଦିଓ ଭାରତୀୟ ଫଳ ଓ ପନିପରିବାକୁ ସଂପୂର୍ଣ୍ଣ ଭାବେ ସୁରକ୍ଷିତ ରଖାଯିବ ବୋଲି ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସ୍ପଷ୍ଟ କରିଛନ୍ତି, ତଥାପି ଏହି ଚୁକ୍ତି ହେଲେ କାଶ୍ମୀର ସେଓ ଓ ଅନ୍ୟାନ୍ୟ ଫଳ ବିଦେଶରୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବ ବୋଲି ସେଠାକାର ଫଳ ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । କାଶ୍ମୀର ଫଳଚାଷୀ ଓ ଡିଲର୍ ସଂଘର ସଭାପତି ବସିର ଅହମ୍ମଦ କହିଛନ୍ତି ଯେ ଏହି ଚୁକ୍ତି ବଳରେ ଅମେରିକାରୁ ଭାରତକୁ ଆସୁଥିବା ସେଓ ଉପରେ ଭାରତ ଆମଦାନି ଶୁଳ୍କ ହ୍ରାସ କରିବୟକାଶ୍ମୀର ସେଓର ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବତେଣୁ ଏହା କାଶ୍ମୀର ସେଓର ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଏହା



ଦ୍ୱାରା ଆମେରିକାର ଚାଷୀଙ୍କୁ ଲାଭ ପହଞ୍ଚିବ । କାଶ୍ମୀର ଓ ହିମାଚଳ ପ୍ରଦେଶର ଚାଷୀମାନେ ଏହା ଦ୍ୱାରା ଗୁରୁତର ଭାବେ କ୍ଷତି ସହିବାର ଆଶଙ୍କା ରହିଛି । ଏହି ଦୁଇ ରାଜ୍ୟର ଅର୍ଥନୀତି ପର୍ଯ୍ୟଟନ ପରେ ଫଳ ଚାଷ ଉପରେ ଅଧିକ ନିର୍ଭର କରିଥାଏ । ତେଣୁ ଏହି ଚୁକ୍ତି ଉତ୍ତର ଭାରତର ଏହି ଦୁଇ ଫଳ ଉତ୍ପାଦନକାରୀ ରାଜ୍ୟର ଅର୍ଥନୀତି ପାଇଁ ଆଦେ ଶୁଭଙ୍କର ନୁହେଁ । ସଂପ୍ରତି ଇରାନ, ଆମେରିକା, ନ୍ୟୁଜିଲାଣ୍ଡରୁ ହେଉଥିବା ସେଓ ଆମଦାନିର ପ୍ରତିକୂଳ ପ୍ରଭାବ ଭାରତୀୟ ଫଳ ଅର୍ଥନୀତି ଉପରେ ପଡୁଛି । ତେଣୁ ଆମେରିକୀୟ ସେଓ ଉପରେ ଆମଦାନି ଶୁଳ୍କ ହ୍ରାସ ପାଇଲେ ତାହା ଫଳ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେବ । ତେଣୁ ଏହାର ପୁନର୍ବିଚାର କରିବା ପାଇଁ କାଶ୍ମୀର ଫଳ ଚାଷୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବସୀର କହିଛନ୍ତି ।

# ସ୍କୁଲ ଭିତରେ ଆଖିବୁଜା ଗୁଳିମାଡ଼,୩୪ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ଥାଇଲ୍ୟାଣ୍ଡର ସୋଙ୍ଗଖଲାରେ ଜଣେ ବନ୍ଧୁକଧାରୀ ଯୁବକର ନାରକୀୟ କାଣ୍ଡ ଦେଖିବାକୁ ମିଳିଛି । ଏକ ସ୍କୁଲରେ ପଶି ଆଖିବୁଜା ଗୁଳିମାଡ଼ କରିବା ଫଳରେ ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ୩୪ ଜଣଙ୍କ ଜୀବନ ଚାଲିଯାଇଛି । ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଜଣେ ୧୮ ବର୍ଷୀୟ ଯୁବକ ଏକ 'ଏମ୍-୪' ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିଥିଲେ । ପୁଲିସ ଏବେ ଘଟଣାର ତଦନ୍ତ କରୁଛି । ସ୍କୁଲକୁ ସିଲ୍ କରାଯିବା ସହ ସେହି ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଉକ୍ତ ଯୁବକର ଭଉଣୀ ସେହି ସ୍କୁଲରେ ପଢୁଥିଲେ । ବନ୍ଧୁକ ଧରି ସଶସ୍ତ୍ର ଯୁବକ ଜଣକ ସେହି ଶିକ୍ଷକଙ୍କୁ ଖୋଜୁଥିଲା ଯିଏ କିଛି ଦିନ ପୂର୍ବରୁ ତାଙ୍କ ଭଉଣୀଙ୍କୁ ପାଠ ପଢ଼ାକୁ ନେଇ ମାଡ଼ ମାରିଥିଲେ । ଭଉଣୀଙ୍କୁ ମାଡ଼ ମରା ଘଟଣା ନେଇ ଯୁବତ ଜଣକ ଏପରି କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସେପଟେ, ଗୁଳିକାଣ୍ଡ ପରେ ଆକ୍ରମଣକାରୀ ଅନେକ ପିଲା ଓ ଶିକ୍ଷକଙ୍କୁ ବନ୍ଧକ କରିନେଇଛି । ସ୍କୁଲ ଭିତରେ ଏବେ ବି ଅନେକ ଛାତ୍ର ଫସି ରହିଛନ୍ତି । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ୱତନ୍ତ୍ର ବାହିନୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୁଲିସ ସମଗ୍ର ସ୍କୁଲକୁ ଘେରି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି । ଆକ୍ରମଣକାରୀର ପରିଚ । ଏପର୍ଯ୍ୟନ୍ତ ଜଣାପଡିନାହିଁ । ପୁଲିସ ତଦନ୍ତ କରୁଛି, ଏବଂ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି ।

# ଲୋକସଭାରେ ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଆଜି ବଜେଟ ଅଧିବେଶନର ଦଶମ ଦିନ । ଲୋକସଭା କାର୍ଯ୍ୟକାଳ ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭାଷଣ ଆରମ୍ଭ ହୋଇଛି । ରାହୁଲ କହିଛନ୍ତି, 'ବଜେଟରେ ଆଜିର ସମସ୍ୟା ବିଷୟରେ କେଣସି ଆଲୋଚନା ହୋଇନି । ବଜେଟରେ ଇଓ ଏବଂ ଡାଟା ବିଷୟରେ କିଛି ନାହିଁ । ଆଜିର ସମୟରେ ଏଆଇ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।'ରାହୁଲ କହିଛନ୍ତି, ଆମେ ଯୁଦ୍ଧର ସମୟରେ ବଞ୍ଚୁଛୁ । ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି । ଚୀନ୍ ଆମେରିକାକୁ ଚ୍ୟାଲେଞ୍ଜ କରୁଛିୟ ବର୍ତ୍ତମାନର ଏହି ଯୁଗରେ ଶକ୍ତି ଏବଂ ଅର୍ଥ ଅସ୍ତ୍ର ପାଲଟିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ 'ଅପରେସନ୍ ସିନ୍ଦୁର' ମଧ୍ୟ ଚାଲିଛି। ବିଶ୍ୱରେ ଚାଲିଥିବା ସଂଘର୍ଷର ମୁକାବିଲା କରିବା ପାଇଁ ଆମ ବଜେଟରେ କିଛି ନାହିଁ । ଆମେରିକା ପାଇଁ ଭାରତୀୟ ଡାଟା ବହୁତ ଗୁରୁତ୍ୱପୂର୍ଣ୍ଣ । ଆମର ଜନସଂଖ୍ୟା ଏକ ବଡ଼ ଶକ୍ତି, କିନ୍ତୁ ଏହା କେବଳ ସେତେବେଳେ ଘଟିବ ଯଦି ଆପଣ ଏହାକୁ ବୁଝିପାରନ୍ତି । ଯଦି ଇଣ୍ଡିଆ ବ୍ଲକର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ଆଲୋଚନା କରୁଥାନ୍ତା, ତେବେ ଆମେ କହିଥାନ୍ତୁ ଯେ ଏହି ଚୁକ୍ତିରେ ଭାରତୀୟ ଡାଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ରାହୁଲ କହିଛନ୍ତି, ଟ୍ରେଡ୍ ଡିଲ୍ ବା 'ବାଣିଜ୍ୟ ଚୁକ୍ତି' ମାଧ୍ୟମରେ ସରକାର ଗରିବ ଚାଷୀମାନଙ୍କୁ ଚାପି ଦେବାର ରାସ୍ତା ଖୋଲି ଦେଇଛନ୍ତି । ଦେଶର କୌଣସି ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ କରିନାହାଁନ୍ତି । ଆମର ଚାଷୀ ପ୍ରଥମ ଥର ପାଇଁ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଆମେରିକାର ଆମଦାନୀ ୪୬ ବିଲିୟନ ଡଲାରରୁ ବୃଦ୍ଧି ପାଇଁ୧୪୬ ବିଲିୟନ ଡଲାରକୁ ବୃଦ୍ଧି ପାଇବ । ଭାରତ ଉପରେ ଟାରିଫ୍ ୩%ରୁ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି, ଏବଂ ସେମାନଙ୍କର ଶୁଳ୍କ ୧୬ ପ୍ରତିଶତରୁ ଶୂନ୍ୟକୁ ହ୍ରାସ ପାଇଛି ।ରାହୁଲ କହିଛନ୍ତି, ମୁଁ କହୁଛି ଯେ ଆପଣ ଦେଶକୁ ବିକ୍ରି କରିଦେଇଛନ୍ତି । ଭାରତକୁ ବିକ୍ରି କରିବାରେ ଆପଣଙ୍କୁ ଲଜ୍ଜା ଲାଗୁନାହିଁ କି? ଆପଣ ଆମର ଭାରତ ମାତାଙ୍କୁ ବିକ୍ରି କରିଦେଇଛନ୍ତି । ମୁଁ ଆର୍ଥିକ ସର୍ବେକ୍ଷଣକୁ ଦେଖିଥିଲି ଓ ମୋତେ ଦୁଇଟି କଥା ଦେଖିବାକୁ ମିଳିଛି । ପ୍ରଥମ କଥା ଏଭଳି ଏକ ଦୁନିଆରେ ରହିବା,ଯେଉଁଠି ଭୂ-ରାଜନେତିକ ସଂଘର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଆମେରିକାର ପ୍ରାଧାନ୍ୟକୁ ଚୀନ୍, ରୁଷ ଏବଂ ଅନ୍ୟାନ୍ୟ ଶକ୍ତି ଦ୍ୱାରା ଚ୍ୟାଲେଞ୍ଜ କରାଯାଉଛି । ଏହା ବ୍ୟତୀତ, ଏକ ଗମ୍ଭୀର କଥା ହେଉଛି ଯେ ଆମେ ଶକ୍ତି ଏବଂ ଅର୍ଥର ଅସ୍ତ୍ରୀକରଣର ଦୁନିଆରେ ରହୁଛୁ । ପ୍ରଧାନମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା କିଛି ସମୟ ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ବୟାନ ଦେଇଥିଲେ, ଯୁଦ୍ଧର ଯୁଗ ଶେଷ ହୋଇଛି । ପ୍ରକୃତରେ, ଆମେ ଯୁଦ୍ଧର ଯୁଗରେ ପ୍ରବେଶ କରୁଛୁ । ଆପଣ ଦେଖିପାରିବେ ଯେ ୟୁକ୍ରେନରେ ଯୁଦ୍ଧ ଚାଲିଛି, ଗାଜାରେ ଯୁଦ୍ଧ ଚାଲିଛି, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଛି ଏବଂ ଇରାନରେ ଯୁଦ୍ଧର ବିପଦ ଅଛି । ମୁଁ ସରକାରଙ୍କୁ ଏଆଇର ପରିଣାମ ବିଷୟରେ ଚେତାବନୀ ଦେବାକୁ ଚାହୁଁଛି । ସଫ୍ଟୱେର୍ ଇଞ୍ଜିନିୟର ହେବାର ଭାରତରେ ଯେଉଁ ଲୋକପ୍ରିୟତା ରହିଛି,ତାକୁ ଚ୍ୟାଲେଞ୍ଜ ମିଳିବାକୁ ଯାଉଛି । ଯେତେବେଳେ ଆପଣ ଏକ ବିପଜ୍ଜନକ ଦୁନିଆରେ ପ୍ରବେଶ କରନ୍ତି, ପ୍ରଥମେ ଆପଣଙ୍କୁ ବୁଝିବାକୁ ପଡିବ ଯେ ଏକ ବ୍ୟକ୍ତି ଏବଂ ଏକ ରାଷ୍ଟ୍ର ଭାବରେ ଆପଣଙ୍କର ଶକ୍ତି କ'ଣ । ୧.୪ ବିଲିୟନ ଲୋକ, ପ୍ରତିଭାଶାଳୀ, ଶକ୍ତିଶାଳୀ, ଗତିଶୀଳ, ଯେଉଁମାନେ ବିଶ୍ୱର ଯେକୌଣସି ବ୍ୟକ୍ତିଙ୍କୁ ଚ୍ୟାଲେଞ୍ଜ କରିପାରିବେ ।'

# କଂଗ୍ରେସରେ ରାହୁଲ ଗାନ୍ଧୀ ସବୁଠୁ ବୁଦ୍ଧିମାନ ମୂର୍ଖ: ବିଜେପି

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ସଂସଦରେ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ନେଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ବିଜେପି ଏହାର ତୀବ୍ର ପ୍ରତିକ୍ରିୟା ରଖିଛି । ବିଜେପି ରାହୁଲ ଗାନ୍ଧୀଙ୍କୁ କଂଗ୍ରେସରେ ସବୁଠାରୁ ବୁଦ୍ଧିମାନ ମୂର୍ଖ ବୋଲି କହିଛି । ବାଣିଜ୍ୟ ଚୁକ୍ତି ନେଇ ରାହୁଲଙ୍କ ଅଭିଯୋଗକୁ ବିଜେପି ଖଣ୍ଡନ କରିବା ସହିତ ସଂସଦୀୟ ପରମ୍ପରାକୁ ସେ ସମ୍ପୂର୍ଣ୍ଣ ନିମ୍ନ ସ୍ତରକୁ ନେଇଯାଉଥିବା ଅଭିଯୋଗ କରିଛନ୍ତି । ରାହୁଲ କହିଥିଲେ, ସରକାର ଭାରତ ମାତାଙ୍କୁ ବିକ୍ରି କରିଦେଇଛନ୍ତି । ଏହାକୁ ସେ ଆମେରିକା ସମ୍ମୁଖରେ ଭାରତର ସମ୍ପୂର୍ଣ୍ଣ ସରେଣ୍ଡର ବୋଲି କହିଥିଲେ । ଲୋକସଭାରେ ରାହୁଲ ଗାନ୍ଧୀଙ୍କ ଭାଷଣ ପରେ ବିଜେପିର ଜାତୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ବିରୋଧୀ ଦଳ ନେତା ରାଜନୈତିକ ଆଲୋଚନା ଏବଂ ସଂସଦୀୟ ଆଚରଣର ମାନଦଣ୍ଡକୁ ନିମ୍ନସ୍ତରକୁ ନେଇ ଯାଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ କଂଗ୍ରେସ ନିରାଶ ହୋଇ ବାରମ୍ବାର ଭିତ୍ତିହୀନ ଏବଂ ମିଥ୍ୟା ଅଭିଯୋଗ ଲଗାଉଥିବା ଦ୍ୱିବେଦୀ କହିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ମଧ୍ୟ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଥିଲେ । ସେ କହିଥିଲେ, କଂଗ୍ରେସ ସାଂସଦ ସଂସଦରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କକ୍ଷତ୍ୟାଗ କରି ଚାଲିଯିବେ। କିନ୍ତୁ ମନ୍ତ୍ରୀମାନେ କ'ଣ ଜବାବ ରଖୁଛନ୍ତି ତାହା ସେ ଶୁଣନ୍ତି ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଆମ ପାଖରେ ବିରୋଧୀ ଦଳ ନେତା ପଦବୀ ପାଇଁ ଉପଯୁକ୍ତ ଗମ୍ଭୀର ସ୍ୱଭାବର ବ୍ୟକ୍ତି ନାହାନ୍ତି । ଗୃହ ବାହାରେ ରାହୁଲ ଗାନ୍ଧୀଙ୍କ ମିଛର ପ୍ରତିବାଦ କରିବାକୁ ଦଳ ଏକମତ, କିନ୍ତୁ ଗୃହ ଭିତରେ ଏକ ନୋଟିସ ଜାରି କରାଯିବ । ଆମେ ବାଚସ୍ପତିଙ୍କୁ ନୋଟିସ ପ୍ରଦାନ କରିବୁ । ରାହୁଲ ଗାନ୍ଧୀ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ପ୍ରମାଣ ଦେବେ, କିନ୍ତୁ ମୁଁ ଜାଣେ ସେ ପ୍ରମାଣ ଦେଇପାରିବେ ନାହିଁ କାରଣ ସେ ମିଛ କହିଛନ୍ତି ବୋଲି ରିଜିଜୁ କହିଛନ୍ତି।



## ଆମାଜନ ବଜାରରେ ଉପହାର କିଣନ୍ତୁ ମାତ୍ର ୯୯ଟଙ୍କାରେ

**ଭୁବନେଶ୍ୱର,୧୧।୨ (ନି.ପ୍ର) :** ଏହି ଭାଲେଂଟାଇନ୍ସଡେ ରେ, ଆମାଜନ ବଜାର ସାରା ଭାରତରେ ଗ୍ରାହକମାନଙ୍କ ପାଇଁ ପ୍ରେମ ପାଳନକୁ ପୂର୍ବ ଅପେକ୍ଷା ଅଧିକ ସହଜ କରିଛି। ଏଠାରେ ଫେବୃଆରୀ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ, ଗ୍ରାହକମାନେ ଟ. ୯୯ ରୁ ଆରମ୍ଭ ହେଉଥିବା ମୂଲ୍ୟରେ ଚିନ୍ତାଶୀଳ ଭାଲେଂଟାଇନ୍ସ ଡେ ଉପହାରର ଏକ ଆକର୍ଷଣୀୟ କଲେକସନ ଆବିଷ୍କାର କରିପାରିବେ। ନିଜ ବନ୍ଧୁଙ୍କ ପାଇଁ ପ୍ରଶଂସାର ଏକ ଟୋକେନ୍, ଆପଣଙ୍କ ସାଥୀଙ୍କ ପାଇଁ ଏକ ରୋମାଂଟିକ ଅନୁଭବ, କିମ୍ବା ପରିବାରର ସଦସ୍ୟଙ୍କ ପାଇଁ ଏକ ବିଶେଷ ସରପ୍ରାଇଜ ଖୋଜୁଥିଲେ, ଆମାଜନ ବଜାର ପ୍ରତ୍ୟେକ ଭାରତୀୟଙ୍କୁ ସେମାନଙ୍କର ପ୍ରେମ ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଗୁଣବତା ଏବଂ ସୁଲଭତାକୁ ଏକାଠି ଆଣିଛି। ଫ୍ୟାଶନ୍ ସନ୍ଧାନଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାରିକ ସାମଗ୍ରୀ ପର୍ଯ୍ୟନ୍ତ, କ୍ରେତାମାନେ ଏକ ଅତ୍ୟନ୍ତ ସୁଲଭ ଚୟନ ଅନୁସନ୍ଧାନ କରିପାରିବେ, ସମସ୍ତ ଅର୍ଡରରେ ଅତିରିକ୍ତ କ୍ୟାସବ୍ୟାକ୍ ଏବଂ ମାଗଣା ବିତରଣର ମଜା ନେଇପାରିବେ। ଅତି କମ ମୂଲ୍ୟ ଏବଂ ଆମାଜନର ବିଶ୍ୱସ୍ତ ସପିଂ ଅଭିଜ୍ଞତା ସହିତ, ଆମାଜନ ବଜାର ହେଉଛି ଭାରତର ଏକ ଗନ୍ତବ୍ୟସ୍ଥଳ ଯାହା ଆପଣଙ୍କ ପ୍ରିୟଜନଙ୍କ ପାଇଁ ସ୍ମରଣୀୟ ଉପହାର ପ୍ରଦାନ କରେ।

## ଡିହାଇଡ୍ରେସନର ମୁକାବିଲା ପାଇଁ କେନଭ୍ୟୁର ଉନ୍ନତ ସମାଧାନ

**ଭୁବନେଶ୍ୱର, ୧୧।୨(ନି.ପ୍ର) :** କେନଭୁ ପକ୍ଷରୁ ସମ୍ପୂର୍ଣ୍ଣ ହାଇଡ୍ରେସନ ପାଇଁ ଓଆରଏସଏଲ ଏବଂ ଇଆରଜେଡଏଲ ନାମକ ଦୁଇଟି ବ୍ରାଣ୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ଡାଇରିଆ ଏବଂ ଦୈନନ୍ଦିନ ହାଇଡ୍ରେସନ ଆବଶ୍ୟକତା ପାଇଁ ଅଭିନବ ସମାଧାନ ପ୍ରଦାନ କରି କମ୍ପାନୀ ଭାରତର ହାଇଡ୍ରେସନ୍ ବର୍ଗରେ ନିଜର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଛି। ନିଜର 'ସମ୍ପୂର୍ଣ୍ଣ ହାଇଡ୍ରେସନ ପାଇଁ ଡବଲ ପାୱାର' ରଣନୀତି ମାଧ୍ୟମରେ, କମ୍ପାନୀ ଗ୍ରାହକମାନଙ୍କୁ ବିଜ୍ଞାନସମ୍ମତ ଦୁଇଟି ହାଇଡ୍ରେସନ ବ୍ରାଣ୍ଡ ଯଥା ଓଆରଏସଏଲ ଏବଂ ଇଆରଜେଡଏଲ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ଡାଇରିଆ ଜନିତ ନିର୍ଜଳୀକରଣର ସମାଧାନ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଫର୍ମୁଲା ଉପରେ ଆଧାରିତ କମ୍ପାନୀର ଓଆରଏସ ପୋର୍ଟଫୋଲିଓର ନାମ ଏବେ ଓଆରଏସଏଲ ହୋଇଛି। ଏହା ରେଡି-ଟୁ-ଡ୍ରିଙ୍କ ଏବଂ ପାଉଡର ଆକାରରେ ଉପଲବ୍ଧ। ସେହିଭଳି ଜାନୁଆରୀ ୨୦୨୬ ରୁ କାର୍ଯ୍ୟକାରୀ ହେବାକୁ ଥିବା ଇଆରଜେଡଏଲ, କମ୍ପାନୀର ବିଜ୍ଞାନସମ୍ମତ ଇଲେକ୍ଟ୍ରୋଲାଇଟ୍ ଡ୍ରିଙ୍କ୍ ପୋର୍ଟଫୋଲିଓର ନୂଆ ବ୍ରାଣ୍ଡ୍ ନାମ। ଏହା ଦୈନନ୍ଦିନ ହାଇଡ୍ରେସନ ଏବଂ ଶାରୀରିକ କ୍ଲାନ୍ତି ଓ ଅବସାଦରୁ ମୁକ୍ତି ପାଇଁ ଉଦ୍ଦିଷ୍ଟ। ଇଆରଜେଡଏଲ ପୂର୍ବ ମିଶ୍ରଣ ତୁଳନାରେ ୧.୪ ଗୁଣ ଅଧିକ ଇଲେକ୍ଟ୍ରୋଲାଇଟ୍ ଏବଂ ୮ ଗୁଣ କମ୍ ଚିନି ସହିତ ପାଣି ଅପେକ୍ଷା ଅଧିକ ଶୀଘ୍ର ହାଇଡ୍ରେସନ୍ ପ୍ରଦାନ କରିଥାଏ। ଦୈନନ୍ଦିନ ହାଇଡ୍ରେସନ୍ ପାଇଁ ପ୍ରସ୍ତୁତ ଏହି ଇଆରଜେଡଏଲ ଇଲେକ୍ଟ୍ରୋଲାଇଟ ଡ୍ରିଙ୍କରେ ତିନୋଟି ପ୍ରମୁଖ ଇଲେକ୍ଟ୍ରୋଲାଇଟ୍ (ସୋଡିୟମ୍, ପୋଟାସିୟମ୍, କ୍ଲୋରାଇଡ୍) ଏବଂ ଭିଟାମିନ ସି ସହିତ ପ୍ରାକୃତିକ ଫଳ ରସର ମିଶ୍ରଣ ରହିଛି, ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ମଧ।




ଦ୍ୱୈତ ବ୍ରାଣ୍ଡ ରଣନୀତି ଉପରେ ମତ ରଖି କେନଭୁ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ମନୀଷ ଆନନ୍ଦାନୀ କହିଛନ୍ତି ଯେ, 'ଡିହାଇଡ୍ରେସନ ଏକ ବର୍ଦ୍ଧିତ ସ୍ୱାସ୍ଥ୍ୟ ଚିନ୍ତା ଭାବେ ଉଭା ହେଉଥିବାବେଳେ, ଓଆରଏସଏଲ ଏବଂ ଇଆରଜେଡଏଲର ଶୁଭାରମ୍ଭ କେନଭୁକୁ ଉଭୟ ଅସୁସ୍ଥତା ଜନିତ ଏବଂ ଦୈନନ୍ଦିନ ହାଇଡ୍ରେସନ୍ ଆବଶ୍ୟକତା ପୂରଣ କରିବାକୁ ସୁଯୋଗ ଦେଇଛି। ଏହା ସହିତ ଭାରତରେ ଦ୍ରୁତ ଗତିରେ ବଢୁଥିବା ଇଲେକ୍ଟ୍ରୋଲାଇଟ୍ ଡ୍ରିଙ୍କ୍ ବଜାରର ଉପଯୋଗ କରିବା ସହ ଜନସ୍ୱାସ୍ଥ୍ୟ ଅଭିଯାନକୁ ମଧ ସହାୟତା ପ୍ରଦାନ କରିବ। କେନଭୁ ଇଣ୍ଡିଆର ସେଲ୍ଫ କେୟାର ବିଜନେସ ୟୁନିଟ ହେଡ ପ୍ରଶାନ୍ତ ସିନ୍ଦେ କହିଛନ୍ତି ଯେ, 'ଗ୍ରାହକମାନେ ଆଜିକାଲି ପାଣି ବ୍ୟତୀତ ବିଶେଷ କରି ଅସୁସ୍ଥତା ବା କ୍ଲାନ୍ତି ସମୟରେ ଅଳ୍ପ ଚିନି ଏବଂ କମ୍ କ୍ୟାଲୋରୀ ଯୁକ୍ତ ହାଇଡ୍ରେସନ ବିକଳ୍ପ ଖୋଜୁଛନ୍ତି। ଇଆରଜେଡଏଲର ଉନ୍ନତ ମିଶ୍ରଣ ଗ୍ରାହକଙ୍କୁ ଶୀଘ୍ର ସୁସ୍ଥ ଅନୁଭବ କରିବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱାସ୍ଥ୍ୟକର ହାଇଡ୍ରେସନ୍ ବିକଳ୍ପ ପ୍ରଦାନ କରୁଛି। ସେହିଭଳି କେନଭୁ ଇଣ୍ଡିଆର ମେଡିକାଲ ଆଣ୍ଡ ସେଫ୍ଟି ସାଇନ୍ସ ହେଡ ଡକ୍ଟର ନିଖିଲ ବଙ୍ଗାଲେ, ଉପଯୁକ୍ତ ହାଇଡ୍ରେସନ୍ ସମାଧାନ ବାବଦରେ ସଚେତନତା ସୃଷ୍ଟି କରିବା ଉପରେ ଜୋର୍ ଦେଇଛନ୍ତି, ଯାହା ଶୀଘ୍ର ଏବଂ ପ୍ରଭାବଶାଳୀ ରି-ହାଇଡ୍ରେସନ୍ ପାଇଁ ସନ୍ତୁଳିତ ଇଲେକ୍ଟ୍ରୋଲାଇଟ୍, ଆବଶ୍ୟକୀୟ ପୋଷକ ତତ୍ୱ ଏବଂ ଶକ୍ତିର ସଠିକ୍ ସମନ୍ୱୟ ପ୍ରଦାନ କରିବ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପୂର୍ବତଟ ରେଳପଥ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୧।୨ (ନି.ପ୍ର) :** ପୂର୍ବତଟ ରେଳପଥ, ଭୁବନେଶ୍ୱରର ସ୍ଥାୟୀ କର୍ମଚାରୀମାନଙ୍କର ସରକାରୀ ଦରମା ଓ ପେନ୍‌ସନ୍ ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଖୋଲିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପୂର୍ବତଟ ରେଳପଥ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତିପତ୍ର ଅନୁଯାୟୀ ବଓଆଇର ଦରମା ଆକାଉଣ୍ଟଧାରୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ୧୩୦ ଲକ୍ଷ ଟଙ୍କାର ମାଗଣା ବ୍ୟକ୍ତିଗତ ଦୁର୍ଘଟଣା (ମୃତ୍ୟୁ) ବୀମା, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଟର୍ମ ଇନ୍‌ସ୍ୟୁରାନ୍ସ, ୧୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଅକ୍ଷମତା କଭର, ୬୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଂଶିକ ଅକ୍ଷମତା କଭର, ବିମାନ ଦୁର୍ଘଟଣାଜନିତ (ମୃତ୍ୟୁ) ବୀମା କଭର ୨୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ସନ୍ତାନ/ସନ୍ତତିଙ୍କ ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଆଦି ଅନେକ ସୁବିଧା ଉପଲବ୍ଧ ରହିଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଣା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ, ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂର୍ବତଟ ରେଳପଥର ସଞ୍ଜୟ କୁମାର, ଆଇଆର୍‌ପିଏସ୍, ପ୍ରିନ୍ସିପାଲ ଚିଫ୍ ପର୍ସନାଲ ଅଫିସର, ଅଞ୍ଜନ ରାୟ, ଆଇଆର୍‌ପିଏସ୍, ଚିଫ୍ ପର୍ସନାଲ ଅଫିସର(ସିପିଓ),ଆଇଆର୍ ଏବଂ ସୁରେଶ କୁମାର ବେହେରା, ଆଇଆର୍‌ପିଏସ୍, ଡେପୁଟୀ ଚିଫ୍ ପର୍ସନାଲ ଅଫିସର (ଡେପୁଟୀ ସିପିଓ) ପ୍ରମୁଖ ଉପସ୍ଥିତ ଥିଲେ।



## ଜିନ୍ଦଲ ଷ୍ଟେନଲେସ୍‌ର ହିସାର ୟୁନିଟ ସିଆଇଆଇ ଜାତୀୟ ବିଦ୍ୟୁତ ସୁରକ୍ଷା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ସମ୍ମାନରେ ସମ୍ମାନିତ

**ଭୁବନେଶ୍ୱର,୧୧।୨ (ନି.ପ୍ର):** ଦେଶର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକ ଜିନ୍ଦଲ ଷ୍ଟେନଲେସ୍ ର ହିସାର ୟୁନିଟ୍ 'ବେଷ୍ଟ କେସ୍ ଷ୍ଟଡି ଅନ ଇଲେକ୍ଟ୍ରିକାଲ ସେଫ୍ଟି ରିସ୍କ ମ୍ୟାନେଜମେଂଟ (ଲାର୍ଜ)' ବର୍ଗରେ ସ୍ୱର୍ଣ୍ଣ ସମ୍ମାନରେ ସମ୍ମାନିତ ହୋଇଛି। ଚତୁର୍ଥ ଜାତୀୟ ବିଦ୍ୟୁତ ସୁରକ୍ଷା, ବିଦ୍ୟୁତ ଗୁଣବତା ଏବଂ ଭରସାଯୋଗ୍ୟ ସର୍କଲ ପ୍ରତିଯୋଗିତା ଆଭାଷୀ ମାଧ୍ୟମରେ କନଫିଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ତରଫରୁ ୧୬ ଏବଂ ୧୭ ଡିସେମ୍ବର ୨୦୨୫ରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଟୋମୋବାଇଲ୍ସ, ଇଲେକ୍ଟ୍ରିକାଲ ସୁଇଚ୍ ଗିଅର ନିର୍ମାଣ ଏବଂ ଶକ୍ତି ସମେତ ଦେଶର ବିଭିନ୍ନ ଅଗ୍ରଣୀ ସଂସ୍ଥାମାନେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମାନ ବିଦ୍ୟୁତ ସୁରକ୍ଷା ବିପତି ପରିଚାଳନା କ୍ଷେତ୍ରରେ ଜିନ୍ଦଲ ଷ୍ଟେନଲେସ୍, ହିସାର ୟୁନିଟ ତରଫରୁ ଏହାର ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ନିଆଯାଉଥିବା ସଂଗଠିତ ଏବଂ ପ୍ରତିରୋଧାତ୍ମକ ପଦକ୍ଷେପକୁ ଦର୍ଶାଉଛି। ବିପଦର ଚିହ୍ନଟ, ବିପଦର ପ୍ରଭାବ ସମ୍ପର୍କରେ ମୂଲ୍ୟାଙ୍କନ କରିବା, ଇଂଜିନିୟରିଂ ଓ ପ୍ରାଶାସନିକ ନିୟନ୍ତ୍ରଣ, ନିୟମିତ ଅଡିଟ୍ ଏବଂ ନିରନ୍ତର ଭାବରେ ଦକ୍ଷତାର ବିକାଶ କରିବା ଆଦି ଦିଗରେ କମ୍ପାନୀର ନିଆଯାଉଥିବା ଢାଂଚାଗତ ପଦକ୍ଷେପ ଯୋଗୁଁ ଏହି ସମ୍ମାନ ମିଳିଛି। ଏହି ସଫଳତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଜିନ୍ଦଲ ଷ୍ଟେନଲେସ୍ ରେ ସୁରକ୍ଷିତ ଭାବରେ ଆମର କାର୍ଯ୍ୟ ପରିଚାଳନା ପାଇଁ ଆମେ ପ୍ରତିବଦ୍ଧ। ଏହି ସମ୍ମାନ ଆମର ବିପତି ପରିଚାଳନା, ସୁଦୃଢ଼ ପ୍ରଣାଳୀ ଏବଂ ସୁରକ୍ଷା ସର୍ବୋପରି ସଂସ୍କୃତି ପ୍ରତି ଥିବା ଅନୁଶାସନକୁ ପ୍ରତିଫଳିତ କରୁଛି। ଏଥିସହିତ ଏ ଦିଗରେ ଆମର ପ୍ରକ୍ରିୟାଗୁଡ଼ିକୁ ଆହୁରି ସୁଦୃଢ଼ କରିବା ପାଇଁ ଏହା ଆମକୁ ଉତ୍ସାହିତ କରୁଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍ ହିସାର ୟୁନିଟର ମୁଖ୍ୟ ଶ୍ରୀ ବିଜୟ ବିନ୍ଦଲିସ କହିଛନ୍ତି, 'ଏହି ସମ୍ମାନ ଆମର ପ୍ରତ୍ୟେକ ଦିନର ତ୍ୱରିତ ଭାବରେ ବିପତିର ଚିହ୍ନଟ କରିବା ଏବଂ ସଂଗଠିତ ଭାବରେ ସେଗୁଡ଼ିକର ସମାଧାନ କରିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ସମ୍ମାନ ଜଣାଇଛି। ଏଥିପାଇଁ ସୁରକ୍ଷା ନିୟମକୁ ପାଳନ କରିବା ଏବଂ ସମସ୍ତଙ୍କ ସହଯୋଗ ଯୋଗୁଁ ହିସାର ୟୁନିଟରେ ସୁରକ୍ଷା ସର୍ବୋପରି ହୋଇ ରହିଛି'। ଜାତୀୟ ବିଦ୍ୟୁତ ସୁରକ୍ଷା, ବିଦ୍ୟୁତ ଗୁଣବତା ଏବଂ ଭରସାଯୋଗ୍ୟ ସର୍କଲ ପ୍ରତିଯୋଗିତା ଦେଶର ଶ୍ରେଷ୍ଠ ସୁରକ୍ଷା ଏବଂ ଶକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିବାର ଲକ୍ଷ୍ୟ ରଖିଛି। ଯଦ୍ଦ୍ୱାରା ସେମାନେ ପ୍ରତିଯୋଗିତା କରିବା ସହିତ ନିଜ ନିଜ ସଂସ୍ଥାରୁ ସର୍ବୋତମ ଅଭ୍ୟାସଗୁଡ଼ିକୁ ସର୍ବସମ୍ମୁଖକୁ ଆଣିପାରିବେ।




## ଭୁବନେଶ୍ୱରରେ ବଲିଉଡ ଷ୍ଟାର ମନୋଜ ପାହୱା ଓ କୁମୁଦ ମିଶ୍ରଙ୍କ ଦ୍ୱାରା ଫିଲ୍ମ 'ଅଶି' ଚଳଚ୍ଚିତ୍ରର ପ୍ରଚାର

**ଭୁବନେଶ୍ୱର, ୧୧।୨ (ନି.ପ୍ର) :** ଆଗାମୀ ହିନ୍ଦୀ ଚଳଚ୍ଚିତ୍ର 'ଅଶି'ର ପ୍ରଚାର ଅଭିଯାନର ଏକ ଅଂଶ ଭାବରେ, ଜଣାଶୁଣା ଅଭିନେତା ମନୋଜ ପାହୱା ଏବଂ କୁମୁଦ ମିଶ୍ର ଭୁବନେଶ୍ୱର ଗସ୍ତ କରିଛନ୍ତି। ସେମାନେ ଏଠାରେ ବିଭିନ୍ନ ପ୍ରଚାର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏବଂ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ତଥା ଡିଜିଟାଲ୍ ଇନଫ୍ଲୁଏନ୍ସରମାନଙ୍କ ସହ ମିଶିଥିଲେ।

ଏହି ପ୍ରଚାର କାର୍ଯ୍ୟକ୍ରମ 'ମଡର୍ଣ୍ଣ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଂଟ' (ଏମଆଇଟିଏମ) ପରିଦର୍ଶନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଅଭିନେତାମାନେ ଛାତ୍ରଛାତ୍ରୀଙ୍କ ସହ କଥାବାର୍ତା ହୋଇ ସିନେମା, କାହାଣୀ କହିବାର ଶୈଳୀ ଏବଂ ବର୍ତମାନ ସମୟରେ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଚଳଚ୍ଚିତ୍ରର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କଠାରୁ ଏହାକୁ ବେଶ୍ ଭଲ ପ୍ରତିକ୍ରିୟା ମିଳିଛି। ପରେ ମହାରାଜା ହଲ୍‌ରେ 'ଅଶି'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ କରାଯାଇଥିଲା ଏବଂ ଏହା ପରେ ଗଣମାଧ୍ୟମ ସହ ଏକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଭିନେତାମାନେ ଚଳଚ୍ଚିତ୍ର, ସେମାନଙ୍କ ଚରିତ୍ର ଏବଂ 'ଅଶି' ପରଦାକୁ ଆଣୁଥିବା ଶକ୍ତିଶାଳୀ କାହାଣୀ ବିଷୟରେ ବିସ୍ତୃତ ଭାବରେ କହିଥିଲେ। ଚଳଚ୍ଚିତ୍ର ବିଷୟରେ କହିବାକୁ ଯାଇ ମନୋଜ ପାହୱା କହିଛନ୍ତି, 'ଅଶି କେବଳ ଏକ ଚଳଚ୍ଚିତ୍ର ନୁହେଁ, ଏହା ଆମ ସମାଜର ଏକ ପ୍ରତିଛବି। ଏହା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି ଏବଂ ଆମକୁ କିଛି ଅସହଜ ସତ୍ୟକୁ ସଙ୍କୋଚତାର ସହ ଦେଖିବାକୁ ଅନୁରୋଧ କରିଛି। ଏଭଳି କାହାଣୀର ଅଂଶ ହେବା ଅତ୍ୟନ୍ତ ସନ୍ତୋଷଜନକ ଅଟେ। ଆହୁରି ମଧ ଅଭିନେତା କୁମୁଦ ମିଶ୍ର କହିଛନ୍ତି, 'ଏହି ଚଳଚ୍ଚିତ୍ରଟି ସାହସିକ, ପ୍ରାସଙ୍ଗିକ ଏବଂ ଭାବପ୍ରବଣ ଅଟେ। ଅଶି ଏମିତି କିଛି ପ୍ରସଙ୍ଗ ବିଷୟରେ କଥା କୁହେ ଯାହା ପ୍ରାୟତଃ ଶୁଣାଯାଏ ନାହିଁ ଏବଂ ସିନେମାରେ ସେହି ସ୍ୱରକୁ ଜୋରଦାର କରିବାର ଶକ୍ତି ଅଛି। ଆମେ ଆଶା କରୁଛୁ ଦର୍ଶକମାନେ ଏହାର ବାର୍ତା ସହିତ ନିଜକୁ ଯୋଡିପାରିବେ। ଏହି ଗସ୍ତରେ ଏକ ଇନଫ୍ଲୁଏନ୍ସର ଏନଗେଜମେଂଟ ସେସନ୍ ମଧ ଅନ୍ତର୍ଭୁକ୍ତ ଥିଲା, ଯେଉଁଠାରେ ଲୋକପ୍ରିୟ ଡିଜିଟାଲ୍ କ୍ରିଏଟରମାନେ ଚଳଚ୍ଚିତ୍ରର ବିଷୟବସ୍ତୁ, ଅଭିନୟ ଏବଂ ଯୁବ ପିଢିଙ୍କ ସହ ଏହାର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ତାପସୀ ପନ୍ନୁ ମୁଖ୍ୟ ଭୂମିକାରେ ଥିବା 'ଅଶି'ର ନିର୍ଦ୍ଦେଶନା ଅନୁଭବ ସିହ୍ନା ଦେଇଛନ୍ତି ଏବଂ ଏହା ଏହାର ଦୃଢ ସାମାଜିକ ମନ୍ତବ୍ୟ ତଥା ଚିନ୍ତାଜନକ କାହାଣୀ ପାଇଁ ଜଣାଶୁଣା। ଗୁଲଶନ କୁମାର ଏବଂ ଟି-ସିରିଜ ଦ୍ୱାରା ବନାରସ ମିଡିଆୱାର୍କସ ସହଯୋଗରେ ଉପସ୍ଥାପିତ ଏହି ଚଳଚ୍ଚିତ୍ର ଏକ ଶକ୍ତିଶାଳୀ ସିନେମା ଅଭିଜ୍ଞତା ଦେବାର ପ୍ରତିଶ୍ରୁତି ଦେଇଥାଏ, ଯାହା ପାରମ୍ପରିକ କାହାଣୀଗୁଡିକୁ ଚ୍ୟାଲେ କରେ। 'ଅଶି' ଆସନ୍ତା ଫେବୃଆରୀ ୨୦ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବାକୁ ଯାଉଛି।



## ସାମସଙ୍ଗ ଇଣ୍ଡିଆ। ଶୋଷ୍ଟପର୍ କ୍ୟାମେରା, ଅଲ୍ଟ୍ରା ସ୍ମୁଥ ଡିସପ୍ଲେ ଏବଂ ପ୍ରିମିୟମ୍ ଚମଡା ଡିଜାଇନ୍ ସହିତ ଗାଲାକ୍ସି F70e 5G ଉନ୍ମୋଚନ କରେ

**ଗୁରୁଗ୍ରାମ,୧୧।୨ (ନି.ପ୍ର):** ସାମସଙ୍ଗ, ଭାରତର ସର୍ବବୃହତ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଗାଲାକ୍ସି F70e 5G - ସର୍ବନୂତନ ଗାଲାକ୍ସି ଏଫ ୭୦ ସିରିଜର ପ୍ରଥମ ସ୍ମାର୍ଟଫୋନ୍ ଲଞ୍ଚ କରିବାକୁ ଘୋଷଣା କରିଛି – ଅସନ୍ତୁଷ୍ଟ କ୍ୟାମେରା ଅଭିଜ୍ଞତା, ଅଲ୍ଟ୍ରା ସଫ୍ଟ ଡିସପ୍ଲେ ଏବଂ ଫୋରମ୍ ପ୍ରତିଦିନ ନିଜକୁ ଶେଷ କରିଥାଏ। ଆମର ସର୍ବଶେଷ ସଚେତନ ଗାଲାକ୍ସି ର୭୦ର ୫ଏ ହେଉଛି ଆମର ମୂଲ୍ୟବାନ ସଚେତନ ଯୁବକ ଗ୍ରାହକଙ୍କୁ ଅର୍ଥପୂର୍ଣ୍ଣ ଉଦ୍ଭାବନ ସହିତ ସଶକ୍ତ କରିବା ପାଇଁ ସାମସଙ୍ଗର ଅଦମ୍ୟ ପ୍ରତିବଦ୍ଧତାର ଏକ ପ୍ରମାଣ। ତୀକ୍ଷ୍ଣ ଚିତ୍ର, ୧୨୦Hz ରିଫ୍ରେସ୍ ରେଟ୍ ଡିସପ୍ଲେ ଏବଂ ଗାଟେରଲା ପାୱାର୍ଲେସ୍ ସୀମାବଦ୍ଧ F70 ଫିନିଶ୍ ପାଇଁ ଏକ ପ୍ରିମିୟମ୍ ଚମଡା, ଆମର ଗତିଶୀଳ ଜେନ ଜେ ଗ୍ରାହକଙ୍କ ସ୍ମାର୍ଟଫୋନର ବ୍ରାଣ୍ଡ୍ ସ୍ମାର୍ଟଫୋନରେ ଏହି ଉପକରଣକୁ ଭାରତୀୟ ଗ୍ରାହକଙ୍କୁ ଦୃଢ଼ strengthen କରିବାକୁ ଉତ୍ସାହିତ ବୋଲି ସେ କହିଛନ୍ତି। ଗତ ବ୍ୟବସାୟ, ସାମସଙ୍ଗ ଇଣ୍ଡିଆ। ଗାଲାକ୍ସି F70e 5G ଏକ କ୍ୟାମେରା ସିଷ୍ଟମ ବିତରଣ କରିଥାଏ ଯାହାକି ଅଂଶୀଦାର ଯୋଗ୍ୟ ବିଷୟବସ୍ତୁ ଉତ୍ପାଦନ କରିବାରେ ସକ୍ଷମ। ଏଥିରେ ଏକ ଉଚ୍ଚ ରେଜୋଲୁସନ 50MP ମୁଖ୍ୟ କ୍ୟାମେରା, ଲ୍ୟାଣ୍ଡସ୍କେପ୍, ସନ୍ସେଟ୍, ଷ୍ଟ୍ରିଟ୍ ଦୃଶ୍ୟ, ଏବଂ ସମୃଦ୍ଧ ବିବରଣୀ ଏବଂ ଉଜ୍ଜ୍ୱଳ ରଙ୍ଗ ସହିତ ନିର୍ଦ୍ଦିଷ୍ଟ ମୁହୂର୍ତ୍ତଗୁଡିକ କ୍ୟାପଚର କରିଥାଏ। ମୁଖ୍ୟ କ୍ୟାମେରାରେ ଥିବା ଲ / ୧.୮ ଆପେଚର, secondary ଗଭୀରତା କ୍ୟାମେରା ସହିତ ମିଳିତ ହୋଇ, ପ୍ରାକୃତିକ ବୋକେ ଇଫେକ୍ଟ ସୃଷ୍ଟି କରେ, ଯେକ ବଭଛ ଣସି ଆଲୋକ ଅବସ୍ଥାରେ ତୀକ୍ଷ୍ଣ ଚିତ୍ର ଉତ୍ପାଦନ କରୁଥିବା ପୃଷ୍ଠଭୂମିକୁ ମୃଦୁ ଭାବରେ ଅସ୍ପଷ୍ଟ କରିଥାଏ। ଏହାର ନାଇଟ୍ ମୋଡ୍ ସହିତ, ଏହା କମ୍ ଆଲୋକ ଅବସ୍ଥାରେ ମଧ ଉଜ୍ଜ୍ୱଳ ଏବଂ ବିସ୍ତୃତ ଚିତ୍ର କ୍ୟାପଚର୍ କରିଥାଏ ଅନ୍ୟ ପଟେ, ଏହା ସନ୍ତୁଳିତ ଏକ୍ସପୋଜର ସୁନିଶ୍ଚିତ କରେ, ହାଲୁକା ଜ୍ୱଳନକୁ କମ୍ କରିଥାଏ ଏବଂ ଉଜ୍ଜ୍ୱଳ ସୂର୍ଯ୍ୟ କିରଣ କିମ୍ବା ଆଲୋକିତ ରାତିର ଦୃଶ୍ୟରେ ସବିଶେଷ ତଥ୍ୟ ସଂରକ୍ଷଣ କରେ। ଏହାର ୮ଗଚ ସାମ୍ନା କ୍ୟାମେରା ସ୍ୱଚ୍ଛ ଏବଂ ସୁସଜ୍ଜିତ ସେଲଫି ଏବଂ ଭିଡିଓ କଲ୍ ସୁନିଶ୍ଚିତ କରେ ସୋସିଆଲ ମିଡିଆ। ବ୍ୟବହାରକାରୀ ଏବଂ ବିଷୟବସ୍ତୁ ସୃଷ୍ଟିକର୍ତ୍ତାମାନଙ୍କ ପାଇଁ, ଏହି କ୍ୟାମେରା ସିଷ୍ଟମ ଯିବା ସମୟରେ ଉଚ୍ଚମାନର ବିଷୟବସ୍ତୁ ସୃଷ୍ଟି ପାଇଁ ସମର୍ଥନ କରେ।

## ଆଇଜି ଡିଫେନ୍ସକୁ ସ୍ୱଦେଶୀ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ପାଇଁ ମିଳିଲା ପେଟେଂଟ

**ଭୁବନେଶ୍ୱର, ୧୧।୨ (ନି.ପ୍ର) :** ବର୍ତମାନ ସମୟରେ ଯୁଦ୍ଧର ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି ଏବଂ କମ ସମୟ ମଧ୍ୟରେ ସଠିକ ନିଷ୍ପତି ନେବାର ଆବଶ୍ୟକତା ରହୁଛି। ଆଧୁନିକ ଯୁଦ୍ଧକ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଦ୍ୱାରା ବିକଶିତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଅନମ୍ୟାନ୍ଡ ଏରିଅଲ୍ ସିଷ୍ଟମ' ପାଇଁ କମ୍ପାନୀକୁ ପେଟେଂଟ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ସିଷ୍ଟମ ଏକାସାଙ୍ଗରେ ଶତ୍ରୁ ଉପରେ ନଜର ରଖିବା ଏବଂ ସଠିକ୍ ଲକ୍ଷ୍ୟଭେଦ କରିବାରେ ସକ୍ଷମ, ଯାହା ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ। ଆଇଜି ଡିଫେନ୍ସର ଏହି ନୂତନ ପେଟେଂଟ ପ୍ରାପ୍ତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ୍' ସେନାବାହିନୀକୁ ଅତ୍ୟନ୍ତ ସଠିକତାର ସହ ଶତ୍ରୁକୁ ଚିହ୍ନଟ କରିବା, ଗତିବିଧି ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସକ୍ଷମ କରାଏ, ଯାହାଦ୍ୱାରା ଭୂମିରେ ଥିବା ସୈନିକମାନଙ୍କ ପ୍ରତି ବିପଦ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ। ଯୁଦ୍ଧକ୍ଷେତ୍ରର କଠିନ ପରିସ୍ଥିତିରେ, ଗୁପ୍ତ ତଥ୍ୟ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଏହି କ୍ଷମତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଏହାର ବିଶେଷତ୍ୱ ହେଉଛି ଏହି ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ିପାରିବ ଏବଂ ଅଧିକ ଦୂରତା ଅତିକ୍ରମ କରିପାରିବ। ଏହା ୫ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଯୁଦ୍ଧାସ୍ତ୍ର କିମ୍ବା ଅନ୍ୟାନ୍ୟ ଉପକରଣ ବହନ କରିବାର କ୍ଷମତା ରଖେ। ଓଜନରେ ହାଲୁକା ହୋଇଥିବାରୁ ଏହାକୁ ଯେକୌଣସି ଦୁର୍ଗମ ସ୍ଥାନରେ ମଧ ସହଜରେ ଏବଂ ଶୀଘ୍ର ବ୍ୟବହାର କରାଯାଇପାରିବ।

ଏହି ସଫଳତା ବିଷୟରେ ଆଇଜି ଡିଫେନ୍ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, 'ଆଧୁନିକ ଯୁଦ୍ଧର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ୍'କୁ ବିକଶିତ କରାଯାଇଛି। ଆମର ଲକ୍ଷ୍ୟ ହେଉଛି ସଶସ୍ତ୍ର ବାହିନୀକୁ ଏଭଳି ନିର୍ଭରଯୋଗ୍ୟ ଉପକରଣ ଯୋଗାଇଦେବା, ଯାହା ପରିସ୍ଥିତି ସମ୍ପର୍କରେ ସଚେତନତା ବୃଦ୍ଧି କରିବ, ସୈନିକମାନଙ୍କ ପ୍ରତି ବିପଦ ହ୍ରାସ କରିବ ଏବଂ କଠିନ ପରିସ୍ଥିତିରେ ମଧ ନିରନ୍ତର କାର୍ଯ୍ୟକ୍ଷମ ରହିବ। 'ଆତ୍ମନିର୍ଭର ଭାରତ' ଗଠନ ଦିଗରେ ଏହା ଆମର ଏକ ଅବଦାନ।

ଆଇଜି ଡିଫେନ୍ସର ପରାମର୍ଶଦାତା, ଏୟାର କମୋଡୋର ଆର.ଏନ. ଗାଏକ୍ୱାଡ଼ କହିଛନ୍ତି, 'ଆଜିର ଯୁଦ୍ଧକ୍ଷେତ୍ରରେ ତୁରନ୍ତ ନିଷ୍ପତି ନେବା ଅତ୍ୟନ୍ତ ଜରୁରୀ। ଏହି ପେଟେଂଟ ପ୍ରାପ୍ତ ସିଷ୍ଟମ ସୈନ୍ୟମାନଙ୍କୁ ବିପଦରେ ନ ପକାଇ ଶତ୍ରୁ ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସାହାଯ୍ୟ କରିବ। ଭବିଷ୍ୟତର ଯୁଦ୍ଧନୀତିରେ ଏଭଳି ଜ୍ଞାନକୌଶଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ।' ଆଇଜି ଡିଫେନ୍ସ ନିଜର ଗବେଷଣା ଏବଂ ସ୍ୱଦେଶୀ ଜ୍ଞାନକୌଶଳ ପାଇଁ ଜଣାଶୁଣା। କମ୍ପାନୀ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ବାସ୍ତବ ଯୁଦ୍ଧକ୍ଷେତ୍ରରେ ବ୍ୟବହାର ଉପଯୋଗୀ ଜ୍ଞାନକୌଶଳ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି। ପୂର୍ବରୁ 'ଅପରେସନ୍ ସିନ୍ଦୂର' ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ କମ୍ପାନୀର ସ୍ୱଦେଶୀ ଡ୍ରୋନ୍ ସଫଳତାର ସହ ବ୍ୟବହୃତ ହୋଇସାରିଛି।




## 'ଓଟିପି ଲିକେଜ୍ ଦ୍ୱାରା ହେଉଥିବା ଠକେଇ' ରୁ ଏୟାରଟେଲ୍ ନୂତନ ଏଆଇ-ଚାଳିତ ସୁରକ୍ଷା ଆରମ୍ଭ କରିଛି

**ନୂଆଦିଲ୍ଲୀ,୧୧।୨ (ନି.ପ୍ର):** ସ୍କାମର ବିପଦର ମୁକାବିଲା କରିବା ପାଇଁ ଏହାର ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ, ଏୟାରଟେଲ୍ ଆଜି ଏହାର ଅଭିନବ ଫ୍ରଡ୍ ଆଲର୍ଟ ଶୁଭାରମ୍ଭ କରିଛି, ଏକ ଏଆଇ-ଚାଳିତ, ଅତ୍ୟାଧୁନିକ ସମାଧାନ ଯାହା ଗ୍ରାହକମାନଙ୍କୁ ୱାନ୍-ଟାଇମ୍-ପାସୱାର୍ଡ (ଓଟିପି) ସମ୍ବନ୍ଧୀୟ ବ୍ୟାଙ୍କ ଠକେଇର ଦ୍ରୁତ ବର୍ଦ୍ଧିତ ବିପଦ ବିରୁଦ୍ଧରେ ପ୍ରକୃତ-ସମୟ ସୁରକ୍ଷା ପ୍ରଦାନ କରେ।

ଠକମାନେ ଡେଲିଭରି ଭଳି ଦୈନନ୍ଦିନ ସେବା ପାଇଁ ଓଟିପି ସହିତ ଜଡିତ ଜରୁରୀତାର ସୁଯୋଗ ନିଅନ୍ତି ଏବଂ ଗ୍ରାହକମାନଙ୍କୁ ବ୍ୟାଙ୍କିଂ-ଟ୍ରାଞ୍ଜେକ୍ସନ- ଓଟିପି ସେୟାର କରିବାକୁ କହି ଠକନ୍ତି, ଯାହା ଫଳରେ ସେମାନଙ୍କ ଆକାଉଣ୍ଟ ସଞ୍ଚୟ ଠକେଇର ବିପଦରେ ପଡ଼ିଯାଏ। ଏୟାରଟେଲ୍ ?ର ନୂତନ ଏଆଇ-ଚାଳିତ ସିଷ୍ଟମ୍ ଏପରି ସମ୍ଭାବ୍ୟ ବିପଦପୂର୍ଣ୍ଣ ପରିସ୍ଥିତିକୁ ଚିହ୍ନଟ କରେ ଏବଂ ସମ୍ପୃକ୍ତ ଗ୍ରାହକମାନଙ୍କୁ ଚେତାବନୀ ଦିଏ। ଯେତେବେଳେ ଏକ ସମ୍ଭାବ୍ୟ ବିପଦପୂର୍ଣ୍ଣ ଇନକମିଂ କଲ୍ ସମୟରେ ଏକ ବ୍ୟାଙ୍କ ଓଟିପି ଚିହ୍ନଟ ହୁଏ, ସେତେବେଳେ ଏୟାରଟେଲ୍ ଗ୍ରାହକଙ୍କୁ ଏକ ଫ୍ରଡ୍ ଆଲର୍ଟ ଯାଞ୍ଚ ସହିତ ହସ୍ତକ୍ଷେପ କରେ ଯାହା କଲରେ ଥିବା ସମୟରେ ଏକ ବ୍ୟାଙ୍କିଂ କାରବାର ଓଟିପି ପାଇଁ ସମ୍ମତି ଦେବାର ସମ୍ଭାବ୍ୟ ବିପଦ ବିଷୟରେ ହସ୍ତକ୍ଷେପ କରେ। ଏଆଇ-ଚାଳିତ ବୁଦ୍ଧିମତ୍ତା ଏବଂ ମାନବ ବିଚାରର ଏହି ଶକ୍ତିଶାଳୀ ମିଶ୍ରଣ ଗ୍ରାହକମାନଙ୍କୁ ଚିନ୍ତା କରିବା, ଯାଞ୍ଚ କରିବା ଏବଂ ସେମାନଙ୍କର ସୁରକ୍ଷା ଉପରେ ଦୃଢ଼ ନିୟନ୍ତ୍ରଣ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ପ୍ରଦାନ କରେ, ଯାହା ଫଳରେ ସ୍କାମରମାନେ ଶୋଷଣ କରୁଥିବା ବ୍ୟବଧାନକୁ ପ୍ରଭାବଶାଳୀ ଭାବରେ ବନ୍ଦ କରିଥାଏ।

ଏହି ପଦକ୍ଷେପ ବିଷୟରେ ମତ ଦେଇ, ଏୟାରଟେଲ୍, ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶାଶ୍ୱତ ଶର୍ମା କହିଛନ୍ତି, 'ଆମେ ଏୟାରଟେଲ୍ ?କୁ ଏକ ନିରାପଦ ନେଟୱାର୍କ କରିବା ପାଇଁ ଏକ ମିଶନରେ ଅଛୁ। ଏହି ଦିଗରେ କାର୍ଯ୍ୟ କରିବା ସମୟରେ, ଆମେ ଅନୁଭବ କରିଛୁ ଯେ ଡିଜିଟାଲ୍ କାରବାରକୁ ସୁରକ୍ଷିତ କରିବାରେ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) ଦ୍ୱାରା ନିହିତ ମୂଳ ଭୂମିକା ସତ୍ତ୍ୱେ, ଅପରାଧିକ ରଣନୀତି ଦ୍ୱାରା ସେମାନଙ୍କର ପ୍ରଭାବକୁ ପ୍ରାୟତଃ ଦୁର୍ବଳ କରାଯାଉଛି। ତେଣୁ, ଆମେ ଏୟାରଟେଲ୍ ?ର ନେଟୱାର୍କ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଘୋଷଣା କରି ଖୁସି, ଯାହା ବ୍ୟାଙ୍କିଂ ଠକେଇ ବିରୁଦ୍ଧରେ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି।'''ଆମର ନୂତନ ବିକଶିତ, ଏଆଇ-ଚାଳିତ, ସ୍ୱୟଂଚାଳିତ ସମାଧାନ ନେଟୱାର୍କ ସ୍ତରରେ ସକ୍ରିୟ ଭାବରେ କାର୍ଯ୍ୟ କରେ ଏବଂ ପ୍ରକୃତ ସମୟରେ ଠକେଇ କାର୍ଯ୍ୟକଳାପକୁ ଚିହ୍ନଟ ଏବଂ ହସ୍ତକ୍ଷେପ କରିବା ପାଇଁ ଇଞ୍ଜିନିୟର କରାଯାଇଛି। ବ୍ୟାପକ ପରୀକ୍ଷଣ ଏପରି ଠକେଇର ବିପଦକୁ ରୋକିବାରେ ଏକ ଉଲ୍ଲେଖନୀୟ ସ୍ତରର ସଠିକତା ଏବଂ ପ୍ରଭାବ ପ୍ରଦର୍ଶନ କରିଛି।'ଗତ ଦୁଇ ବର୍ଷ ମଧ୍ୟରେ, ଏୟାରଟେଲ୍ ଉତ୍ସରେ ଠକେଇକୁ ବନ୍ଦ କରିବା ପାଇଁ ସ୍କାମ୍-କଲ୍ ଚେତାବନୀ ଏବଂ କ୍ଷତିକାରକ ଲିଙ୍କ୍-ବ୍ଲକିଂ ଭଳି ଏଆଇ-ଚାଳିତ, ଟେକ୍-ନେତୃତ୍ୱାଧୀନ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରିଛି। ଯଦିଓ ଏହା ଏହାର ନେଟୱାର୍କରେ ଠକେଇକୁ ବହୁ ପରିମାଣରେ ହ୍ରାସ କରିବା ପାଇଁ ଏହାର ପ୍ରୟାସରେ ସଫଳ ହୋଇଛି, ଠକମାନେ ଜାଲିଆତିମୂଳକ ଭାବରେ ଏବଂ ସାମାଜିକ ଇଞ୍ଜିନିୟରିଂ ମାଧ୍ୟମରେ ମାନବ ଦୁର୍ବଳତାକୁ ଶୋଷଣ କରିବା ଜାରି ରଖିଛନ୍ତି। ମୋବାଇଲ୍ ଫୋନ୍ ବ୍ୟବହାରକାରୀଙ୍କୁ ସୁରକ୍ଷା ଦେବା ପାଇଁ ଡିଜାଇନ୍ କରାଯାଇଥିବା ଏହି ସଫଳତାର ବୈଶିଷ୍ଟ୍ୟ ଏହାର ଗ୍ରାହକମାନଙ୍କୁ ଡିଜିଟାଲ୍ ଠକେଇରୁ ସୁରକ୍ଷା ଦେବା ପାଇଁ ଆଉ ଏକ ପଦକ୍ଷେପ। ଏହି ସମାଧାନ ହରିୟାଣାରେ ପୂର୍ବରୁ ଉପଲବ୍ଧ ଏବଂ ଏୟାରଟେଲ୍ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଏହାକୁ ଏହାର ୧୦୦% ଗ୍ରାହକଙ୍କ ନିକଟରେ ପହଞ୍ଚାଇବ।




## ବିବୃତି ଆସେଟ୍ ମ୍ୟାନେଜମେଣ୍ଟ ପକ୍ଷରୁ ୨୦୨୬-୨୭ରେ ଏୟୁଏମ୍‌ରେ ୪୦% ଅଭିବୃଦ୍ଧି ହାସଲ ଲକ୍ଷ୍ୟ

**ଭୁବନେଶ୍ୱର, ୧୧।୨ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ସଂପତି ପରିଚାଳନା କମ୍ପାନି ବିବୃତି ଆସେଟ୍ ମ୍ୟାନେଜମେଂଟ୍ (ଭିଏଏମ୍) ପୂର୍ବ ଭାରତରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିଛି। ଇକ୍ୱିଟି ବଜାର ଅସ୍ଥିରତା ତୁଳନାରେ କମ୍ ୟିଲ୍‌ଡ ସୃଷ୍ଟି କରିବାକୁ ଚାହୁଁଥିବା ଫାମିଲି ଅଫିସ୍ ଓ ଏନ୍‌ଏଚ୍‌ଆଇମାନେ ଚାହୁଁଥିବା ବେଳେ ସେମାନେ ନିଜ ପୋର୍ଟଫୋଲିଓରେ ବିବିଧତା ମଧ୍ୟ ଆଣିବାକୁ ଚାହୁଁଛନ୍ତି। ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ଓ ଓଡ଼ିଶା କମ୍ପାନି ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ପ୍ରଦାନ କରିବେ ବୋଲି ଆଶା କରୁଛି। ୨୦୧୯-୨୦ରେ ଶୁଭାରମ୍ଭ କରାଯାଇଥଇବା ଭିଂଟେଜ୍-୧ ଅଧୀନରେ ତିନିଟି ପାଣ୍ଠିର ପୂର୍ଣ୍ଣ ପୁଞ୍ଜିକୁ ୨୦୨୪ ସୁଦ୍ଧା କମ୍ପାନି ଫେରସ୍ତ କରିଛି। ୨୦୨୧ରେ ଶୁଭାରମ୍ଭ ହୋଇଥିବା ଭିଂଟେଜ୍-୨ ଫଣ୍ଡରେ ଏହା ୭୩ ପ୍ରତିଶତରୁ ଅଧିକ ପାଣ୍ଠି ନିବେଶ କରିଛି। ଭିଂଟେଜ୍-୩ର ଅଂଶ ଥିବା ବିବୃତିର ଡାଇଭର୍ସିଫାଏଡ୍ ବଣ୍ଡ୍ ସିରିଜ୍-୨ ଗ୍ରିନ୍ ସୁ ବିକଳ୍ପ କାର୍ଯ୍ୟକାରୀ କରିବା ପରେ ୨୧୦୦ କୋଟି ଟଙ୍କାର ପ୍ରତିବଦ୍ଧତା ହାସଲ କରିଛି ଓ ଖୁବ୍‌ଶୀଘ୍ର ଚୂଡ଼ାନ୍ତ କ୍ଲୋଜର୍ କରିବାକୁ ଯାଉଛି। ୨୦୨୪ରେ ଶୁଭାରମ୍ଭ କରାଯାଇଥିବା ବିବୃତି ସ୍ୱଳ୍ପକାଳୀନ ଟର୍ମ ଡେବ୍‌ଟ ଫଣ୍ଡ୍ ନିବେଶକଙ୍କଠାରୁ ୬୦୦ କୋଟି ଟଙ୍କାର ପ୍ରତିବଦ୍ଧତା ହାସଲ କରିଛି। ବିବୃତିର ଗିଫ୍ଟ ସିଟି ଫଣ୍ଡ୍ ବିବୃତି ଇଣ୍ଡିଆ ରିଟେଲ୍ ଆସେଟ୍ ଫଣ୍ଡ୍ ୧୭୨୨ କୋଟି ଟଙ୍କା ସଂଗ୍ରହ କରିଛି ଏବଂ ୨୦୨୩ ପରଠାରୁ ଭାରତୀୟ ପ୍ରତିଭୂତିରେ ୨୧୭୫ କୋଟି ଟଙ୍କା ନିବେଶ କରିଛି। ଭିଂଟେଜ୍-୪ ଅଧୀନରେ ବିବୃତି ଏଏମ୍‌ସି ୨୦୨୬ରେ ଡାଇଭର୍ସିଫାଏଡ୍ ବଣ୍ଡ୍ ଫଣ୍ଡ୍ ସିରିଜ୍-୩ ଶୁଭାରମ୍ଭ କରିବ ଯାହା ନିବେଶକମାନଙ୍କୁ ସ୍ଥିର ଓ ଆକଳନ ଆଧାରିତ ରିଟର୍ଣ୍ଣ ପ୍ରଦାନ କରିବ। ଭିଏଏମ୍ ପକ୍ଷରୁ ୩୨୦୦ କୋଟି ଟଙ୍କା ଆବଂଟନ କରାଯାଇଛି। ବିବୃତି ଆସେଟ୍ ମ୍ୟାନେଜମେଂଟ୍‌ର ମୁଖ୍ୟ ନିବେଶ ଅଧିକାରୀ ସୌମେନ୍ଦ୍ର ଘୋଷ କହିଛନ୍ତି ଯେ, 'ଭାରତର ଆର୍ଥିକ ବ୍ୟବସ୍ଥାରେ ଘରୋଇ ଋଣ ପ୍ରମୁଖ ସ୍ତମ୍ଭରେ ପରିଣତ ହୋଇଛି ଯାହା ସଂଚୟ ଓ ବଳକାକୁ ଅର୍ଥନୀତିରେ ପ୍ରବେଶ କରାଉଛି। ପ୍ରମୋଟର ଏବଂ ନିଜ ଅଭିବୃଦ୍ଧିକୁ ବଢ଼ାଇବା, ଏକୀକରଣ ପାଇଁ ସ୍ୱତନ୍ତ୍ର ପାଣ୍ଠି ଚାହୁଁଥିବା କିମ୍ବା ଜଟିଳ ବ୍ୟବସାୟ ସ୍ଥିତିକୁ ଅତିକ୍ରମ କରିବାକୁ ଚାହୁଁଥିବା ମ୍ୟାନେଜମେଂଟ୍ ଟିମ୍ ପାଇଁ ପୁଞ୍ଜିର ଚାହିଦା ବଢ଼ିଛି। ନିୟମାକ ପ୍ରତିବନ୍ଧକ କିମ୍ବା ସୀମିତ ବିପଦ ଗ୍ରହଣ କରିବାର ଆଗ୍ରହ ପାଇଁ ଏହି ଚାହିଦାକୁ ପୂରଣ କରିବାରେ ବ୍ୟାଙ୍କ କିମ୍ବା ସାର୍ବଜନୀନ ବଣ୍ଡ ବଜାରର ଅକ୍ଷମତା ଓ ଅନାଗ୍ରହ ରହିଛି। ନିବେଶକମାନଙ୍କୁ ଘରୋଇ ଋଣ ଏକ ଆକର୍ଷଣୀୟ ବିପଦ ପରିଚାଳନା ଆଧାରିତ ସୁବିଧା ପ୍ରଦାନ କରୁଛି। ଦ୍ୱିପାକ୍ଷିକ ଆଲୋଚନା ଆଧାରିତ କାରବାର ସଯତ୍ନ ଅନୁଶୀଳନ, ହ୍ରାସରୁ ସୁରକ୍ଷା ଦେବା ପାଇଁ ଡିଲ୍ ଢ଼ାଂଚା ଓ କାରବାର ପରବର୍ତୀ ଟ୍ରାକିଂକୁ ବନ୍ଦ କରିବାରେ ସହାୟକ ହୋଇଥାଏ। ଏକ ଉତ୍ପାଦର ପୁଲ୍ ଓ ଯତ୍ନର ସହ ପ୍ରସ୍ତୁତ ପୋର୍ଟଫୋଲିଓ ସାର୍ବଜନୀନ ଇକ୍ୱିଟି ତୁଳନାରେ ଅସ୍ଥିରତାକୁ ଉଲ୍ଲେଖନୀୟ ହ୍ରାସ କରି ଦୃଢ଼ ରିଟର୍ଣ୍ଣ ପ୍ରଦାନ କରିବାର ସମ୍ଭାବନା ରଖିଛି। ନିଜ ପୋର୍ଟଫୋଲିଓରେ ବିବିଧତା ଆଣିବା ଓ ବିପଦ ଆଧାରିତ ରିଟର୍ଣ୍ଣ ଚାହୁଁଥିବା ଫାମିଲି ଅଫିସ, ଏନଏଚଆଇ, ବୀମା କମ୍ପାନି ଓ ସଂସ୍ଥାଗତ ନିବେଶକମାନଙ୍କ ଭଳି ଘରୋଇ ପୁଞ୍ଜି ପ୍ରଦାନକାରୀଙ୍କ ସହ ଏହା ବେଶ୍ ଖାପଖାଉଛି। ବିଗତ ୬ ମାସରେ ଭିଏଏମ୍ ପକ୍ଷରୁ ସଡ଼କ, ଅଟୋମୋବାଇଲ, ଗଣମାଧ୍ୟମ, ଇସ୍ପାତ, ସ୍ୱାସ୍ଥ୍ୟସେବା, ଓ୍ୱାରହାଉସିଂ, ଆର୍ଥିକ ସେବା ଓ ବିମାନ ଚଳାଚଳ କ୍ଷେତ୍ରରେ ନିବେଶ କରାଯାଇଛି। ଭାରତରେ ଏହି ସଂପତି ବର୍ଗ ୧.୪ ଲକ୍ଷ କୋଟି ଟଙ୍କାର ଡିଲ ମୂଲ୍ୟ ହାସଲ କରିଛି।



## ହାଇୱା ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

**କଳମପୁର, ୧୧।୨ (ନି.ପ୍ର) :** ଜୟପାଟଣା ମୋଟେର ମୁଖ୍ୟ ରାସ୍ତାର ଦୁଲକିବନ୍ଧ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛିଯ ହାଇୱା ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଜଣେ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ କଳମପୁର ଥାନା ଅନ୍ତର୍ଗତ ଭେଜିଗୁଡା ଗାଁର ଶକ୍ତି ମାଝୀ, ବିପିନ ମାଝୀ ଏବଂ ବାସୁଦେବ ମାଝୀ ନାମକ ୩ ଯୁବକ ଏକ ବାଇକ୍ ଯୋଗେ ଜୟପାଟଣା ମୋଟେର ମୁଖ୍ୟ ରାସ୍ତା ଦେଇ ନିଜ ଗାଁ କୁ ଫେରୁଥିଲେ। ଏତିକିବେଳେ ବିପରିତ ଦିଗରୁ ଆସୁଥିବା ଏକ ହାଇୱା ସହ ଧକ୍କା ହେଇଥିଲା।

## ରଘୁନାଥପୁର ପଞ୍ଚାୟତସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**ଜଗତସିଂହପୁର, ୧୧/୨(ନି.ପ୍ର):** ରଘୁନାଥପୁର ପଞ୍ଚାୟତସମିତିର ଷଷ୍ଠତମ ଅଧିବେଶନ ଆଜି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କେତେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଅଧାରୁ ବନ୍ଦ ପଡ଼ିଥିବା ଏବଂ ଅଧିକାଂଶ ପଞ୍ଚାୟତରେ କାର୍ଯ୍ୟର ଅଗ୍ରଗତି ହୋଇପାରୁ ନଥିବା ନେଇ ବୈଠକରେ ଜନପ୍ରତିନିଧି ମାନେ ମତ ପ୍ରକାଶ କରିଥିଲେ। ସେହିପରି ଗତ ଫେବ୍ରୁଆରୀ ୩ ତାରିଖରେ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଯାଇଥିବା ଘଟଣାରେ କାର୍ଯ୍ୟରତ ଡାକ୍ତରଙ୍କ ଭୂମିକାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟବସ୍ଥା ନେଇ ତିର୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ କାର୍ଯ୍ୟରତ ଡାକ୍ତର ବିପ୍ଳବ ଜେନାଙ୍କୁ ତାଗିଦ କରିଥିଲେ।ଏହି ଘଟଣାକୁ ରାଜନୀତି ରୂପ ଦେଇ ସ୍ଥାନୀୟ କିଛି ବ୍ୟକ୍ତି ରାଜରାସ୍ତାକୁ ଆସି ଅବରୋଧ କରିବା ସହ ବିଧାୟକ କ୍ଷମା ମାଗନ୍ତୁ ବୋଲି ଦାବିକରି ବସିରହିଥିଲେ। ତେବେ ଜଣେ କର୍ତ୍ତବ୍ୟରତ ଡାକ୍ତର କିପରି ବେକରେ ଫୁଲମାଳ ପକେଇ ରାଜରାସ୍ତାକୁ ଆସି ଉତ୍ୟକ୍ତ ଲୋକଙ୍କ ସହ ସାମିଲ ହେଲେ ଏବଂ ଏ ନେଇ ସଂପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି କି ନାହିଁ ସେ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟେ ତଥ୍ୟ ରଖିବାକୁ ତରିକୁନ୍ଦ ସରପଞ୍ଚ ବଳରାମ ସାହୁ ପ୍ରସ୍ତାବ ବାଢ଼ିଥିଲେ। ସେହିପରି ଅନେକ ପଞ୍ଚାୟତରେ ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ପାଇପ ବିଛା କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ଏବଂ ଖୋଳି ଦିଆଯାଇଥିବା ରାସ୍ତାକୁ କଂକ୍ରିଟ କରାଯାଇନଥିବା ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଅଭିଯୋଗ କରିଥିଲେ। ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଶୁଦ୍ଧ ପାନୀୟଜଳ ପାଇଁ ଆକୁୟାଗାର୍ଡ ଯୋଗାଣ,ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକ ନିୟୁକ୍ତି,କେଉଁ ଗାଇଡ ଲାଇନରେ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦ୍‌ୟ ଯୋଜନାରେ ପକ୍କାଗୃହ ଦିଆଯାଉଛି ତାର ସବିଶେଷ ତଥ୍ୟ ପ୍ରଦାନ,ଭତ୍ତା ଓ ରାସନକାର୍ଡ ସମ୍ପର୍କରେ ରେଢୁଆ। ସରପଞ୍ଚ କିଶୋର ଚନ୍ଦ୍ର ବେହେରା,ଗୁଆଲିପୁର ସରପଞ୍ଚ ମନୋଜିନି ସାହୁ,ତାରପୁର ସମିତି ସଭ୍ୟା ପୁଜାଲତା ଦାସ ଓ ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ,ଅଢେଇକୁଳ ସରପଞ୍ଚ ରୀନା ସ୍ୱାଇଁ ପ୍ରମୁଖ ପ୍ରସ୍ତାବ ରଖିଥିଲେ। ହାତଗଣତି କେତେକ ବିଭାଗ ଉପରେ ଆଲୋଚନା ଚାଲିଥିବାବେଳେ ବିଧାୟକ ଡ ଭୋଇ ଜରୁରୀ କାର୍ଯ୍ୟ ଦର୍ଶାଇ ବୈଠକରୁ ଶେଷ ମୂହୁର୍ତ୍ତରେ ଚାଲିଯାଇଥିଲେ।



ବୈଠକରେ ଅଧକ୍ଷା ଲକ୍ଷ୍ମୀ ବେହେରା ଅଧକ୍ଷତା କରିଥିଲା ବେଳେ ଉପାଧକ୍ଷ ଦେବାଶିଷ ତ୍ରିପାଠୀ,ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରିନାରାଣୀ ମଲ୍ଲିକ,ବିଡିଓ ବିରଞ୍ଚିନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଏବିଡିଓ ପାୟଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିପିଡିଓ ସୁଚିତ୍ରାନନ୍ଦ ପାଲ , କ୍ୟାସିଅର ଭବେସ କୁମାର ବେହେରାଙ୍କ ସହ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୩ ରେ ମୁଖ୍ୟମନ୍ତ୍ରୀ ଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ




**ନବରଙ୍ଗପୁର, ୧୧।୨ (ନି.ପ୍ର):** ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ। ଏହି ଗସ୍ତ ଅବସରରେ ନବରଙ୍ଗପୁର ଜିଲ୍ଲାର ବହୁ ପ୍ରତୀକ୍ଷିତ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହା ସହିତ କ୍ରୀଡ଼ା କମ୍ପ୍ଲେକ୍ସ, ମଣ୍ଡେଇ ପଡ଼ିଆର ଉନ୍ନତିକରଣ, ହିଲି ଡଙ୍ଗରିର ପର୍ଯ୍ୟଟନ ବିକାଶ ସମେତ ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ରାଜ୍ୟସ୍ତରରେ ଶ୍ରୀଜଗନ୍ନାଥ ତୀର୍ଥଯାତ୍ରାର ଶୁଭାରମ୍ଭ କରିବେ। ମଣ୍ଡେଇ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା , ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସ , ପୂର୍ବତନ ଜିଲ୍ଲା ସଭାପତି ଝାଡେଶ୍ୱର ଖାଡେଙ୍ଗା ଏବଂ ବହୁ ସଂଖ୍ୟକ ବଜେପି କର୍ମୀ ଉପସ୍ଥିତ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀ କୁ ଜିଲ୍ଲା ସଭାପତି ପରିଚାଳନା କରିଥିଲେ।

## ପିପିଲିରେ ଏସବିଆଇର ଋଣ ମେଳା

**ପିପିଲି, ୧୧।୨ (ନି.ପ୍ର):** ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ପିପିଲିଶାଖା ପକ୍ଷରୁ ଶାଖା ପରିସରରେ ଆଜି ଏକ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ପିପିଲି ଶାଖା ଚିଫ୍ ମ୍ୟାନେଜର ସୁବ୍ରତ କୁମାର ଷଡଙ୍ଗୀ, ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ(କ୍ରେଡିଟ) ରୋହନ ତ୍ରିପାଠୀ, ଏସବିଆଇ ର ପିପିଲିସ୍ଥିତ ଏଏମସିସ ମୁଖ୍ୟ ପ୍ରବନ୍ଧକ ଅମ୍ରିତା ମହାନ୍ତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବହୁ ସଂଖ୍ୟାରେ ଋଣ ଆବେଦନ କାରୀ, ଶାଖାର ଗ୍ରାହକ ମାନେ ଯୋଗ ଦେଇଥିବାବେଳେ ସେମାନଙ୍କୁ ବ୍ୟାଙ୍କର ବିଭିନ୍ନ ଉତ୍ପାଦ ଯେପରିକି କାର ଋଣ, ଗୃହ ଋଣ, ମୁଦ୍ରା ଋଣ, ଏସଏଚଜି ଋଣ, କୃଷି ଋଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଭିତିଭୂମି ପାଣ୍ଠି, ପୂର୍ବ ଅନୁମୋଦିତ କ୍ଷୁଦ୍ର ବ୍ୟବସାୟ ଋଣ ସଂପର୍କରେ ଅଧିକାରୀମାନେ ଅବଗତ କରାଇଥିଲେ। ଏସବିଆଇ ୟୋନୋ୨.୦, ୟୋନୋ କ୍ୟାସ ଓ ହ୍ୱାଟସଆପ୍ ବ୍ୟାଙ୍କିଙ୍ଗ ସଂପର୍କରେ ଗ୍ରାହକମାନଙ୍କୁ ସୂଚନା ଦିଆଯାଇଥିଲା। ବ୍ୟାଙ୍କରୁ ଗୋଷ୍ଠି ମାଧ୍ୟମରେ ନେଉଥିବା ଋଣ ଅର୍ଥକୁ କିପରି ସଦୁପଯୋଗ କରି ନିଜର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରାଯାଇପାରିବ ସେ ସଂପର୍କରେ ଅଧିକାରୀମାନେ ଉପସ୍ଥିତ ଗୋଷ୍ଠି ସଦସ୍ୟମାନଙ୍କୁ ବୁଝାଇଥିଲେ। ଠିକ ସମୟରେ ଋଣ ଅର୍ଥକୁ ପରିଶୋଧ କରି ସବୁ ସୁବିଧା ସୁଯୋଗ ନେବା ପାଇଁ ପିପିଲି ଶାଖା ମୁଖ୍ୟ ପ୍ରବନ୍ଧକ ଶ୍ରୀ ଷଡଙ୍ଗୀ ପରାମର୍ଶ ଦେଇଥିଲେ। ଗ୍ରାହକମାନେ ସେମାନଙ୍କର ବ୍ୟାଙ୍କ କାରବାର ସଂପର୍କୀତ ମତାମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମସିସି ଅଡିଟର ପ୍ରଫୁଲ୍ଲ କୁମାର ଦାଶ, ସୁନୀଲ କୁମାର ଜେନା, ଋଣ ମଂଜୁରୀ ଅଧିକାରୀ ରୋଜାଲିନ ପାଢୀ, ପିପିଲି ଶାଖା କ୍ଷେତ୍ର ଅଧିକାରୀ ରଂଜନ କୁମାର ବେହେରା ଓ ପ୍ରଗତି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୃଷା ମଲ୍ଲିକ, ରଂଗାଧର ମାଝୀଙ୍କ ସମେତ ପିପିଲି ଶାଖାର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି ଋଣ ମେଳା ଶୃଙ୍ଖଳିତ ପରିଚାଳନାରେ ସହଯୋଗ କରିଥିଲେ।




## ବଧିର ବିଦ୍ୟାଳୟ ର ବାର୍ଷିକ ଉତ୍ସବ




**କଟକ, ୧୧।୨ (ନି.ପ୍ର):** କଟକ ସଦରବ୍ଲକ ଅନ୍ତର୍ଗତ ଦଧିବାମନପୁର ପଂଚାୟତ ଅଧିନସ୍ଥ ବହଳପଡା ବେଣ୍ଟକାର ଠାରେ ଥିବା ଶ୍ରୀ ଶ୍ରୀ ବେଳେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ର ଅଠରତମ ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ରେ ମୁଖ୍ୟଅତିଥି ଭାବେ ରାମଗୋପାଳ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଡ଼. ସୁବାଶିଷ ଶତପଥି, ମୁଖ୍ୟବକ୍ତା ଭାବେ ସମାଜସେବୀ ନିରାକାର ବେହେରା ଓ ରବୀନ୍ଦ୍ରନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବଧିର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସରୋଜ କୁମାର ଚୌଧୁରୀ ଙ୍କ ପ୍ରତ୍ୟକ୍ଷ ତତ୍ୱବଧାନ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ କର୍ମଚାରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟତ୍ରୀ ଶକ୍ତିଲତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣା
## ଯୌନପିପାସୁଙ୍କ ଦ୍ୱାରା ସୁପରିକଳ୍ପିତ ହତ୍ୟା ଅଭିଯୋଗ

**ବୁଗୁଡା, ୧୧।୨ (ନି.ପ୍ର):** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଏକ ବନ୍ଦଘରୁ ଲାଛମି ଦୋରା ନାମ୍ନୀ ଜନୈକା ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାକୁ ନେଇ ଏବେ ତାଙ୍କ ସ୍ୱାମୀ କେ.ରାଜଗୋପାଳ ଦୋରାଙ୍କ ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଥିବା ଘଟଣା ଗାଁରେ ଚାପା ଉତ୍ତେଜନା ସୃଷ୍ଟି କରିବା ସହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ପୂର୍ବରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଏବେ ଅଭିଯୋଗ ପରେ ତାହା ଭିନ୍ନ ମୋଡ ନେଇଛି। ଘଟଣାରୁ ପ୍ରକାଶ ଯେ, ଗତ ଫେବୃଆରୀ ୫ ତାରିଖ ଦିନ ଅପରାହ୍ନ ସାଢେ ଚାରିଟା ବେଳେ ଲାଛମିଙ୍କ ବଡ ଝିଅ ସ୍କୁଲରୁ ଫେରି ଭିତର ପଟୁ ବନ୍ଦ ଥିବା ଘର କବାଟ ବାଡାଇଥିଲା। କେହି କବାଟ ନଖୋଲିବାରୁ ସେ ବାରିପଟ ଖୋଲାଦ୍ୱାର ଦେଇ ଘର ଭିତରକୁ ପ୍ରବେଶ କରିଥିଲା। ସେଠାରେ ସେ ତା'ର ମାଆଙ୍କ ମୃତ ଶରୀର ଫ୍ୟାନରୁ ଏକ ଲୁଗା ସାହାଯ୍ୟରେ ଝୁଲିଥିବା ଦେଖିବାକୁ ପାଇଥିଲା। ଏ ନେଇ ପ୍ରଥମେ ସାହିବାସିନ୍ଦା ଏବଂ ପରେ ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଘଟଣା ସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଏପରି ଥିଲା ଯେ ଝୁଲନ୍ତା ମୃତା ମହିଳାଙ୍କ ଆଣ୍ଠୁ ଚଟାଣକୁ ଲାଗିଥିଲା ବେଳେ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ରକ୍ତ ଲାଗିବା ସହ ଓଠ ଓ ମୁହଁରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ଘରେ ମହିଳାଙ୍କ ଅନ୍ତବସ୍ତ୍ର ଏଣେତେଣେ ପଡିଥିବା ଦୃଷ୍ଟିଗୋଚର ହୋଇଥିଲା। ସେଠାରୁ ପୋଲିସ ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ଏ ନେଇ କେସ୍ ନଂ-୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତା ମହିଳାଙ୍କ ସ୍ୱାମୀ କିଛି ସନ୍ଦିଗ୍ଧ ଯୁବକଙ୍କ ନାମ ଉଲ୍ଲେଖ କରି ଏହା କେତେକ ଯୌନପିପାସୁଙ୍କ ଦ୍ୱାରା ରଚିତ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଗତ ଫେବୃଆରୀ ୯ ତାରିଖ ଦିନ ବୁଗୁଡାରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିବା ପରେ ଘଟଣାଟି ଭିନ୍ନ ମୋଡ ନେଉଥିବା ଜଣାଯାଇଛି।



## ପିପିଲି ନିର୍ବାଚନ ମଣ୍ଡଳୀ ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ

**ପିପିଲି,୧୧।୨ (ନି.ପ୍ର):** ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ଓ ଏନଏସି ପକ୍ଷରୁ ବିଜୁ ଜନତାଦଳ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ତାଙ୍କର ମା ପ୍ରାକ୍ତନ ଅଧ୍ୟାପିକା ଡ.ପ୍ରତିଭା ମହାରଥୀ ଯୋଗଦେଇ ବିଜେପି ସରକାରଙ୍କ କାର୍ଯ୍ୟକ୍ରମକୁ କଟୁସମାଲୋଚନା କରିଥିଲେ। ଅନ୍ୟପଟେ ପଞ୍ଚାୟତ ଓ ପୌର ନିର୍ବାଚନ ରେ ପୁଣିଥରେ ପିପିଲି ଡେଲାଙ୍ଗରେ ବିଜେଡି ଦଖଲ କରିବ ବୋଲି ବରିଷ୍ଠ କର୍ମି ଓ ନେତାମାନେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ପିପିଲି ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବନ୍ଧୁ ମିଳନ ରେ ହଜାର ହଜାର କର୍ମୀ ଏକାଠି ହୋଇ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ କୁ ସଶକ୍ତ ଓ ସୁଦୃଢ଼ କରିବା ସହିତ ନବୀନ ପଟ୍ଟନାୟକଙ୍କ ହାତ ମୁଠା କୁ ଟାଣ କରିବା ପାଇଁ ଶପଥ ନେଇଛନ୍ତି। ମିଥ୍ୟା ପ୍ରତିଶୃତି ଦେଇ ଭୋଟ ହାତେଇଥିବା ବିଜେପି ସରକାରକୁ ପଞ୍ଚାୟତ ନିର୍ବାଚନ ରେ ଭୋଟର ପ୍ରତ୍ୟାଖ୍ୟାନ କରିବେ ବୋଲି ସିଧାସଳଖ ବିଜେଡି ନେତୃବୃନ୍ଦ କହିଥିବା ବେଳେ ରୁଦ୍ରଙ୍କ ରାଜନୈତିକ ରଥରେ ମା ପ୍ରତିଭା ମହାଥୀ ସାରଥୀ ହେବାର ଘୋଷଣା କରିବା ପରେ ଦଳୀୟ କର୍ମି ସବୁ ଉତ୍ସାହିତ ହୋଇଛନ୍ତି। ଡେଲାଙ୍ଗ-ପିପିଲିରେ ବେଆଇନି ବାଲିଘାଟ, ମୋରମ ଖଣି, ବେଆଇନି ଭାବେ ଚୋରା ମାଟି ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବା ରେ ଲାଗିଛି । ପିପିଲି ଏବଂ ଡେଲାଙ୍ଗରେ ଆଇନି ଶୃଙ୍ଖଳା ବିପର୍ଯ୍ୟସ୍ତ ପିପିଲିରେ ମାଫିଆ ମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ପିଲିରେ ଯେଉଁଠି ପୋଲିସ ଉପରେ ଆକ୍ରମଣ ହେଉଛି ସେଠି ପୁଲିସ ଚୁପଚାପ ରହିଛି ଜାତୀୟରାଜପଥ ଉପରେ କିନ୍ନର କୁ ହତ୍ୟାକରି ଅଭିଯୁକ୍ତ ଫେରାର ବୁଲୁଛି। ଏପରି ସ୍ଥଳେ ପିପିଲିର ସାଧାରଣ ଜନତା କିପରି ସୁରକ୍ଷା ରହିବେ ବୋଲି ପ୍ରଶ୍ନ କରିଛନ୍ତି ରୁଦ୍ରପ୍ରତାପ। ପିପିଲି ଡେଲାଙ୍ଗ ବ୍ଲକରେ ଉନୟନ କାଯ୍ୟ ପୁରା ଠପ ହୋଇ ପଡିଛି।




ପିପିଲି ବ୍ଲକରେ ଦେଢ଼ଶହରୁ ଉର୍ଦ୍ଧ ଫାଇଲି ପଡ଼ିରହିଛି ଠିକାଦାର ଏବଂ ହିତାଧିକାରୀ କେହି ବିଲ ପାଇପାରୁନାହାଁନ୍ତି ସମସ୍ତ ଙ୍କ ମନରେ ଅସନ୍ତୋଷ ର କୋହ ଦେଖିବାକୁ ମିଳିଛି। ବ୍ଲକ କାଯ୍ୟାଳୟ ଏବେ ଖାଁ ଖାଁ ଲାଗୁଛି ଗହଳି ନାହିଁ ବୋଲି ବରିଷ୍ଠ କର୍ମୀମାନେ ସେମାନଙ୍କ ଅଭିଭାଷଣରେ କହିଥିଲେ । ଆଜିର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପିପିଲି ବ୍ଲକ ଉପାଧକ୍ଷ ତଥା ବିଜେଡି ସଭାପତି ପ୍ରଫୁଲ ସ୍ୱାଇଁ ଙ୍କ ସଭାପତିତ୍ୱରେ ଏହି ବନ୍ଧୁମିଳନ କାଯ୍ୟକ୍ରମରେ ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନ ନନ୍ଦ, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ,ପୂର୍ବତନ ବ୍ଲକ ଅଧକ୍ଷ ବୈରାଗୀ ଜେନା,ଉପାଧକ୍ଷ ଦୁର୍ବାସା ନିସଙ୍କ, ପିପିଲି ପୌରାଞ୍ଚଳ ଅଧକ୍ଷ ସେକ ବାବୁ, ଉପାଧକ୍ଷା ଭାଗ୍ୟବତୀ ମହାରଣା ,ଶରତ ବେହେରା, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ପ୍ରସନ୍ନ ସାହୁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର ଓ ଚିତ୍ରସେନ ନିସଙ୍କ, ଜିଲ୍ଲାଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ବିପନ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ସତ୍ୟଜିତ ରାୟଚୌଧୁରୀ, ଅଜୟ ମହାରଣା , ଯୁବ ବିଜେଡି ନେତା ବିରଜା ପଟ୍ଟନାୟକ, ମନୋଜ ଦାଶ, ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ବିଶ୍ୱଜିତ ଦାଶ, ସୌମ୍ୟ ରଞ୍ଜନ ମହାପାତ୍ର, ପିପିଲି ବ୍ଲକ ସଭାନେତ୍ରୀ ଜୋସ୍ନାରାଣି ପୃଷ୍ଟି ଙ୍କ ସମେତ ପିପିଲି ଡେଲାଙ୍ଗ ବ୍ଲକ ସମେତ ଏନଏସି ସଭାପତି ଏବଂ ସମ୍ପାଦକ, ଜିତିଥିବା ଏବଂ ହାରିଥିବା ସରପଞ୍ଚ ଏବଂ ସମିତିସଭ୍ୟ, ସହିତ ହଜାର ହଜାର ପୁରୁଷ ଏବଂ ମହିଳା କର୍ମୀ ମାନେ ଏଥିରେ ସାମିଲ ହୋଇଥିଲେ।

## ଦୁଇଟି ବିଦ୍ୟାଳୟ ର ୫୭ ଜଣ ଛାତ୍ରଛାତ୍ରୀ ଇଟାଭାଟି ଛାଡି ପାଠ ପଢା ପାଇଁ ବିଦ୍ୟାଳୟ ରେ ନାମ ଲେଖାଇଲେ



**ଶେରଗଡ଼, ୧୧।୨ (ନି.ପ୍ର):** ଶେରଗଡ଼ ବ୍ଲକ ଆଲରିଗଡ କ୍ଲଷ୍ଟର ଅନ୍ତର୍ଗତ ଆଲରିଗଡ ଏବଂ କୁରୁଳା ପଞ୍ଚାୟତ ରେ ଅବସ୍ଥିତ ଇଟା ଭାଟି ରେ କାମ କରୁଥିବା ପ୍ରବାସୀ ଶ୍ରମିକ ଙ୍କ ପିଲାମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଯାଇଅଛି। ଜିଲ୍ଲା ପ୍ଲାନିଙ୍ଗ କୋଅର୍ଡିନେଟର ମହୋଦୟା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱକ୍ଷବଧାନ ଏବଂ ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀ ଙ୍କ ପ୍ରଚେଷ୍ଟା ଓ ସିଆରସିସି ପ୍ରସନ୍ନ କୁମାର ସାବତ ଙ୍କ ସହଯୋଗ ରେ ଅନ୍ୟ ରାଜ୍ୟ,ଜିଲ୍ଲା ଏବଂ ବ୍ଲକ ରୁ ଆସି ବାପା ମା ଙ୍କ ସହ ରହୁଥିବା ପିଲା ମାନଙ୍କୁ,ଉଚ୍ଚ ପ୍ରଥମିକ ବିଦ୍ୟାଳୟ ରେ ୨୫ ଜଣ ଏବଂ ପ୍ରଥମିକ ବିଦ୍ୟାଳୟ ମହୁରୀକଣା ରେ ୩୨ ଜଣ ଛାତ୍ର/ ଛାତ୍ରୀ ଙ୍କୁ ବିଦ୍ୟାଳୟ ରେ ନାମ ଲେଖାଯାଇଅଛି। ଜିଲ୍ଲା ଶିକ୍ଷା ବିଭାଗ ର ଏହିଭଳି ପଦକ୍ଷେପ ଯୋଗୁ ଶିକ୍ଷା ଠାରୁ ଦୂରରେ ରହୁଥିବା ପିଲାଙ୍କ ଭବିଷ୍ୟତ ଉଜ୍ଜଳ ହେବା ସହିତ ସେମାନେ ଶିକ୍ଷା ର ମୁଖ୍ୟ ସ୍ରୋତ ରେ ସାମିଲ ହୋଇପାରିଛନ୍ତି। ଏହି କାର୍ଯ୍ୟ କ୍ରମ ରେ ଉଭୟ ବିଦ୍ୟାଳୟ ସମସ୍ତ ଶିକ୍ଷକ / ଶିକ୍ଷୟତ୍ରୀ ସହଯୋଗ କରିଛନ୍ତି।

## ଅବକାରୀ ବିଭାଗ ପକ୍ଷରୁ ଦୁଇ ଚୋରା ମଦ ବ୍ୟବସାୟୀ ଗିରଫ



**ରାଜଗାଙ୍ଗପୁର, ୧୧।୨ (ନି.ପ୍ର):** ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁକୁଡ଼ା ଗ୍ରାମ ଓ ପୋଟସିଂଗ ଆଞ୍ଚଳରେ ଦେଶୀ ମଦ ଚୋରା ଚାଲାନ ସମ୍ବନ୍ଧରେ ସୁଚନା ପାଇ ରାଜଗାଙ୍ଗପୁର ଅବକାରୀ ଅଧିକାରି ବିଜୟ ଜେନା ଙ୍କ ତତ୍ୱାବଧାନରେ ଭିଷ୍ଣୁ ବରିହା,ତାପସ ପଟେଲ,ଯୋତି କେରକେଟା, ସୁରେଶ ନାୟକ, ସୁବାଷ ଭିତରିଆ , ଯୋଗେନ୍ଦ୍ର ବାବୁ ଉକ୍ତ ଗ୍ରାମ ରେ ଅତର୍କିତ ଚଢ଼ାଉ କରି ରଘୁରାଜ ସିଭଝୋଲିଆ ଓ ମାଗରିତ ମିଞ୍ଜ ଙ୍କ ଠାରୁ ସମୁଦାୟ ୩୮ ଲିଟର ଦେଶୀ ମଦ ଜବତ କରାଯାଇ ଓଡ଼ିଶା ଅବକାରୀ ଆଇନରେ ମାମଲା ରୁଜୁ କରି ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଅବକାରୀ ଅଧିକାରି ବିଜୟ ଜେନା ସୁଚନା ଦେଇଥିଲେ ଘଟଣା ସମ୍ପର୍କରେ ସୁଚନା ପାଇ କିଛି ଚୋରା ଦେଶୀ ମଦ ବ୍ୟବସାୟି ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିଲେ।

## ଶାନ୍ତିଶୃଙ୍ଖଳା ସହ ଜାଗରଯାତ୍ରା ସମାପନ ପାଇଁ ନିବେଦନ ପତ୍ର

**ରାଜଗାଙ୍ଗପୁର, ୧୧।୨ (ନି.ପ୍ର):** ଚଳିତ ମାସ ୧୫ ତାରିଖ ରେ ଭାରତ ପ୍ରସିଦ୍ଧ ଘୋଗର ଧାମ ଶୈବପୀଠ ଠାରେ ପବିତ୍ର ମହା ଶିବରାତ୍ରି ଓ ଜାଗର ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସୁଚାରୁରୂପେ ସମ୍ପାଦନ ପାଇଁ ଘୋଗର ଧାମ ଶୈବପୀଠ କମିଟିର ସଦସ୍ୟ ସମାଜସେବୀ ଜିତୁ ଦାସ, ଅଭିମନ୍ୟୁ ସାହୁ,ବ୍ରିଜ ମୋହନ ଅଗ୍ରୱାଲ, ଗୋବିନ୍ଦ ସାହୁ, ସନ୍ଦୀପ ଅଗ୍ରୱାଲ ଓ କିଛି ସଦସ୍ୟ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଏସଡିପିଓ ବିଭୁତି ଭୁଷଣ ଭୋଇ ବିଡ଼ିଓ ଅକ୍ଷୟ କୁମାର ବାଗ ତହସିଲଦାର ଜଗବନ୍ଧୁ ମଲ୍ଲିକ ପୈରପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ଅଗ୍ନି ଶମ ବିଭାଗ,କାନ୍ୱବାହାଲ ଫାଣ୍ଡି ଅଧିକାରୀ ଙ୍କୁ ସାକ୍ଷାତ କରି ଭକ୍ତ ଙ୍କ ସମାବେଶ ସମୟରେ ଗାଡ଼ି ରହଣି ସ୍ଥଳ, ଆଲୋକ ସେବା, ପାଣି। ଜଳ ଭକ୍ତ ଙ୍କ ସୁରକ୍ଷା ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ସମସ୍ୟାକୁ ନେଇ ବିସ୍ତୃତ ଭାବରେ ଆଲୋଚନା ପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ନିବେଦନ ପତ୍ର ପ୍ରଦାନ କରିଥିଲେ।



## ସରକାର ତୁରନ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ମାନଙ୍କର ସମସ୍ୟା ସମାଧାନ କରନ୍ତୁ : ଓଷ୍ଟା

**କଟକ,୧୧/୨ (ନି.ପ୍ର):** ମାଧ୍ୟମିକ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଗୁଡ଼ିକୁ ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ସୂଚନାଥାଉକି, ଶିକ୍ଷକ କର୍ମଚାରୀମାନଙ୍କ ପ୍ରମୁଖ ସମସ୍ୟା ମଧ୍ୟରେ ଦୀର୍ଘବର୍ଷ ଧରି ନିଜ ଜୀବନକୁ ଜଳାଜଳି ଦେଇ ୩୦ ବର୍ଷ ବିନା ଦରମାରେ କାର୍ଯ୍ୟକରି ଅନୁଦାନ ନିମନ୍ତେ ଅପେକ୍ଷାରତ ଯୋଗ୍ୟବିବେଚିତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ ଏବଂ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ବହି, ପୋଷାକ, ସାଇକେଲ ଓ ମଧ୍ୟାହ୍ନ ଭୋଜନ ଭଳି ସମସ୍ତ ସୁବିଧା ପ୍ରଦାନ, ସେହିପରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ରିକ୍ତ ହସ୍ତରେ ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ୧୯୮୧ ରୁଲ୍ ଅନୁଯାୟୀ ପେନ୍‌ସନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ ସହ ଏହି ବର୍ଗର ବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ପଦବୀ ପୂରଣ, ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସରକାରୀକରଣ, ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଶୂନ୍ୟଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ, ଗ୍ରେଡ୍ ପେ ରେ ଥିବା ଅସଙ୍ଗତି ଦୂର କରିବା, ସପ୍ତମ ବେତନରୁ ବଞ୍ଚିତ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ, ୨ଟି ପିଅନ ଓ ୪୬, ୬୩ ବିଦ୍ୟାଳୟ ମାନଙ୍କୁ ୦୧.୦୪.୨୦୦୮ ପରିବର୍ତ୍ତେ ୦୧.୦୧.୨୦୦୪ରୁ ଆଣ୍ଟିଡେସନ୍ ପ୍ରଦାନ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସ୍‌ନାଲ ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ ଏବଂ ନୂତନ ପେନସନ୍ ସ୍କିମ୍ (ଏନ୍.ପି.ଏସ୍) ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍ (ଓ.ପି.ଏସ୍) ପ୍ରଚଳନ କରିବା ନିମନ୍ତେ ଓଷ୍ଟା ପକ୍ଷରୁ ଦାବି କରାଯାଇଛି ।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟାଗୁଡ଼ିକ ସମାଧାନ ନିମନ୍ତେ ଦୀର୍ଘ ଦିନରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ସହିତ ଦୃଷ୍ଟିଆକର୍ଷଣ କରିଆସୁଅଛି । ଇତି ମଧ୍ୟରେ ନୂତନ ସରକାରଙ୍କର କାର୍ଯ୍ୟକାଳ ୧ ବର୍ଷ ୯ ମାସରେ ପହଞ୍ଚିଥିବା ବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସମସ୍ୟା ସମାଧାନ ନିମନ୍ତେ ଭିନ୍ନ ଭିନ୍ନ କମିଟି ମାନ ଗଠନ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ପବିତ୍ର ବିଧାନ ସଭାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କର ସମସ୍ୟାଗୁଡ଼ିକ ସମାଧାନ ନିମନ୍ତେ ଏକ ଉଚ୍ଚସ୍ତରୀୟ ଶିକ୍ଷାକମିଟି ଗଠନ ନିମନ୍ତେ ଘୋଷଣା କରି ଏକ ଚାରିଜଣିଆ କମିଟି ଗଠନ କରିଥିଲେ । ଏଥିରେ ଉଭୟ ଗଣ ଓ ଉଚ୍ଚଶିକ୍ଷା, ଆଇନ ଓ ଅର୍ଥ ଭଳି ବିଭାଗକୁ ସାମିଲ କରି ଏକ ପାଞ୍ଚଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟି ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ବର୍ତ୍ତମାନ ସରକାର ଜୁନିଅର ଏସ୍.ଇ.ଏସ୍. ଶିକ୍ଷକଙ୍କ ମାନର ଏକ ଗ୍ରେଡ଼େସନ ତାଲିକା ପ୍ରକାଶ କରିଛନ୍ତି, ଏହା ସ୍ୱାଗତ ଯୋଗ୍ୟ କିନ୍ତୁ ମାଟ୍ରିକ୍ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ କରାଗଲେ ପରୀକ୍ଷା ପରିଚାଳନା ସୁରୁଖୁରୁରେ ହୋଇପାରିବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି ।

ରାଜ୍ୟର ଜନପ୍ରିୟ ସରକାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ମାନଙ୍କୁ ଅନୁଦାନ ଓ ପେନସନ ପ୍ରଦାନ ସହିତ ସରକାରୀ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ ଏବଂ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଶୂନ୍ୟ ପଡ଼ିଥିବା ସମସ୍ତ ସହକାରୀ ଶିକ୍ଷକ ଓ ଅନ୍ୟାନ୍ୟ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନିଳମଣୀ ପୁରୋହିତ, ସାଧାରଣ ସମ୍ପାଦକ ରନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ବିଶ୍ୱଶାନ୍ତି ମହାଯଜ୍ଞରେ ଈଶ୍ୱରୀୟ ଜ୍ଞାନଚକ୍ର କର୍ମଶାଳା



**ଗଞ୍ଜାମ, ୧୧।୨ (ନି.ପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବୋରିଗାଁ ସ୍ଥିତ ରାଣୀବର ପାହାଡ଼ରେ ବିଜେ ବାବା ଝଡେଶ୍ୱର ମହାଦେବ ଶୈବପୀଠ ଠାରେ ଆରମ୍ଭ ହୋଇଥିବା ୧୧ ଦିନିବ୍ୟାପି ହରି ହରାତ୍ମକ ଶ୍ ଶାନ୍ତି ମହାଯଜ୍ଞ ତୃତୀୟ ଦିବସରେ ପହଂଚିଛି । ଏହି ଉପଲକ୍ଷେ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଞ୍ଜାମ ଆଶ୍ରମ ତରଫରୁ ଈଶ୍ୱରିୟ ଜ୍ଞାନ ଚକ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ କୁମାରୀ ରାଜ ଯୋଗିନୀ କସ୍ତୁରୀ ଭଗ୍ନୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ରୂପେ ବାବା ଝଡେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ଜୟକୃଷ୍ଣ ପ୍ରଧାନ, ମାଲାଡ଼ ସମିତିସଭ୍ୟ ପ୍ରତିନିଧି ତଥା ଯଜ୍ଞ ପରିଚାଳନା କମିଟି ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡି, ସମାଜସେବୀ ଦୁର୍ଯ୍ୟୋଧନ ସାହୁ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମ କୁମାରୀ ଯମୁନା, ଦମୟନ୍ତି, କେସିନୀ ଭଉଣୀ ସହଯୋଗ କରିଥିଲେ।

# ଦୀନଦୟାଲଜୀଙ୍କ ଗରିବଙ୍କ ଉତ୍‌ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୨(ନି.ପ୍ର.): ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିବା ଭାରତୀୟ ଜନସଂଘର ସହ ସଂସ୍ଥାପକ ତଥା ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି ହେଉଛି ୫୮ତମ ପୁଣ୍ୟତିଥି । ଆଜିର ଦିନକୁ ଭାରତୀୟ ଜନତା ପାର୍ଟୀ ତରଫରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି ବୋଲି ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମହାନ ଚିନ୍ତାନାୟକ ତଥା ଏକାତ୍ମମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ 'ସମର୍ପଣ ଦିବସ -୨୦୨୬' କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଉତରପ୍ରଦେଶର ମଥୁରାରୁ ୨୫ କିଲୋମିଟର ଦୂର ନଗହାଚନ୍ଦ୍ରଭାନ୍ ଗ୍ରାମରେ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଦୀନଦୟାଲ ଜୀ ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ। ଆର୍ଥିକ ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ। ଗରୀବ କଲ୍ୟାଣ ମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲ ଜୀ ଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର। ପଣ୍ଡିତ ଦୀନଦୟାଲ ଜୀ ଙ୍କ ଏକାତ୍ମମାନବବାଦ ଦର୍ଶନ ଏବଂ ସମାଜର ଶେଷ ବ୍ୟକ୍ତିର ଉତ୍‌ଥାନ ଅନ୍ତ୍ୟୋଦୟ ବିଚାରଧାରାକୁ ପ୍ରୋତ୍ସାହିତ କରିବା ଥିଲା ତାଙ୍କ ମହତ ଉଦ୍ଦେଶ୍ୟ। ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମମାନବବାଦର ମୂଳ ଲକ୍ଷ୍ୟ । ଭାରତୀୟ ଜନସଂଘର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ୍ ଦୀନଦୟାଲଜୀ ଏକାତ୍ମମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ । ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍‌ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ ଅଟେ। ଅନ୍ତ୍ୟୋଦୟ



ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀ ଙ୍କ ଏକ ଅଭୂତପୂର୍ବ ସଫଳତା। ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ। ୧୯୮୫ ମସିହାରେ ଭାରତୀୟ ଜନତା ପାର୍ଟି ଏହାକୁ ନିଜର ବୈଚାରିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ପଂଚନିଷ୍ଠାରେ ସ୍ଥାନିତ କରିଛି । ପରବର୍ତୀ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ମହାନ ଦର୍ଶନକୁ ଆଧାର କରି ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମଧ ଦୀନଦୟାଲଜୀ ଙ୍କ ଅନ୍ତ୍ୟୋଦୟ ପରିକଳ୍ପନାକୁ ଆଧାର କରି ବହୁ ସଫଳତା ପାଇଛନ୍ତି । ବିଶେଷ ଭାବେ ଦେଶରେ ବସବାସ କରୁଥିବା ଗରିବ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ବହୁ ଗରିବକଲ୍ୟାଣ ମୂଳକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଂଚଳର ବିକାଶକୁ ପ୍ରାଧାନ୍ୟ, ବାସହୀନ ଗରିବଙ୍କୁ ପକ୍କାଘର, ସମସ୍ତଙ୍କୁ ଶସ୍ତା ବିଜୁଳି ଓ ପାନୀୟ ଜଳ ଯୋଗାଣ, ସମସ୍ତଙ୍କ ଘରେ ପାଇଖାନା ଓ ରୋଷେଇ ଗ୍ୟାସ ଯୋଗାଣ, ଜାତୀୟ ଜୀବିକା ମିଶନରେ ସମସ୍ତଙ୍କୁ କାମ ଓ ରୋଜଗାର, ମହିଳା ସଶକ୍ତିକରଣ ଆଦି ଗରୀବକଲ୍ୟାଣମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଜୀ ଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର। ଗ୍ରାମାଂଚଳରେ ସେବା କରୁଥିବା ଗରିବ ଏବଂ ସମାଜର ଅବହେଳିତ ବ୍ୟକ୍ତିମାନଙ୍କ ପ୍ରତି ଦୀନଦୟାଲଜୀ ଙ୍କ ସଂକଳ୍ପବଦ୍ଧତାକୁ ସ୍ମରଣ କରିବା ହେଉଛି ସମର୍ପଣ ଦିବସର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି ସମର୍ପଣ ଦିବସରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଯୋଗ ଦେଇ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଜୀ ଜଣେ ଅଦ୍ୱୈତ୍ୟ ସଂଗଠକ ଥିଲେ। ସେ ଭାରତୀୟ ଜନତା ସଂଘର ପ୍ରାଣ ପ୍ରତିଷ୍ଠାତା ଅଟନ୍ତି। ଭାରତବର୍ଷରେ ମୂଲ୍ୟଭିତିକ ରାଜନୀତି ସେ ଆରମ୍ଭ କରିଥିଲେ। କାଶ୍ମୀରରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଯେତେବେଳେ ବଳିଦାନ ହେଲା ସେ ସମୟରେ ଦୀନଦୟାଲ ଉପାଧ୍ୟାୟ ଜୀ ଦଳର ମଙ୍ଗ ଧରିଥିଲେ। ସେ ଅଟଳ ବିହାରୀ ବାଜପେୟୀ ଙ୍କୁ ନେତୃତ୍ୱ ଭାବେ ପ୍ରସ୍ତୁତ କରିଥିଲେ। ଦୀନଦୟାଲ ଉପାଧ୍ୟାୟଜୀ ଙ୍କୁ ୧୯୬୮ ମସିହା ଫେବୃଆରୀ ୧୧ ତାରିଖରେ ମୋଗଲ ସରାଇ ରେଳଷ୍ଟେସନରେ ହତ୍ୟା କରାଯାଇଥିଲା। ଏହା ପୂର୍ବରୁ ସେ ଦେଶରେ ୩୫ଟି ଲୋକସଭାରେ ଜନସଂଘକୁ ବିଜୟୀ କରିବା ସହ ୪ଟି ରାଜ୍ୟକୁ ଶାସନ କ୍ଷମତାକୁ ଆଣିଥିଲେ। ଦୀନଦୟାଲଜୀ ରାଷ୍ଟ୍ରୀୟ ଚିନ୍ତାଧାରାରେ ଦେଶ, ଜାତୀୟତାବାଦ, ଦେଶଭକ୍ତି ଏବଂ ଶୃଙ୍ଖଳିତ ଆତ୍ମୀୟତା ଦୃଢତାର ଜଣେ ପ୍ରତୀକ ଥିଲେ। ମୋଗଲ ଷ୍ଟେସନ ଦୀନଦୟାଲ ଉପାଧ୍ୟାୟଜୀ ଙ୍କ ନାମରେ ନାମିତ ହୋଇଛି। ସେ ଗୁଳ୍ମ ରୁ ବଟବୃକ୍ଷ ଭାବେ ଆମ ସଂଗଠନକୁ ତିଆରି କରିଛନ୍ତି। ସେ ଜଣେ ଯୋଗ୍ୟ ମଣିଷ ତିଆରି କାରଖାନା ଥିଲେ। ତାଙ୍କ ନୀତିକୁ ଆଧାର କରି ଗରିବ କଲ୍ୟାଣ ଯୋଜନାରେ ସାଧାରଣ ଲୋକଙ୍କ ବିକାଶ କରାଯିବ। ଏହି ଏକାତ୍ମମାନବବାଦ ଦର୍ଶନକୁ ସଫଳ ରୂପେ କ୍ରିୟାନ୍ୱୟନ କରିବା ପାଇଁ ଏବେ ୨୦ଟି ରାଜ୍ୟ ସରକାର ଓ କେନ୍ଦ୍ରସରକାର ଲାଗିଛନ୍ତି। ଏକାତ୍ମମାନବବାଦର ବିଚାରଧାରାକୁ ସ୍ମରଣ କରିବା ପାଇଁ ଏହି ସମର୍ପଣ ଦିବସ ପାଳନ ହୋଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀ ଙ୍କ ନୀତି ଆଦର୍ଶ ଓ ବିଚାରରେ ଅନୁପ୍ରାଣିତ ହୋଇ ଆଜି ଏହି ମହାନ ଦିବସରେ ସମାଜ ପାଇଁ ଆମେ ସମସ୍ତେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେବା। ଏହା ହିଁ ହେବ ପଣ୍ଡିତଜୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

ସମର୍ପଣ ଦିବସ ପାଳନର ରାଜ୍ୟ ସଂଯୋଜକ ତଥା ରାଜ୍ୟ ଉପସଭାପତି ଶ୍ରୀ ଅଶୋକ ମିଶ୍ର ସାଂସ୍କୃତିକ ରାଷ୍ଟ୍ରବାଦ, ଅନ୍ତ୍ୟୋଦୟ, ପରିଷ୍କୃତ ଗଣତନ୍ତ୍ର ଓ ଦୀନଦୟାଲଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ସ୍କୁଲ ପିଲାଙ୍କ ଯାତାୟାତରେ ବାଧକ ସାଜିଛନ୍ତି ଫୁଟପାଥ ବେପାରୀ

ଜଗତସିଂହପୁର,୧୧।୨(ନି.ପ୍ର.): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ଗ୍ରାମପଂଚାୟତ ଅଧୀନ ଗୋପାଳପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ ବହୁପୁରାତନ ଗୋପାଳପୁର ନୋଡାଲ ଉପ୍ରା ବିଦ୍ୟାଳୟ.। ବିଦ୍ୟାଳୟଟି କଟକ ପାରାଦ୍ୱୀପ ମୁଖ୍ୟରାସ୍ତା କଡରେ ଅବସ୍ଥିତ ଥିବାରୁ,କୁନି କୁନି ଛାତ୍ରୀ ଛାତ୍ର ମାନଙ୍କ ଯାତାୟାତକୁ ଦୃଷ୍ଟିରେ ରଖି, ତଥା ଦୃଘଟଣାକୁ ଏଡାଇବାପାଇଁ,ଗୋପାଳ ପୁର ଗ୍ରାମର ଦୁରଦୃଷ୍ଟି ସମ୍ପର୍ଣ ଜୈନିକ ସମାଜସେବୀ ଓ କେତେକ ବୁଦ୍ଧିଜୀବୀ ମାନଙ୍କ ଉଦ୍ୟମରେ ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ,ଲକ୍ଷାଧିକ ଟଙ୍କା ବ୍ୟୟରେ ପାଦଚଲା ରାସ୍ତା ନିର୍ମାଣ କରାଯାଇଥିଲା ।ଏହି ରାସ୍ତାଉପରେ ଉଠା ଦୋକାନୀମାନଙ୍କ ପସରା ମେଲି ଥିବାରୁ, ବିଦ୍ୟାଳୟର ଛାତ୍ରୀ, ଛାତ୍ର ମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଭବିଷ୍ୟତରେ ଦୁଘାଟଣାକୁ ଏଡାଇ ଦିଆଯାଇନାପାରେ। ଏଠାରେ ପ୍ରଶ୍ନଉଠେ ଏହି ରାସ୍ତାଟି କାହା ସ୍ୱାର୍ଥରେ ? ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଆଇ.ଏନ୍.ଟି.ୟୁ.ସି. ନିବେଦନ

ଯାଜପୁର,୧୧/୨(ନି.ପ୍ର): ସମଗ୍ର ଭାରତବର୍ଷରେ ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତା କାଲି ଭାରତୀୟ ରାଷ୍ଟ୍ରୀୟ ମଜ୍‌ଦୁର ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ଆଗାମୀ ତା ୧୨/୦୨/୨୦୨୬ ରିଖ (ଗୁରୁବାର) ଦିନ ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ୪ଟି ଲେବର କୋର୍ଟକୁ ପ୍ରତ୍ୟାହାର, ମନରେଗା ସ୍କିମ୍‌ର ପୁନରୁର୍ଦ୍ଧାର, ୨୦୨୫ ବିଦ୍ୟୁତ ବିଲ୍ , ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରୀ, ଅଙ୍ଗନୱାଡ଼ି, ପାଚିକା, ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା ଦାବିରେ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି। ଦୀର୍ଘ ଦୁଇବର୍ଷଧରି ସ୍ମାରକପତ୍ର, ସଂସଦ ସମ୍ମୁଖରେ ଧାରଣା, କାର୍ଯ୍ୟ ବନ୍ଦ ଆନ୍ଦୋଳନ କଲା ପରେ ମଧ କେନ୍ଦ୍ର ସରକାର, ଶ୍ରମିକ କର୍ମଚାରୀ ସଂଗଠନ ମାନଙ୍କୁ ଡାକି ଆପୋଷ ଆଲୋଚନା ମାଧମରେ ସମାଧାନ ଉଦ୍ୟମ ନକରିବା ଫଳରେ ଶ୍ରମିକମାନେ ଏହି ଧର୍ମଘଟ କରିବାକୁ ଆହ୍ୱାନ ଦେଇଛନ୍ତି। ଏଣୁ ଓଡ଼ିଶାର ସମସ୍ତ ବ୍ୟବସାୟ ସଂଗଠନ, ବ୍ୟାଙ୍କ ଅଫିସ୍, ଗାଡ଼ି ଚଳାଚଳ ପ୍ରଭୃତି ବନ୍ଦ ରହିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ ଛାତ୍ରଯୁବକ, ଚାଷୀ, ମୂଲିଆ, ଶ୍ରମିକ ପ୍ରଭୃତି ସହଯୋଗ କରିବା ପାଇଁ ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସ ଜାତୀୟ ଉପସଭାପତି, ରାଜ୍ୟ ସଭାପତି, ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ ଅନୁରୋଧ କରିଥିବା ବେଳେ ଯାଜପୁର ଆଇ.ଏନ୍.ଟି.ୟୁ.ସି ପକ୍ଷରୁ ନିରଞ୍ଜନ ପଣ୍ଡା, ମଧୁସୂଦନ ଜେନା, ରଘୁନାଥ ମାଝିଙ୍କ ସମେତ ଜିଲ୍ଲା କଂଗ୍ରେସର ନେତୃମଣ୍ଡଳୀ ମନୋଜ ରାଉତ, ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ସୁଦିପ୍ କର, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯୋଧନ ବେହେରା, ଗଦାଧର ଦାସ, ବିଳାସ ରାଉତ, ଭାସ୍କର ମହାନ୍ତି, ଦିଲ୍ଲୀପ ଦାସ, ଗୋବିନ୍ଦ ସାହୁ, ନିକୁଞ୍ଜ ସାମଲ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, କନକ ରାଉତ, ହୃଷିକେଶ ପତି ପ୍ରଭୃତି ବନ୍ଦକୁ ସଫଳ କରିବା ସହିତ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

# ଏ ୩ ମିନେରାଲ ଆଣ୍ଡ ମେଟାଲ୍ ଏକ୍ସପୋର୍ଟ ପ୍ରାଇଭେଟ୍ ଲିଃ ର ଜନଶୁଣାଣୀ ଶିବିର

ବଡ଼ଚଣା, ୧୧।୨.(ନି: ପ୍ର) ବଡ଼ଚଣା ବ୍ଲକ୍ ଅଧିନ ବୈରୀ ଠାରେ ଏ ୩ ମିନେରାଲ ଆଣ୍ଡ ମେଟାଲ ଅକ୍ସ ପ୍ରୋଟ ପ୍ରାଇଭେଟ୍ ଲିଃ କମ୍ପାନୀ ପକ୍ଷରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ କଳିଙ୍ଗ ନଗର ପଲ୍ୟୁସନ୍ ବୋର୍ଡ ଅଧିକାରୀ ମଦନ ମୋହନ ସାହୁ ଉପସ୍ଥିତ ଥିଲେ। ପୂର୍ବରୁ ଏହି କାରଖାନା ୪.୮ ଏକର ଜମିରେ ବସିଥିବା ବେଳେ ବାର୍ଷିକ ୧୮ ହାଜର ୫୦୦ ଟନ୍ ର ଉତ୍ପାଦନ କ୍ଷମତା ରହିଥିଲା ।ବର୍ତ୍ତମାନ କମ୍ପାନୀର ଉତ୍ପାଦନ କ୍ଷମତା କୁ ବଢାଇ ୧ ଲକ୍ଷ ୬୦ ହଜାର ଟନ୍ କୁ ବୃଦ୍ଧି କରାଯିବ ବୋଲି ଜଣାପଡିଛି, ବାର୍ଷିକ ହାରାହାରି ୬୦ ହଜାର ଟନ୍ କାରବାର କରିବ ବୋଲି କମ୍ପାନୀ ଲକ୍ଷ ରଖିଛି। କମ୍ପାନୀ ଭୂ-ତଳ ଜଳର ବ୍ୟବହାର, ବିଶେଷ କରି ପରିବେଶ ସୁରକ୍ଷା ,ସ୍ୱାସ୍ଥ୍ୟ , ଗମନା ଗମନ ତଥା ସ୍ଥାନୀୟ ଅଂଚଳର ଉନ୍ନତି ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ଦର୍ପଣ ତହସିଲ ର ଅଧିକାରୀ ବିରଜା ପ୍ରସାଦ ରାୟସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପ୍ରିୟା ଦାସ . ସମିତି ସଭ୍ୟ ବିଳାସିନୀ ଖୁଣ୍ଟିଆ ଙ୍କ ସମେତ ଆଖ ପାଖ ଅଂଚଳର ବହୁ ଜନ ପ୍ରତିନିଧି ଓ ଜନ ସାଧାରଣ ଯୋଗ ଦେଇ ଥିଲେ।

# ୧୭ରୁ ଆଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା



କେନ୍ଦୁଝର,୧୧।୨: କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମରେ ଆଗାମୀ ଫାଲଗୁନ ମାସ ଶୁକ୍ଳ ପକ୍ଷ ତୃତୀୟା ଇଂରାଜୀ ତା ୧୭.୦୨.୨୬ ଠାରୁ ୨୦.୦୨.୨୬ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛ। ଗୋବର୍ଦ୍ଧନ ଗ୍ରାମବାସୀବୃନ୍ଦଙ୍କ ଦ୍ୱାରା ଆୟୋଜିତ ଏହି ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ପ୍ରସାଦ ସେବନ, ଦ୍ୱିତୀୟ ଦିନ କଳସଯାତ୍ରା, ଧାନ୍ୟାଦିବାସ, ଅଗ୍ନିସ୍ଥାପନ ଓ ପ୍ରସାଦ ସେବନ, ତୃତୀୟ ଦିନ ଦେବ ଉତଥାପନ, ବୈଦିକରିତିରେ ମହାସ୍ନାନ ଓ ପ୍ରସାଦ ସେବନ, ଚତୁର୍ଥ ଦିନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଧ୍ୱଜା ପ୍ରତିଷ୍ଠା, ତ୍ରିଶୂଳ ପ୍ରତିଷ୍ଠା, ଦେବତା ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଏବଂ ପ୍ରସାଦ ସେବନ ଆଜି କାର୍ଯ୍ୟକ୍ରମ ସୂଚୀ ରହିଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କୁ ପାଇବା ପାଇଁ ଗୋବର୍ଦ୍ଧନ ଗ୍ରାମବସୀଙ୍କ ତରଫରୁ ଜୟଚନ୍ଦ୍ର ବେହେରା, ସଦାଶିବ ସାହୁ, ଫକୀର ମୋହନ ବେହେରା, ଶତ୍ରୁଘ୍ନ ସାହୁ ଓ ଅନିଲ କୁମାର ପ୍ରଧାନ ପ୍ରମୁଖ ଭଦ୍ରାସାହି ସ୍ଥିତ ବିଜେପି କାର୍ଯ୍ୟାଳୟକୁ ଆସି ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଶ୍ରୀ ତ୍ରିପାଠୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସହମତି ପ୍ରଦାନ କରିଥିବା ଜଣା ପଡିଛି । ଶ୍ରୀ ତ୍ରିପାଠୀ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥିବା ସମାଜସେବୀ ଶ୍ରୀ ତ୍ରିପାଠୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ କରିବା ତାଙ୍କ ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସ, ଭରଷା ତଥା ଶ୍ରଦ୍ଧା ଓ ଆତ୍ମୀୟତାକୁ ସୂଚାଇ ଦେଇ ଥାଏ ।

# ଭକ୍ତଙ୍କ ଅଧୀନରେ ଭଗବାନ : ଉପମୁଖ୍ୟମନ୍ତ୍ରୀ



ପିପିଲି,୧୧।୨: ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭକ୍ତ ଶିରୋମଣୀ ଦାସିଆଙ୍କ ଜନ୍ମ ଓ ସାଧନା ପୀଠର ଉନ୍ନତିକରଣ ପାଇଁ ୨କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ପ୍ରକଳ୍ପର ବୁଧବାର ଅପରାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଭକ୍ତଙ୍କ ଅଧୀନରେ ଭଗବାନ ବୋଲି ସେ ପ୍ରକାଶ କରିବା ସହ ଏହି ପୀଠର ସର୍ବାଙ୍ଗୀନ ବିକାଶ କରାଯିବ ବୋଲି ପ୍ରକାଶ କରିଥିଲେ ।ଏହି ଅବସରରେ ବାଲିଗାଁ ଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡା ଭକ୍ତ ଦାସିଆଙ୍କ ସ୍ତୁତିଚାରଣ କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ପିପିଲିରେ ୧୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବୃହତ ଚାନ୍ଦୁଆ ହସ୍ତକଳା ମାର୍କେଟ ସଂପର୍କରେ ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ ପାତ୍ର ଯୋଗଦେଇ ଭକ୍ତ ଦାସିଆଙ୍କ ସଂପର୍କରେ ଆଲୋକପାତ କରିଥିଲେ। ଭକ୍ତ ଦାସିଆଙ୍କ ପୀଠକୁ ପର୍ଯ୍ୟଟକମାନେ କିଭଳି ସୁବିଧାରେ ଆସିପାରିବେ ଓ ସେମାନଙ୍କ ଶୃଙ୍ଖଳିତ ଦର୍ଶନ, ରହଣୀ, ବିଶ୍ରାମ ଓ ଗାଡି ପାର୍କିଂ ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ବୋଲି ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୨୦ ଜଣ ଏମ୍‌ବିକେ ଙ୍କୁ ଲାପଟପ କିଣିବା ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଓ ୨ଟି ପଞ୍ଚାୟତର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୮ ଲକ୍ଷ ୫୦ ହଜାର ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରିଥିଲେ। ଶେଷରେ ପିପିଲି ବିଡିଓ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଭକ୍ତ ଦାସିଆଙ୍କ ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତୀ, ସମାଧି ପୀଠ, ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଉପମୁଖ୍ୟମନ୍ତ୍ରୀ ଦର୍ଶନ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ୍ ଭୁବନେଶ୍ୱର (ତୋଷାଳୀ) ଏବଂ ୱାଲେଟ୍ ଫର୍ ୱେଲ୍‌ଥ ଅନୁଷ୍ଠାନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ହାତରେ ୫ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା।

# ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଥୁଆମୂଳ ରାମପୁର ୧୧।୨(ନି.ପ୍ର.): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତ ଅନ୍ତର୍ଗତ କାଠଘରା ର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନ ର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମେନ ଦୟାନିଧି ମାଝୀ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋସଲା , ବିଡ଼ିଓ ଧ୍ରୁବଚରଣ ମୁଦୁଲି , ଡରଙ୍ଗ ସୁଭଜିତ୍ ସ୍ୱାଇଁ



, ଏମ ଆଇ ବିଭୁ ରଞ୍ଜନ ସାହୁ , ଅନ୍ୟାନ୍ୟ ବ୍ଲକ ଷ୍ଟାଫ୍ , ସମାଜସେବୀ ଉମ୍ବରୁଧର ଚଣ୍ଡି , ଏହି ବିଦ୍ୟାଳୟର ଅବସରର ପ୍ରାପ୍ତ ଶିକ୍ଷୟତ୍ରୀ , ଶଶିମଞ୍ଜରୀ ସିଂହ, ମଞ୍ଚାସିନ ହୋଇଥିବା ବେଳେ ଏହି ସ୍କୁଲ ର ବରିଷ୍ଠ ଶିକ୍ଷକ ଚିରଞ୍ଜିବୀ ସ୍ୱାଇଁ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀ କମଳାଦେଇ ମାଝୀ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ଶୁଭାରମ୍ଭ ପୂର୍ବରୁ ଅତିଥି ଓ ଉପସ୍ଥିତ ସମସ୍ତେ ଭଗବାନ ଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ସ୍ୱାଗତ ସଙ୍ଗୀତ ଗାନ କରି ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ପ୍ରଧାନ ଶିକ୍ଷକ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଓ ସ୍କୁଲ ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ସୁ ନାଗରିକ ହେବା ସହ ଆସନ୍ତା କାଲି ର ଅଞ୍ଚଳର ଉନ୍ନତି କରିବା ଲାଗି ଆଗେଇ ଆସି ଉପଯୁକ୍ତ ଶିକ୍ଷା ଗ୍ରହଣ କରି ନିଜ ତଥା ନିଜ ଅଞ୍ଚଳ ର ଗୌରବ ଆଣିବା ଦିଗରେ ଉପଦେଶ ଦେଇଥିଲେ । ତା ସହ ସମସ୍ତେ ଅଧାରୁ ପାଠ ପଢା ବନ୍ଦ ନ କରି ବାଲ୍ୟ ବିବାହ ବନ୍ଦକରି କୁ ସଂସ୍କାର ଦୂର କରିବା ପାଇଁ ଦିଗଦର୍ଶନ ଦେଇଥିଲେ ।ଆଗରୁ ସ୍କୁଲରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ସ୍ୱହସ୍ତରେ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ସ୍କୁଲ ଷ୍ଟାଫ୍ ଦିଲ୍ଲୀପ କୁମାର ଶବର, କୃଷ୍ଣଚନ୍ଦ୍ର ଶବର , କୁମୁଦିନୀ ମାଝୀ , ଅନୁପମା ଦଳେଇ , ସୁଶାନ୍ତ ନାଏକ , ସହିତ ଅନ୍ୟାନ୍ୟ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ଓ ଅଭିଭାବକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ସରକାର ମହିଳା-ନେତୃତ୍ୱାଧୀନ ବିକାଶ ଆଦର୍ଶରେ ବିଶ୍ୱାସ କରନ୍ତି : ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୧୧।୨(ନି.ପ୍ର.): ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନସନ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ ।ଏହି ଅବସରରେ ପରିବାର କଲ୍ୟାଣ, ସ୍ୱାସ୍ଥ୍ୟ ସଂସଦୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ସ୍ୱାଇଁ, ଏବଂ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆୟୋଗର ବାର୍ଷିକ ରିପୋର୍ଟ, ନ୍ୟୁଜଲେଟର 'ବିଜୟିନୀ', ପାସପୋର୍ଟ ଟୁ ଓମେନ ଏମପାୱାରମେଣ୍ଟ' ,ଏବଂ ନୂତନ ୱେବସାଇଟ୍ ଉନ୍ମୋଚିତ ହୋଇଥିଲା। ଏହା ସହିତ ସଫଳ ମିଳନ ହୋଇଥିବା ଦମ୍ପତିଙ୍କୁ ନେଇ ଏକ ସଂକଳନ 'ପୁନର୍ମିଳନ' ମଧ୍ୟ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ ରାଜ୍ୟ ସରକାର କେବଳ ମହିଳା ବିକାଶ ନୁହେଁ, ବରଂ 'ମହିଳା-ନେତୃତ୍ୱାଧୀନ ବିକାଶ' ଆଦର୍ଶରେ ବିଶ୍ୱାସ କରନ୍ତି। ମହିଳାଙ୍କ ବିରୋଧରେ ହେଉଥିବା ହିଂସା, ଅପରାଧ ଏବଂ ଲିଙ୍ଗଗତ ବୈଷମ୍ୟକୁ ସଂପୂର୍ଣ୍ଣ ରୂପେ ଦୂର କରି ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷମାନଙ୍କୁ ପ୍ରତିଷ୍ଠା ଦିବସ ଅବସରରେ ଫୁଲତୋଡ଼ା ବଦଳରେ ଫଳ ଚାଙ୍ଗୁଡ଼ି ବ୍ୟବହାର



କରିବାର ଚିନ୍ତାଧାରାକୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଏହାକୁ ଏକ ସୃଜନଶୀଳ ପଦକ୍ଷେପ ବୋଲି କହିଥିଲେ। ତୃଣମୂଳ ସ୍ତରରେ ଅପପୁଷ୍ଟି ବିରୋଧରେ ଲଢ଼େଇ କରିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଫଳ ବଣ୍ଟନ କରିବାକୁ ସେ କରିଥିବା ଆହ୍ୱାନକୁ ମନେ ପକାଇଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ସଠିକ୍ ପୋଷଣ ଏକ ସାମୂହିକ ଦାୟିତ୍ୱ। ଓଡ଼ିଶା ରାଜ୍ୟ ମହିଳା ଆୟୋଗର କାର୍ଯ୍ୟକୁ ପ୍ରଶଂସା କରି ସେ ମହିଳାମାନଙ୍କୁ ନିଜ ଆଖିରୁ ଲୁହ ପୋଛି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ। ସେ ଆଶ୍ୱାସନା ଦେଇଥିଲେ ଯେ, ରାଜ୍ୟ ସରକାର ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିବଦ୍ଧ ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଏକ ସୁସ୍ଥ ରାଷ୍ଟ୍ରର ଗଠନ ଏକ ସୁସ୍ଥ ରାଜ୍ୟରୁ ହିଁ ଆରମ୍ଭ ହୋଇଥାଏ ଏବଂ ମହିଳାମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଦ୍ୱାରା ହିଁ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ। ସେ ସରକାରଙ୍କ ବିଭିନ୍ନ ଜନହିତକର ପଦକ୍ଷେପ, ବିଶେଷ କରି 'ଖୁସି' ଯୋଜନା ଅଧୀନରେ କିଶୋରୀମାନଙ୍କୁ ମାଗଣା ସାନିଟାରୀ ନାପ୍‌କିନ ପ୍ରଦାନ କରାଯାଉଥିବା ବିଷୟରେ ଆଲୋକପାତ କରିଥିଲେ। ଏଥିସହ କୃମିମୁକ୍ତ ଓଡ଼ିଶା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ୧ରୁ ୧୯ ବର୍ଷ ବୟସର ପିଲାଙ୍କୁ ଏବଂ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ ଔଷଧ ବଣ୍ଟନ କରାଯାଉଛି। ଏହି ଅବସରରେ ରାଜ୍ୟ ମହିଳା କମିଶନର ସଦସ୍ୟମାନଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ଜାରି ରଖିବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବିଶ୍ୱ ଦକ୍ଷତା କେନ୍ଦ୍ର ରେ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟର ଛାତ୍ରୀମାନେ ଦକ୍ଷତା ପ୍ରଦର୍ଶନ କରି ଗୌରବ ଆଣିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ରଖିଥିଲେ । ଏହା ସହ ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସରେ ସୁସ୍ଥ, ସୁରକ୍ଷିତ ଏବଂ ସଶକ୍ତ ସମାଜ ଗଠନରେ ହାତ ବଢାଇବା ପାଇଁ ଆହ୍ୱାନ ଦେଇଥିଲେ ।

ସମାବେଶକୁ ସମ୍ବୋଧନ କରି ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ମହିଳାଙ୍କ ବିରୋଧରେ ଲିଙ୍ଗଭିତ୍ତିକ ହିଂସା ଓ ଅପରାଧ ସମ୍ବନ୍ଧୀୟ ସମସ୍ୟା ସମାଧାନରେ ଆୟୋଗର ଉଲ୍ଲେଖନୀୟ ସଫଳତା ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଆୟୋଗ ଘରୋଇ ହିଂସା, ବିବାହ ସମ୍ବନ୍ଧୀୟ ବିବାଦ, ଯୌତୁକ ସମସ୍ୟା ଓ ଯୌତୁକ ଜନିତ ମୃତ୍ୟୁ, ଆତ୍ମହତ୍ୟା ଓ ବ୍ୟକ୍ତିଗତ ଓ କାର୍ଯ୍ୟସ୍ଥଳରେ ଯୌନ ଶୋଷଣ ଘଟଣା ସଂପର୍କିତ ମାମଲାଗୁଡ଼ିକୁ ଏକ ସୁସଂଗଠିତ ଓ ନିୟମିତ ଅଭିଯୋଗ ନିରାକରଣ ପ୍ରଣାଳୀ ମାଧ୍ୟମରେ ସମାଧାନ କରୁଛି ବୋଲି ମତପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୪–୨୫ ଆର୍ଥିକ ବର୍ଷରେ, ଆୟୋଗ ନିକଟରେ ହୋଇଥିବା ଅଭିଯୋଗ ଦାଖଲ ମଧ୍ୟରୁ ୧,୮୭୯ଟି ମାମଲା ଶୁଣାଣି ମାଧ୍ୟମରେ ସମାଧାନ କରାଯାଇଥିଲା, ଯାହା ମହିଳାଙ୍କ ଅଧିକାର ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ଦିଗରେ ଆୟୋଗର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପୀଡ଼ିତାମାନଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ସେମାନଙ୍କ ଦ୍ୱାରଦେଶରେ ନ୍ୟାୟ ପ୍ରଦାନ କରିବା ପାଇଁ ଆୟୋଗ ଜିଲ୍ଲା ପ୍ରଶାସନର ସହାୟତାରେ ସମସ୍ତ ଜିଲ୍ଲାରେ ଜିଲ୍ଲା ସ୍ତରୀୟ କୋର୍ଟ କ୍ୟାମ୍ପ ଆୟୋଜନ ହୋଇଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ